
# ସୃଜନ

# SRUJAN

## The Creativity Journal

2022, Volume 2, Issue 1



2022, Volume 2, Issue 1

***Editor-in-Chief***
Dr Nilamadhab Kar

***Editors***
Dr Suresh Rath
Mrs Nirupama Kar
Mona Dash

***Editorial board***
Prof Sarat Chandra Rath
Prof Nandini Sahu
Prof Tanmay Panda
Mr Bijay Biswaal
Dr Dinabandhu Sahoo
Dr Chinmayi Nath
Dr Aloke Patnaik
Dr Suryasnata Tripathy
Mona Lisa Jena
Shri Harish Chandra Kar
Shri Satya Pattanaik

**Regional Representatives**
Tapan Panda – America
Satyadeep Acharya – Australia
Pritisikta Panda – Europe
Antaryami Upadhyaya – UK

**Creative Support**
Shreyan Kar, Birmingham
GenX studios, Bhubaneswar

**Publisher**
The Institute of Insight, UK

**Sponsor**
Quality of Life Research and Development Foundation (QoLReF)

**Contact and submit articles at**
srujan.journal@gmail.com OR srujan@instituteofinsight.org

Copyright of all published material in this journal is held by the authors. Please inform any concerns related to copyright or ethical issues to the authors and editors. Permission is required for commercial use of the articles.


2022, Volume 2, Issue 1

# Contents


| | | |
|---|---|---|
| ମଧୁସୂଦନ ରାଓ | ଜରା ଆକ୍ରମଣ | 1 |
| ରବି ନାରାୟଣ ସେନାପତି | ଯାତ୍ରୀ ବିହୀନ ନୌକା | 2 |
| ମନୋଜ କୁମାର ମହାପାତ୍ର | ମିଠାଫଳ | 4 |
| କୃତ୍ତିବାସ ନାୟକ | ପ୍ରଥମ ରାତି: ବିଲେଇ ହତ୍ୟା | 10 |
| **Binodini Patra** | **Tortoise** | **13** |
| **Debasis Tripathy** | **Condolence meeting** | **15** |
| | **Absorb** | **15** |
| | **Kumar Poornima** | **16** |
| **Sumitra Mishra** | **Discontent** | **17** |
| | **Hanged or murdered?** | **18** |
| **Saroj Kar** | **Jagannath Dham, Puri** | **21** |
| **Nandini Sahu** | **Alternative masculinity (?!)** | **23** |
| ସୂର୍ଯ୍ୟସ୍ନାତ ତ୍ରିପାଠୀ | କେଳା | 31 |
| ତପତି ପାଣିଗ୍ରାହୀ | ଘର | 33 |
| ଘନଶ୍ୟାମ ଜେନା | ଅହଂରୁ ଅମୃତ ଯାଏ | 34 |
| | ଜୀବନକୁ ଖୋଜୁ ଖୋଜୁ | 35 |
| | ସୃଜନୀ ଲୋ | 36 |
| **H.W. Longfellow** | କୁହ ନାହିଁ ବଂଧୁ କୁହନାହିଁ – | 37 |
| | ମର୍ମାନୁବାଦ - ହରିଶ୍ ଚନ୍ଦ୍ର କର | |
| ଅରବିନ୍ଦ ଦାସ | ଉଙ୍କୁଣୀ ପାନିଆ | 38 |
| **Ajay Upadhyaya** | **Tomb of the unknown medic** | **42** |
| କୃପାସାଗର ସାହୁ | ଶ୍ୟାମଳ ସାୟାହ୍ନ | 43 |
| ମୈତ୍ରେୟୀ କମିଳା | ଖୋଜୁଛି ମୁଁ ଏମିତି ଏକ ଋତୁ | 50 |
| **Subas Pradhan** | **Love is the blue sky…** | **51** |
| ନରେଶ ଚନ୍ଦ୍ର ସାହୁ | ବର୍ଣ୍ଣବୋଧ | 52 |
| ଅମ୍ବରୀଶ ଶତପଥୀ | ସ୍ରଷ୍ଟା ! ତୁମର ସୃଷ୍ଟିକୁ ରଖ | 54 |
| | କିଏ କହେ | 55 |

| | | |
|---|---|---|
| **Aninda Biswas** | **British landscapes** | **56** |
| ମୋନାଲିସା ଜେନା | ତେଲୋ ଜାକାଶୀକା | **58** |
| **Jyotsna Mohanty** | **Visions** | **60** |
| ଶ୍ରୀପ୍ରସାଦ ମହାନ୍ତି | ଅସମାହିତ | **61** |
| ଗ୍ଲାବେଲା ରଥ | ପ୍ରକୃତି ସେ - ଅଣାକାର | **66** |
| **Sneha Kar** | **Sweet** | **67** |
| | **Cupcake** | **68** |
| ଜ୍ୟୋସ୍ନା ମିଶ୍ର | ଅନାମିକା ସମ୍ପର୍କ | **69** |
| ଗୀତା ଷଡ଼ଙ୍ଗୀ | ନଟ | **71** |
| ଅଳକା ମହାନ୍ତି | କୋଣାର୍କ | **72** |
| ହୀରକ ମିଶ୍ର | ଜୀବନ | **73** |
| **Pravati Panigrahi** | **I am me** | **74** |
| | **Break the bias** | **75** |
| ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ | ମାଆ | **76** |
| | ବଳୀ | **77** |
| | ଭୃଣହତ୍ୟା | **78** |
| ନିରୁପମା କର | ଆ ବୁଲି ଆସିବା ନଈକୂଳ ଆଡେ | **80** |
| **Dinabandhu Sahoo** | **Longing** | **83** |
| ନୀଳମାଧବ କର | ଗୁଞ୍ଜରଣ | **84** |
| | **Information about the journal** | **90** |


**Cover Page Photo**
**Saroj Kar, Bhubaneswar**



# ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ

# Srujan: The Creativity Journal

**Articles for Srujan**

This is an effort to put together a journal with the choicest creative articles in Odia Literature and creativity in other fields of artistic expressions linked to Odisha for *an international readership*; with an aim of propagating, promoting Odia literature and creativity worldwide.

Articles (‘poem, short story, art, and other creative forms’) are invited for the **Srujan: The Creativity Journal**. Please send your selected articles only. Submit one article at a time; for poems you can send up to 3 small poems. Do not send essays and critiques.

This is **a multi-lingual** journal accepting creative articles of translations from and to Odia from different languages; along with article from Odia people writing in other languages.

The journal will consider pre-published articles as well (you may have to acquire permission from the original publishers if they have such condition).

Selection of all the submitted articles is done by a peer group, ***except the invited ones***.

**ସୃଜନ ପାଇଁ ଲେଖା**

ଓଡ଼ିଆ ଭାଷା ଓ ସୃଜନ ସମ୍ଭାର ସବୁକୁ ନେଇ ସଂଯୋଜିତ ଏହି ପତ୍ରିକା ବିଶ୍ୱର ପାଠକପାଠିକାମାନଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ । ଓଡ଼ିଆ ସାହିତ୍ୟର ଓ କୀର୍ତ୍ତିସବୁର ପ୍ରଚାର ପ୍ରସାର ଏହାର ମୁଖ୍ୟ ଲକ୍ଷ୍ୟ ।

ଏହା ପାଇଁ ଆପଣ 'କବିତା, କ୍ଷୁଦ୍ରଗଳ୍ପ, ଚିତ୍ରକଳା, ଆଲୋକଚିତ୍ର ଓ ଅନ୍ୟ ସୃଜନଶୀଳ ଲେଖା ପଠାଇ ପାରିବେ । ଆପଣ ନିଜର ସୁନିର୍ବାଚିତ ଲେଖାଗୁଡିକୁ ହିଁ ପଠାନ୍ତୁ । ଥରକେ ଗୋଟିଏ ଲେଖା ପଠାନ୍ତୁ; ତେବେ କବିତା ପାଇଁ ଥରକେ ତିନୋଟି ପର୍ଯ୍ୟନ୍ତ ଛୋଟ କବିତା ପଠାଇ ପାରିବେ । ନିବନ୍ଧ, ଆଲୋଚନା ଆଦି ପଠାନ୍ତୁ ନାହିଁ ।

ଏହା ବହୁ ଭାଷିକ ପତ୍ରିକା । ଓଡ଼ିଆ କବି ଓ ଲେଖକ ନିଜର ଇଂରାଜୀ ଲେଖା, ଅନୁବାଦ ଲେଖା (ଓଡ଼ିଆରୁ ଅନ୍ୟଭାଷାକୁ ଓ ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ ହୋଇଥିବା ଲେଖା) ପଠାଇ ପାରିବେ ।

ପୂର୍ବ ପ୍ରକାଶିତ ଲେଖା ବି ପଠାଇ ପାରିବେ, ଯଦି ସେସବୁର ପୁନଃ ପ୍ରକାଶନ ପାଇଁ ଆପଣଙ୍କ ପାଖରେ ଅନୁମତି ଥାଏ ।

ଆମନ୍ତ୍ରିତ ଲେଖାକୁ ଛାଡିଦେଇ, ପଠାଯାଇଥିବା ଅନ୍ୟସବୁ ଲେଖାଗୁଡ଼ିକର ଚୟନ ଏକ ଲେଖକ-

Please refer to the 'Instruction to authors' for more information about submission. All the articles should be submitted in Word file, (preferably Kalinga font for Odia), author's name, address (place and state/country), bio in 100 words, email are essential. Submit to the email below.

The article should be the authors' own creation. Authors will remain responsible for any conflicts about their submission. Editorial board or the publishers will not have any liability.

Looking forward to your submissions.

Editorial Team,
Srujan: the creativity Journal
srujan.journal@gmail.com
srujan@instituteofinsight.org

ଲେଖିକା ଓ ପାଠକ ମଣ୍ଡଳୀ ଦ୍ୱାରା କରାଯାଏ l ଲେଖା ପଠାଇବା ପାଇଁ 'ଲେଖକୀୟ ନିର୍ଦ୍ଦେଶାବଳୀ' ଦେଖନ୍ତୁ । ଲେଖାସବୁ Word ଫାଇଲରେ ପଠାନ୍ତୁ, (ଓଡିଆ ଲେଖା ପାଇଁ କଳିଙ୍ଗ ଫଣ୍ଟ, ୟୁନିକୋଡ ଅଧିକ ବାଞ୍ଛନୀୟ), ନିଜର ନାମ, ଠିକଣା (କେବଳ ଗ୍ରାମ/ସହର ଓ ରାଜ୍ୟ/ଦେଶ), ନିଜ ବିଷୟରେ ଶହେ ଶବ୍ଦ, ଇମେଲ, ପଠାଇବା ନିହାତି ଦରକାର l ଲେଖାସବୁ ନିମ୍ନରେ ଦିଆଯାଇଥିବା ଇମେଲକୁ ପଠାନ୍ତୁ l

ଲେଖାସବୁ ଲେଖକ-ଲେଖିକାଙ୍କ ନିଜସ୍ୱ କୀର୍ତ୍ତି ହୋଇଥିବା ଆବଶ୍ୟକ l ଲେଖା ପ୍ରକାଶନର ନୀତି ନିୟମର କୌଣସି ଉଲଂଘନ ପାଇଁ ଲେଖକ-ଲେଖିକା ନିଜେ ଦାୟୀ ରହିବେ; ସେଥିରେ ସୃଜନ ସମ୍ପାଦନା ମଣ୍ଡଳୀ ବା ପ୍ରକାଶକଙ୍କର କୌଣସି ଦାୟିତ୍ୱ ରହିବ ନାହିଁ l

**ଆପଣଙ୍କ ଲେଖା ପଠାଇବା ପାଇଁ ଅଶେଷ ଧନ୍ୟବାଦ l**
**ସମ୍ପାଦନା ମଣ୍ଡଳୀ**
**ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ**
srujan.journal@gmail.com
srujan@instituteofinsight.org

**Information about the journal is given at the end of this issue.**

***For further information please contact***
Srujan Editorial Board: srujan.journal@gmail.com
Quality of Life Research and Development Foundation (QoLReF), India: qolref@gmail.com
The Institute of Insight, UK: theinstituteofinsight@gmail.com

# ଜରା ଆକ୍ରମଣ

## ମଧୁସୂଦନ ରାଓ

ଶକ୍ତି ହରା ଜରା ଛୁଇଁଲାଣି ଦେହ ପୁର
ଅଲକ୍ଷିତେ ବଳ ମୋର କରୁଅଛି ଚ୍ଚୁର
ଯୌବନ ପ୍ରାସାଦ ଭିତ୍ତି ଅକ୍ଷ ଆଘାତରେ
ଭାଙ୍ଗି ପଡୁଅଛି ନିତି କମ୍ପି ଥରେ ଥରେ
ଲିଭି ଯାଉଅଛି କ୍ରମେ ଦୀପ୍ତି ନୟନର
ସାମର୍ଥ୍ୟ ଯାଉଛି ତୁଟି ଏ ମୋ ଚରଣର
ମସ୍ତକରେ କେଶ ଏବେ ହେଲାଣି ପଳିତ
ଦୁର୍ବଳ କଣ୍ଠର ସ୍ୱର ସବୁ ବିଗଳିତ
* * *
ଜରା ଆକ୍ରମଣେ ତେବେ ହେବି କି ନିରାଶ ?
ଢାଳିବି କି ଆର୍ତ୍ତନାଦେ ବିଶାଦର ଶ୍ୱାସ ?
ନିରାଶର କଥା ଛି ଛି, କହିବି କେମନ୍ତେ
ଅନ୍ତରର ଅନୁଭବ ଅନନ୍ତ ବସନ୍ତେ

ooo

**ଭକ୍ତ କବି ମଧୁସୂଦନ ରାଓ ।** ଆଶାବାଦର କବି । ପୋଥି ସଂସ୍କୃତିରୁ ପୁସ୍ତକ ପ୍ରଚଳନ ପୂର୍ବକ ଓଡ଼ିଆ ଭାଷା ସୁରକ୍ଷା ଓ ବିକାଶ ଦିଗରେ ଅନ୍ୟତମ ସାରଥୀ, ବର୍ଣ୍ଣବୋଧ ପ୍ରଣେତା, ପୁରୀ ପଥୁରିଆ ସାହି ଜନ୍ମିତ, ମହାରାଷ୍ଟ୍ରୀୟ ବଂଶଜ ଭକ୍ତ କବି ମଧୁସୂଦନ ରାଓ (୨୯/୦୧/୧୮୫୩ -୨୮/୧୨/୧୯୧୨) ।

**[Pearls from the Stars – ଓଡ଼ିଶା ମାଟିର ଉଜ୍ଜ୍ୱଳ ନକ୍ଷତ୍ରଙ୍କ କୃତିର ପୁନଃ ଉପସ୍ଥାପନା]**

ସଂଗ୍ରାହକ: ହରିଶ ଚନ୍ଦ୍ର କର

ooo

# ଯାତ୍ରୀ ବିହୀନ ନୌକା

ରବି ନାରାୟଣ ସେନାପତି

ଜୀବନ ଏଠି ଦିଶୁଛି
ଯେମିତି ନଦୀ ଘାଟରେ
ପଡିରହିଥିବା ଯାତ୍ରୀବିହୀନ ନୌକାଟିଏ ଭଳି
ସ୍ଥିର, ନିଶ୍ଚଳ, କୋଳାହଳ ଶୂନ୍ୟ
ସମୟ ସ୍ରୋତରେ ଆସିଛି
ଏକ ଅଜଣା ଜୁଆର
ଯାହା ଭସାଇ ନେଉଛି ଶବ ପରେ ଶବ,
ଭାବ ଓ ମୈତ୍ରୀର ଏଭଳି ସଂକଟରେ
ବନ୍ଧୁର ହାତ ପ୍ରସାରିତ ହୁଏନି
ବନ୍ଧୁକୁ ଆଲିଙ୍ଗନ ପାଇଁ
ହାତ ଅଟକି ଯାଏ
ଲକ୍ଷ୍ମଣରେଖା ଏପଟେ, ଲକ୍ଷ୍ମଣ ରେଖା ଭିତରେ ରହି
ମଣିଷର ମନ ପଞ୍ଜୁରୀ ଭିତରେ ଶୁଆ ଭଳି
ଯୁଦ୍ଧର ଆହ୍ୱାନ ଦେଇଛି କରୋନା
ପ୍ରତିଟି ସୈନିକ ନିଜ ଗୃହରେ
ନିଜ ଛାଉଣୀରେ
ଶତ୍ରୁର କମାଣ ଗର୍ଜନ ଶୁଭୁନାହିଁ
ଯାହା ଶୁଭି ଯାଉଛି ପ୍ରତିଟି କାନରେ ।
ଏକ ଅଜଣା ଶତ୍ରୁର ଆସନ୍ନ ପ୍ରତିଧ୍ୱନି
ଏମିତି ଏକ ଯୁଦ୍ଧ କ୍ଷେତ୍ର
ଯାହା ବିବଶ ହୋଇ ଯାଇଛି ।
ବିନା ରକ୍ତପାତ, ବିନା ଅସ୍ତ୍ରାଘାତରେ
ଏମିତି ଶତୃ ଯିଏ ମାଡ଼ି ମାଡ଼ି ଯାଏ
ମଣିଷ ଭିତରେ ଅଲକ୍ଷ୍ୟରେ
ସତର୍କ ଘଣ୍ଟି ବାଜୁଛି ଅହରହ

ଘରେ ରହ, ନିରାପଦ ଥାଅ ।
କରୋନା ସୁଡ଼ଙ୍ଗର
ଅନ୍ଧାର ଭିତରେ
ଦିଶିଯାଉଛି କିଛିକିଛି ଆଲୋକ ରଶ୍ମି
ଜୀବନ ଓ ମୃତ୍ୟୁର ସଂଗ୍ରାମରେ
ବିଜୟୀ ଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି
ଏବେ କରୋନା ପାଇଁ
ସାରା ବିଶ୍ୱ ଖୋଜୁଛି ମୁକ୍ତିର ପଥ
ପୁଣି ଏକ ନୂତନ ପୃଥିବୀ ଜନ୍ମ ନେବ
ଦିଶି ଯାଉଛି ସଂକେତ
ନୂଆ ଆଶା, ଆଶ୍ୱାସନାର ।

ꠂꠂ

**ରବି ନାରାୟଣ ସେନାପତି** ଭାରତୀୟ ପ୍ରଶାସନିକ ସେବାରୁ ଅବସର ଗ୍ରହଣ କରିଛନ୍ତି । ସେ ଓଡ଼ିଆ ଭାଷାରେ କବିତା, ଗଳ୍ପ, ଓ ପ୍ରବନ୍ଧ ଅନବରତ ଲେଖି ଆସୁଛନ୍ତି । ତାଙ୍କର ୧୫'ଟି କବିତା ସଂକଳନ, ୫'ଟି ପ୍ରବନ୍ଧ ସଙ୍କଳନ, ଗୋଟିଏ କ୍ଷୁଦ୍ରଗଳ୍ପ ସଙ୍କଳନ ଓ ପିଲାଙ୍କ ପାଇଁ ତିନୋଟି ସାହିତ୍ୟ ବହି ପ୍ରକାଶିତ ହୋଇଛି ।  ସେ ମଣିଷ ଜୀବନ ଓ ସମକାଳୀନ ବିଷୟ ବସ୍ତୁ ଉପରେ ଲେଖନ୍ତି ।

ꠂꠂ

# ମିଠାଫଳ

**ମନୋଜ କୁମାର ମହାପାତ୍ର**

ସାବିତ୍ରୀ ଝିଅକୁ ଆଁ କରି ଅନେଇଥିଲା । ତା'ର ଜୀବନଯାକର ଘର ଘର ବୁଲି ହାଡଭଙ୍ଗା ପରିଶ୍ରମ ଦିନେ ଏପରି ସୁମଧୁର ଫଳଟିଏ ଫଳେଇବ ବୋଲି ସେ କେବେ କଳ୍ପନା କରିନଥିଲା । ସେ ଯେଉଁଠି ଠିଆ ହେଇଥିଲା ସେଇଠି କେବଳ ଠିଆ ହେଇଛି ଗୋଟିଏ ମାଟି ପିତୁଳା ପରି । ଝିଅକୁ ଗଦଗଦ ହେଇ କୁଣ୍ଢାଇ ପକାଇବାକୁ ଯେତେ ଚେଷ୍ଟା କରୁଥିଲା ସେ ପାରୁନଥିଲା ।

ଝିଅ ଫଟେଇ କହୁଥିଲା – ବୋଉ, ବୋଉ ମୁଁ, ସତ କହୁଛି ମୋତେ ପରା ଆଇ.ଏଫ୍.ଏସ୍ (ଇଣ୍ଡିଆନ ଫରେନ୍ ସର୍ଭିସ) ଚାକିରି ମିଳିଛି । ଦିଲ୍ଲୀ ଯାଇ ଯେଉଁ ଇଣ୍ଟରଭିୟୁ ଦେଇଥିଲି ନା ସେଥିରେ ପାସ୍ କରିଛି । ହେଇ ଦେଖୁନୁ ଚିଠି ।

ଚିଠି ସେ କ'ଣ ଦେଖିବ, ଏକା ନିଃଶ୍ୱାସକେ ଝିଅକୁ କୁଣ୍ଢାଇ ପକାଇଲା ସାବିତ୍ରୀ । ଯେଉଁ ଖୁସିଟା ଛାତି ଭିତରେ ଜମାଟ ବାନ୍ଧିଥିଲା ସେଟା ଆଖିର ଲୁହ ହେଇ ତାର ହାଡୁଆ ଗାଲରେ ବୋହି ଗଲାରୁ ପାଟିଟା ଫିଟିଲା । କଣ୍ଠରୁ ଶୁଭିଲା ତାର ଅନ୍ତର୍ଧ୍ୱନି - ମୋର ପରିଶ୍ରମ ନିଷ୍ଫଳ ହେଇନିଲୋ ମା' । ଏତକ ମାତ୍ର ପଦଟିଏ କହି ଝିଅର ମୁଣ୍ଡକୁ ଆଉଁସି ଦେଲା ସାବିତ୍ରୀ ।

ଏଇ ସାବିତ୍ରୀ ଅନ୍ଧମୁନି ଅଶ୍ୱପତିଙ୍କର କନ୍ୟା କି ସତ୍ୟବାନଙ୍କର ପତ୍ନୀ ହେଇନପାରେ କିନ୍ତୁ ପୁରାଣ ବର୍ଣ୍ଣିତ ସାବିତ୍ରୀଙ୍କର ଅପ୍ରତିହତ ମରଣ ବିରୋଧରେ ଲଢ଼ିବାର ସାହସିକତାର ଅକ୍ଷୟ ବୀଜ ଏଇ କାମବାଲୀ ସାବିତ୍ରୀ ରକ୍ତରେ ପ୍ରବାହିତ ।

ଝିଅର ସଫଳତା ତାର ସ୍ମୃତି ସିନ୍ଦୁକକୁ ଖୋଲିଦେଲା । ସେ ଖୁସିରେ ଆତ୍ମହରା ହେଇ ସମୟ ସୁଅରେ ଭାସି ଯାଉଥିବା ଅତୀତର ଦୁଃଖ ଓ ସଂଘର୍ଷକୁ ଭାବି ବହେ କାନ୍ଦିଲା ସିନା, କିନ୍ତୁ ତା'ର ଲଢେଇ କରିବାର ସ୍ପିରିଟ୍ ସେପରି ଅମ୍ଳାନ ଓ ଅକ୍ଷତ ହେଇ ହୃତ୍ପିଣ୍ଡଟାକୁ ସତେଜ ରଖିଥିଲା । କାଲି ଭଳି ଲାଗୁଛି ସେ ଦିନର ଘଟଣା - ଗାଁ ପ୍ରାଥମିକ ସ୍କୁଲର ହେଡ଼ପଣ୍ଡିତଙ୍କର ଏକମାତ୍ର ଝିଅ ସାବିତ୍ରୀ । ରୂପରେ ଯେମିତି ଖୁଣ ନାହିଁ ସେମିତି ସ୍ୱଭାବ ଓ ଚରିତ୍ରରେ । ବାପା ଗର୍ବ କରି କହୁଥିଲେ ଯେ ମୋର ପୁଅଟିଏ ନାହିଁ କ'ଣ ହେଲା, ଏକା ସାବିତ୍ରୀ ମୋ କୁଳର ଟେକ ରଖିବ । ଅନ୍ଧମୁନି ପୁତ୍ର ସତ୍ୟବାନଙ୍କର ପିତା-ମାତାଙ୍କ ଭକ୍ତି ଓ ଅଶ୍ୱପତି କନ୍ୟା ସାବିତ୍ରୀର ସଂଘର୍ଷ କରିବାର ଦୁର୍ବାର ଇଚ୍ଛା ମୋ ଝିଅ ସାବିତ୍ରୀ ଭିତରେ ରହିଛି । ହେଇପାରେ ସବୁ ବାପା ମା'-ମାନେ ଏମିତି ନିଜର ପିଲାଙ୍କୁ ଟେକି କହନ୍ତି ଇଏ ବି ସେମିତି କହୁଥିବେ ।

ସତକୁ ସତ ହେଡପଣ୍ଡିତଙ୍କର ଝିଅ ବିଷୟରେ ବଢ଼େଇ କୁଢ଼େଇ କହିବାର ଆଦତଟା ହଠାତ ଦିନେ ଫିକା ପଡ଼ିଗଲା । ପାଳି ପୋଷି କେତେ ଆଦରରେ ବଢ଼ାଇ କୁଢ଼ାଇ ଥିବା ସଞ୍ଜି ବିଲେଇଟା ଯେମିତି କେଉଁ ଗୋଟେ ଭୁଆ ସହିତ ଦିନେ ପଳାଇଥିଲା ଏବଂ ହେଡ଼ପଣ୍ଡିତଙ୍କ ଛାତି ଭିତରଟାକୁ ଲଗେଇ ଥିଲା ନିଆଁ, ଆଜି କିନ୍ତୁ ସାବିତ୍ରୀ ତାଙ୍କ ମୁହଁରେ ବୋଳି ଦେଇଛି କଳା । ସାବିତ୍ରୀ ଦଶମ ଶ୍ରେଣୀରୁ ହଠାତ ଦିନେ ଅନ୍ତର୍ଦ୍ଧାନ ହେଇଗଲା ଗାଁ'ରୁ, କ'ଣ ନା ସୁରଟରେ ଚାକିରି କରୁଥିବା ପଡିଶା ଘରର ଟୋକାଟା ସହିତ କୁଆଡେ ପଳାଇ ଯାଇଛି । ଗାଁ ଲୋକେ ନାକରେ କାଠି ଦେଇ ହସୁଥାନ୍ତି - ଦେଖୁନ ଇୟେ ଗୋଟେ ହେଡପଣ୍ଡିତ । ଗୋଟିଏ ବୋଲି ଝିଅ, ଆକଟରେ ରଖିପାରିଲାନି, ଆଉ ଚାରିଆଡେ କହିବେ ଯେ ମୋ ଝିଅ ଭିତରେ ରଜା ଅଶ୍ୱପତିର ଝିଅ, ସାବିତ୍ରୀର ଗୁଣ ଭରି ରହିଛି । ଆରେ ମୂର୍ଖ ଚିଲିମରେ ଯେତେ ଗଞ୍ଜେଇ ମୁଣ୍ଡରୁ ଲାଞ୍ଜ ପର୍ଯ୍ୟନ୍ତ ଭରିଲେ କ'ଣ ହେବ, ଟିକିଏ ନିଆଁ ଝୁଲରେ ଭୁଶ କିନା ଜଳି ଉଠିବ । ହଇଓ ହେଡପଣ୍ଡିତେ ! ନିଆଁ ପାଖରେ ଘିଅ ରହେନି, କି ଗଞ୍ଜେଇ ଭରା ଚିଲିମ-ମୁହଁ ପାଖରେ ନିଆଁ ଝୁଲ ରହେନି । ପଡିଶା ଘରର ଟୋକାଟାକୁ କାହିଁକି ତୁମ ଘରେ ନସରପସର ହେବାକୁ ଦେଉଥିଲ ହୋ ? ଚୋର ମା' ଆଖି ମଳି ମଳି କାନ୍ଦିଲା ଭଳି ହେଡପଣ୍ଡିତେ ଆଉ କ'ଣ କରିଥାନ୍ତେ ! କପାଳରେ କର ମାରି ଚୁପ୍ ରହିଲେ ।

ଏଣେ କୃଷ୍ଣମୋହନ ଓରଫ ଜୟ ଗୁଜରାଟ ଏଣ୍ଡ୍ କୋ ସୂତାକଳର ମେକାନିକାଲ ଫିଟର । ଲୁବ୍ଧକର ଯନ୍ତାରେ ପଡ଼ିଥିବା ନେଉଳଟିଏ ପରି, ସାବିତ୍ରୀ ପ୍ରେମ ଫାସରେ ବନ୍ଦିନୀ ହେଇ ସ୍ୱଳ୍ପ ବେତନଭୋଗୀ ଶ୍ରମିକ କ୍ୱାର୍ଟର୍ସର ଚାରିକାନ୍ଥ ଭିତରେ ଭାବୁଥାଏ - ଆହାଃ କ'ଣ ଯେ ମୁଁ ନକଲି ! କୃଷ୍ଣମୋହନର ଗୋରା ସୁନ୍ଦର ଚେହେରା ଭିତରେ ଗୋଟିଏ ବିଶାଳ ମଦ ପୋଖରୀଟିଏ ରହିଛି ବୋଲି ଏ ଅଲାଜୁକୀ କେମିତି ଜାଣିପାରିଲାନି ? ଡ୍ୟୁଟିରୁ ଆସିବା ଠାରୁ କେବଳ ବୋତଲ ! ତାର ପାମ୍ପଡ଼, ମିକ୍ସଚର ଯେମିତି ଚାଖଣା, ଏ ହତଭାଗିନୀକୁ ବି ସେ ମଦ ନିଶାରେ ଚାଖଣା କରିସାରିଲିଣି । କୁଆଡେ ଯିବି କ'ଣ କରିବି ନା ଦଉଡ଼ି ଦେବି? ପେଟରେ ବଢୁଥିବା ପିଲାଟାର ଦୋଷ କ'ଣ ? ନା... ନା ସେମିତି କରିବିନି ।

ଏଭଳି ଦୁଶ୍ଚିନ୍ତାରେ, ପିଞ୍ଜରାବଦ୍ଧ ନେଉଳ ଯେମିତି ସୀମିତ ଇଲାକାରେ ଘୂରି ବୁଲେ, ସିଏ ସେଇପରି ଚାରିକାନ୍ଥ କ୍ୱାର୍ଟର ଭିତରେ ରହି ଦିନେ ଜନ୍ମ ଦେଲା କନ୍ୟା ସନ୍ତାନଟିଏ । ମା' ହେବାର ସୌଭାଗ୍ୟ ପାଇ କ'ଣ ସେ ଖୁସି ହେଇପାରିଲା ! ବରଂ ଝିଅର ଅନାବିଳ ହସକୁ ଦେଖି ଲୁହଗୁଡାକ ତା'ର ଆଖିକୁ ଫୁଲାଇ ଦେଲା । ଇୟାଡ଼େ ସ୍ୱାମୀର ବୋତଲଗୁଡ଼ାକ ଗୋଟିଏ ପରେ ଗୋଟିଏ ଖାଲି ହେଉଥିଲା ଯେତିକି ଗତିରେ ତା'ଠାରୁ ବଳିଗଲା ଟଙ୍କା ଅଭାବର ଗତି । କେବଳ ସେତିକି ନୁହେଁ ଅଜସ୍ର ମାଡ଼ ଗାଳିର ବର୍ଷଣ ବି ତା'ର ଦେହକୁ କାଲୁଆ ଓ ବଧିରା ସେତେବେଳକୁ କରିସାରିଲେଣି ।

ଗୋଟିଏ ଜହ୍ନ ରାତିରେ ସାବିତ୍ରୀ ଝରକା ଦେଇ ଦେଖାଯାଉଥିବା ଜହ୍ନକୁ 'ଆ ଜହ୍ନମାମୁଁ ସରଗ ଶଶୀ' କହି ଝିଅକୁ ବହଲାଉଥିବା ସମୟରେ ସ୍ୱାମୀ ମଦନିଶାରେ ସାବିତ୍ରୀକୁ ଟାଣି ଘରୁ ବାହାର କରିଦେଲା । ଯେତେ ନେହୁରା ହେଲେ ବି ତା' କଥା ସ୍ୱାମୀ ଶୁଣିଲାନି ।

ସାବିତ୍ରୀ ଝିଅକୁ କାଖେଇ ଅଶ୍ରୁଭରା ଆଖିରେ ଆକାଶକୁ ଚାହିଁଥିବା ବେଳେ ହଠାତ୍ ନିଜ ଭିତରେ ଏକ ବଜ୍ର ଶପଥ ଦାନା ବାନ୍ଧୁଥିବାର ଅନୁଭବ କଲା । ଆକାଶରେ କ୍ରୀଡ଼ାରତ ଜହ୍ନ ସତେକି କହୁଥିଲା ଚରୈବେତି......ଚରୈବେତି ।

ସାବିତ୍ରୀ ଆଗପଛ ନଭାବି ମାତ୍ର ପାଂଚଶହ ମିଟର ଦୂରରେ ଥିବା ରେଳ ଷ୍ଟେସନ ପାଖକୁ ଚାଲି ଆସିଲା, ଆତ୍ମହତ୍ୟା ପାଇଁ ନୁହେଁ ବରଂ ଚରୈବେତି ପଥରେ ସଂଘର୍ଷ କରିବା ଲାଗି । ଏ ସଂଘର୍ଷ କରିବାକୁ ଜହ୍ନ ତାକୁ ପ୍ରେରଣା ଦେଇଛି – "ଦେଖୁଛ ତ ! ସମୁଦ୍ର-ମା' ନିଜ ପେଟରୁ ମୋତେ ଜନ୍ମ ଦେଇ କେମିତି ଏଇ ଥଳକୂଳ ନଥିବା ଆକାଶକୁ ଫିଙ୍ଗି ଦେଇଛି କେଉଁ କାଳରୁ ଓ ମୁଁ ଅବିରାମ ଗତିରେ ତୁମମାନଙ୍କ ମାମୁଁ ସାଜି ଖାଲି ଖେଳୁଛି ତ ଖେଳୁଛି । ହାରିନି ମ' । ମନରେ ସାହସ ବାନ୍ଧ, ତୁ ବି ଜିତିବୁ ସାବିତ୍ରୀ ।"

ସୁରଟରୁ ସିଧା ଆସି ପହଂଚିଲା ଭୁବନେଶ୍ୱରରେ । ବର୍ତ୍ତମାନ ପ୍ରଶ୍ନ ସେ କେଉଁଠିକି ଯିବ ? ଗାଁକୁ ଏ ପୋଡ଼ା ମୁହଁ ନେଇ ଯାଇପାରିବନି । ଏମିତି ଭାବୁ ଭାବୁ ମନେ ପଡିଲା ତା'ର ସାର୍‌ଙ୍କ କଥା ଯିଏ ତାକୁ ଏକଦା କ୍ଲାସରେ ପଢ଼ାଇଲା ବେଳେ ଜହ୍ନର ଗପ କହିଥିଲେ । ଗପର ଶେଷ କଥାଟି ତାଙ୍କର ଏମିତି ଥିଲା – 'ଆରେ ପିଲାମାନେ ତୁମେ ଜହ୍ନ ଭଳି ହୁଅ । ଜହ୍ନ ଯେମିତି କଳଙ୍କ ମୁଣ୍ଡେଇ ସବୁରିଙ୍କୁ ଆଲୋକିତ କରେ ତୁମେ ବି ମାନ ଅପମାନ ସହି ସାହସର ସହିତ ନିଜ ଓ ପରର ହିତ ପାଇଁ ସଂଘର୍ଷ ଜୀବନ ବିତାଅ ।'

ସାର୍ ଏବେ ପୁଅ ବୋହୂ ପାଖରେ ଭୁବନେଶ୍ୱରରେ ରହୁଛନ୍ତି । ସେ ପାଂଚବର୍ଷ ପୂର୍ବରୁ ବାପାଙ୍କ ସାଙ୍ଗରେ ଥରେ ଆସିଥିଲା । ମନେ ଅଛି ତା'ର ଠିକଣା । ସାବିତ୍ରୀ ଝିଅକୁ କାଖେଇ ସାର୍‌ଙ୍କ ଘରେ ସିଧା ହାଜର । କବାଟ ଠକ ଠକ କଲା । କବାଟ ନଖୋଲିବାରୁ ସେ ସେଇ ପିଣ୍ଡାରେ ଝିଅକୁ ଧରି କେତେବେଳେ ଶୋଇ ପଡିଛି ତାକୁ ଜଣା ନାହିଁ । ବଦନାମ ଓ ନିରାଶ୍ରୟତାର ଯେଉଁ ବୋଝ ମୁଣ୍ଡେଇଛି ତାହାର ଭାରା କ'ଣ ଏତେ ସହଜରେ ସହିହେବ ! ସେଥିପାଇଁ ତ ତାର ଆଖି ଲାଖିଯାଇଛି ।

କିଛି ସମୟ ପରେ କବାଟ ଖୋଲିବାର ଶବ୍ଦ ଭାଙ୍ଗିଦେଲା ତା'ର ନିଦ । ସାମ୍ନାରେ ଠିଆ ହେଇଛନ୍ତି ସାର୍ । କଇଁ କଇଁ କାନ୍ଦି ତାଙ୍କ ପାଦ ତଳେ ଲୋଟି ଯାଇ କ'ଣ କହିବାକୁ ଚାହୁଁଥିବାବେଳେ କୋହଗୁଡାକ ତା'ର କଣ୍ଠକୁ ଅବରୋଧ କରିଦେଲା ।

ସାର୍ କହିଲେ, 'ଉଠ ସାବିତ୍ରୀ । ତୋ ବାପା ପାଖରୁ ସବୁ ଶୁଣିଛି । କିନ୍ତୁ ତତେ କିଛି ସାହାଯ୍ୟ କରିପାରିବିନି । ପୁଅ ବୋହୂ ଘରେ ମୁଁ ଗୋଟିଏ ପାଳିତ ଶ୍ୱାନ, ନା ଏଠି ଭୁକି ପାରିବି ନା ତୋ ଦୁଃଖରେ ହାତ ବଢେଇ ପାରିବି ?'

ସାବିତ୍ରୀ ବୁଝିଗଲା । ଝିଅକୁ କାଖେଇ ଚାଲିଲା ପୁଣି ରାଜରାସ୍ତାରେ । ସେ ଜାଣେ ଯେ ଏତେ ସହଜରେ ସହାୟତା ମିଳେନି କିନ୍ତୁ ଯେଉଁ ଟିକକ ବିଶ୍ୱାସ ଛାତି ଭିତରେ ସଂଚିତ କରି ଏ ଯାଏଁ ରଖିଛି,

ତାହା କେବେ ବି ତାକୁ ଧୋକା ଦେବନି ।

ହଁ ସତରେ ସେମିତି ଘଟିଲା । କନ୍ଧ ବୁଢୀଟିଏ ଗଛ ମୂଳରେ ବସି ଥକ୍କା ମାରୁଥିବା ବେଳେ ନଜର ପଡିଲା ସାବିତ୍ରୀ ଉପରେ । ସାବିତ୍ରୀ ବି ସେଇଠି ବସି ଅନାଇଥିଲା ଫାଙ୍କା ଆଖିରେ, ଝିଅଟା ଗୁରୁଣ୍ଡି ଗୁରୁଣ୍ଡି କନ୍ଧ ବୁଢ଼ୀର କାନି ଟାଣିବାରୁ ସେ ଟେକିନେଲା ତା' କୋଳକୁ । ଝିଅର କୋମଳ ସ୍ପର୍ଶ ତା ବାର୍ଦ୍ଧକ୍ୟର ହାଡୁଆ ଦେହରେ ଖେଳେଇ ଦେଲା ମାତୃତ୍ୱର ଅବିନାଶୀ ପୁଲକ । କୋମଳ ଶିଶୁ ନିମିଷକ ଭିତରେ ଗଢ଼ିଦେଲା ଯେମିତି ଏକ ସେତୁ । ସାବିତ୍ରୀ ସେଇ ସେତୁକୁ ସାହାରା କରି ବୁଢ଼ୀର ଛାତି ଉପରେ ଦୁଃଖର ଝରଣାଟିଏ ବୁହାଇଦେଲା । ବୁଢ଼ୀ ବୁଝିଗଲା ନିରାଶ୍ରୟକୁ ଆଶ୍ରୟ ଦେବାର ମହତ୍ତ୍ୱ । ସାବିତ୍ରୀର ହାତଧରି ନେଇଗଲା ନିକଟସ୍ଥ ବସ୍ତିରେ ଥିବା ତା'ର ଜରିଟଙ୍ଗା ଝାଟିମାଟିର ଭଙ୍ଗା ଘରକୁ ।

ଜୀବନର ଆଉ ଏକ ଅଧ୍ୟାୟର ଆରମ୍ଭ । କନ୍ଧବୁଢ଼ୀ କହିଲା - ଝିଅଲୋ ପର ଘରେ ବାସନ ମାଜି ପେଟ ପୋଷେ । ଆଗକୁ ପଛକୁ ମୋର କେହି ନାହିଁ । ତୋ ପାଇଁ କାମ ଯୋଗାଡ଼ କରିଦେବି । ହେଇ ଦେଖ ବଡ଼ ଆପାର୍ଟମେଣ୍ଟ ଦେଖାଯାଉଛି, ସେଠି କାମ କରେ । ତୋର ବୟସ ଅଛି । ଦିନକୁ ଚାରିଟା ଫ୍ଲାଟ୍‌ରେ କାମ କରିପାରିଲେ ଦଶହଜାର ଟଙ୍କା କମେଇବୁ । ଆଉ ଏଇଠି ମୋ ପାଖରେ ରହିବୁ । ବୁଢ଼ୀ ହେଲିଣି ତ ଗୋଟେ ଫ୍ଲାଟ୍‌ରେ କାମ କରୁଛି, ବେଶୀ କରିପାରୁନି ।

ସାବିତ୍ରୀର ମୁହଁରେ କୁଆଁ ତାରା ଫୁଟି ଉଠିଲା । ସେ ବୁଢୀକୁ କୁଣ୍ଢାଇ କହିଲା, 'ମାଉସୀ, ତମକୁ ଆଉ କାମ କରିବାକୁ ପଡ଼ିବନି । ତୁମର ଏଇ ନାତୁଣୀକୁ ସମ୍ଭାଳିବ, ମୁଁ କାମ କରିବି ।' ବୁଢ଼ୀର ପାକୁଆ ପାଟିରୁ କୋହ୍ଲ ଭାଷାରେ କ'ଣ ସବୁ ଝରି ପଡୁଥିଲା ସେ ଅବଶ୍ୟ ବୁଝି ପାରିଲାନି, କିନ୍ତୁ ତାର ଆଖିରୁ ଝରି ପଡୁଥିବା ବୁନ୍ଦା ବୁନ୍ଦା ଲୁହରୁ ବେଶ୍ ବୁଝି ପାରିଲା ଯେ ସେହି ଭାଷା ଥିଲା ନିସ୍ୱାର୍ଥ ଆଶୀର୍ବାଦର ସୁଅ ।

ବର୍ଷକ ଭିତରେ ସାବିତ୍ରୀ ପାଂଚ-ଛଅଟା ଫ୍ଲାଟ୍‌ରେ କାମ କରିବା ଫଳରେ ଲକ୍ଷ୍ମୀ ଠାକୁରାଣୀ ତା'ର କାନ୍ଧରେ ବସିଲେ । ସାଇକେଲଟିଏ କିଣି ନିଜ କାମ କରିବାର ଗତିକୁ କିଛିମାତ୍ରାରେ ବଢ଼ାଇଦେଲା । ସେ ଏବେ ସ୍ୱାବଲମ୍ବୀ । ଆଉ କାହା ଆଗରେ ହାତ ପତେଇବନି । ଝିଅ ଓ ବୁଢ଼ୀ ମାଉସୀକୁ ନେଇ ତାର ସଂସାର । ଝିଅ ବି ସ୍କୁଲରେ ପାଠ ପଢିଲା ।

ଏମିତି କିଛି ବର୍ଷ ଅନ୍ତେ ଥରେ କାମରୁ ଫେରି ସାବିତ୍ରୀ ନିଜ ଘର ମୁହଁରେ ଯାହା ଦେଖିଲା, ତା'ର ମୁଣ୍ଡ ଝାଇଁ ଝାଇଁ ହେଇଗଲା । ଲୋକଟି ଚିହ୍ନା ଚିହ୍ନା ଲାଗୁଥିଲା । ଝାମ୍ପୁରା ନୁଖୁରା ବାଳ, ଦେହଟା ଅସ୍ଥି କଙ୍କାଳସାର, ହାତ ଯୋଡି କ୍ଷୀଣ ସ୍ୱରରେ କହୁଥିଲା, 'ସାବିତ୍ରୀ ! ଏଇ ଅଧମ ପାପୀକୁ କ୍ଷମା କରିଦେ ।' ଏବେ ସାବିତ୍ରୀ ଚିହ୍ନିଗଲା । ଘୃଣା ଓ ରାଗରେ ଅଗ୍ନିବାଣ ହେଇ କହିଲା, 'ଭାଗ୍, ସର୍ବନାଶୀ ଲମ୍ପଟ ।' ଏତକ କହି ସାବିତ୍ରୀ କବାଟ କିଲିଦେଲା ଏବଂ ଗୁମ୍ ହେଇ କିଛି ସମୟ ବସି ପଡିଲା ସତ କିନ୍ତୁ ତା'ର ଛାତି ଭିତରେ ଘୂର୍ଣ୍ଣିବାତ୍ୟା ହୃତପିଣ୍ଡକୁ ମନ୍ଥି ଦେଉଥିଲା । ପୁଣି କିଛି ସମୟ ପରେ ଝିଅ ସ୍କୁଲରୁ

ଆସିବାରୁ କବାଟ ଖୋଲିଲା । କିନ୍ତୁ ସେଇ ଲୋକଟା ବେହୋସ୍ ହେଇ ପଡିଛି ଦେଖି ସାବିତ୍ରୀ ଚମକି ପଡିଲା । ହେଇ ହେଇ କରି ତାକୁ ଖୁବ୍ ଜୋର୍‌ରେ ଡାକିଲା କିନ୍ତୁ କିଛି ଜବାବ ନାହିଁ ।

ସାବିତ୍ରୀ ଖୁବ୍ ଡରିଗଲା । ଇୟେ ଯଦି ମରି ଯାଇଥିବ ତେବେ ଅପବାଦର ବୋଝ ମତେ ପୁଣି ମୁଣ୍ଡାଇବାକୁ ହେବ । ଲୋକେ କହିବେ ଏଇ ଅଭାଗିନୀ ତାକୁ ମାରିଦେଇଛି । ସାବିତ୍ରୀ ନିଜର ମୋବାଇଲ ଉଠାଇଲା ଏବଂ ୧୦୮ ଆମ୍ବୁଲାନ୍ସକୁ ଡାକି ତାକୁ ତୁରନ୍ତ ସରକାରୀ ହସ୍ପିଟାଲ୍‌ରେ ଆଡ୍‌ମିଟ୍ କରାଇଦେଇ ଘରକୁ ଫେରି ଆସିଲା । ସେ ଖୁବ୍ ଜୋରରେ ସଁ ସଁ ହେଉଥିଲା, ଯେମିତି ଘୂର୍ଣ୍ଣିବାତ୍ୟାଟା ତା ଛାତି ଭିତରଟାକୁ ନାରଖାର କରିଦେଉଛି !!!

କିନ୍ତୁ ରାତିରେ ଶୋଇପାରିଲାନି । କେମିତି ଶୋଇବ ? ବାପା ତ ତା ନାଁ ଦେଇଛନ୍ତି ସାବିତ୍ରୀ । ସକାଳୁ ଶୀଘ୍ର ଆପାର୍ଟମେନ୍ଟ୍‌ରେ କାମ ସାରି ହସ୍ପିଟାଲ୍‌ରେ ହାଜର । ଡକ୍ଟରଙ୍କ ଠାରୁ ଶୁଣିଲା ଯେ ଲୋକଟାର ଦୁଇଟି ଯାକ କିଡ଼ନୀ ଅକାମୀ । ତୁରନ୍ତ ଡାଇଲିସିସ୍ ଦରକାର । ସାବିତ୍ରୀ ଆଗପଛ ନ ବିଚାରି ହସ୍ପିଟାଲ୍‌ରେ ଦଶହଜାର ଟଙ୍କା ଡିପୋଜିଟ୍ କରିଦେଲା । ଡାଇଲିସିସ୍ ପରେ ଲୋକଟି ସାମାନ୍ୟ ସୁସ୍ଥ ହେବାରୁ ଦେଖିଲା ଯେ ସାବିତ୍ରୀ ତା'ର ଗୋଡ଼କୁ ମୋଡି ଦେଉଛି ଓ କାନ୍ଦୁଛି ।

ଲୋକଟି ଅପଲକ ଆଖିରେ ଚାହିଁ ଭାବୁଥିଲା - ହେ ଭଗବାନ! ସତୀ ସାବିତ୍ରୀ ଭଳି ସ୍ତ୍ରୀଟିଏ ପାଇ ବି ତାକୁ ଆପଣାର କରିପାରିଲିନି । କେତେ ନିର୍ଯାତନା ନ ପାଇଛି ମୋ ଠାରୁ । ତଥାପି ମୋତେ ହସ୍ପିଟାଲ୍‌ରେ ଭର୍ତ୍ତି କରି କେତେ ଟଙ୍କା ଖର୍ଚ୍ଚ କଲେଣି । କେବଳ ସେତିକି ନୁହେଁ ସେ ପୁଣି ମୋ ଗୋଡ଼ ମୋଡି ଦେଉଛି । ମୋ ଭଳି ପାପୀ ବଂଚିଲେ ତା'ର ଲାଭ କ'ଣ? ଅତି ଅନୁଚ୍ଚ ସ୍ୱରରେ ଲୋକଟି କାକୁତି ମିନତି ହେଇ କହିଲା - ତମ ଝିଅଟିକୁ ଟିକେ ଦେଖିବାକୁ ଭାରି ମୋର ଇଚ୍ଛା । ସେଥିପାଇଁ ଦୌଡ଼ି ଆସିଛି ତୁମ ପାଖକୁ । ସତ କହୁଛି ଏଇଟା ମୋର ଶେଷ ଇଚ୍ଛା ।

ସାବିତ୍ରୀ ଆଖିରୁ ଲୁହ ପୋଛି ଚାହିଁଲା କିନ୍ତୁ କିଛି ନ କହି ସେଠୁ ପଳାଇ ଆସିଲା । ତା' ପରଦିନ ସନ୍ଧ୍ୟା ବେଳେ ଝିଅକୁ ନେଇ ହସ୍ପିଟାଲ୍‌ରେ ପହଂଚିଲା । ଲୋକଟି ଝିଅର ମୁଣ୍ଡକୁ ଆଉଁସି ଦେଇ କିଛି କହିବାକୁ ଚେଷ୍ଟା କରୁଥିଲା । କିନ୍ତୁ କିଛି କହିପାରିଲାନି । ଆଖି, ନାକ ଓ କଣ୍ଠରେ ଲୁହର ସୁଅ ଛୁଟୁଥାଏ, ସେଥିରେ ସେ କ'ଣ କହି ପାରିବ ! କେବଳ ଅନାଇଥାଏ ଝିଅକୁ ଅପଲକ ଚାହାଁଣିରେ ।

ଝିଅକୁ ନେଇ ସାବିତ୍ରୀ ଘରକୁ ଫେରିଲା ବେଳେ ଡାକ୍ତର କେବଳ ତାକୁ କହିଲେ - ତୁମ ରୋଗୀର ଅବସ୍ଥା ଗମ୍ଭୀର । ଆଶା ବହୁତ କମ୍ । ସାବିତ୍ରୀ ଭିତରଟା ଅରଣ୍ୟ ରୋଦନ ଭଳି କେବଳ ହାହାକାରରେ ପ୍ରତିଧ୍ୱନିତ ହେବାକୁ ଲାଗିଲା । ଝିଅକୁ ଘରେ ଛାଡ଼ି ସ୍ଥିର ହେଇ ବସି ପାରିଲାନି । ଦର୍ପଣରେ ନିଜକୁ ଦେଖିଲା ଯେ ନିଜ ମୁଣ୍ଡର ସିନ୍ଥାଣିରେ ସିନ୍ଦୂର ଦାଉ ଦାଉ ଜଳୁଛି । ସେଇ ସିନ୍ଦୂରକୁ ଜୁହାର ହେଇ କ'ଣ ଯେ କହୁଥାଏ ସେ ଜାଣେ । ଆଉ ସେ ଥୟ ଧରି ବସି ପାରିଲାନି । ପୁଣି ରାତିରେ ହସ୍ପିଟାଲ୍‌କୁ ଚାଲି ଆସିଲା । ଦେଖିଲା ଯେ ଲୋକଟା ବଲବଲ କରି ଚାହିଁଛି । ସାବିତ୍ରୀ ବେଡ୍ ଉପରେ

ବସି ପଡି ତା'ର ମୁଣ୍ଡକୁ ଆଉଁସି ଦେଉଥିବା ସମୟରେ ଅତି ଅନୁଚ୍ଚ ସ୍ୱରରେ ଲୋକଟି କହିଲା - ଝିଅ କ'ଣ ପଢୁଛି ? ସାବିତ୍ରୀ କହିଲା – ଏଥର ମେଟ୍ରିକ ପରୀକ୍ଷା ଦେବ । ଲୋକଟିର ମୁହଁରେ ଦ୍ୱିତୀୟା ଜହ୍ନ ଭଳି ସରୁ ହସଟିଏ ଖେଳିଗଲା । ଆଖି ବି ଧୀରେ ଧୀରେ ବୁଜି ଆସିଲା ।

ଆଉ ତା'ର ଆଖି ଖୋଲିନି । ଶ୍ମଶାନରୁ ସାବିତ୍ରୀ ମେଂଚାଏ ପାଉଁଶ ଧରି ଘରକୁ ଫେରିଆସିଲା, କିନ୍ତୁ ତା'ର ସତ୍ୟବାନକୁ ଫେରାଇ ଆଣିପାରିଲାନି ବୋଲି ଅବସୋସ ରହିଗଲା ।

ଝିଅ ତା ନିଯୁକ୍ତି ପତ୍ରଟିକୁ ସାବିତ୍ରୀ ନାକ ଆଗରେ ହଲାଇ ହଲାଇ କହିଲା, 'ବୋଉ, ବୋଉ ମ ! କାଠ ଭଳି ବସି ଭାବୁଚୁ କ'ଣ I ତୋ ମନ କଣ ଖୁସି ହେଉନି ? ଏଇ ଦେଖ ତୋର ଖଟିଖିଆ ମେହନତି ହାତର ମିଠାଫଳକୁ ।'

ସାବିତ୍ରୀ ଝିଅକୁ ଛାତି ପାଖକୁ ଟାଣି ନେଇ କୋହଭରା କଣ୍ଠରେ କହୁଥିଲା - ବାପା ! ତୁମେ ଆଜି ସ୍ୱର୍ଗରେ I ପିଲାଦିନେ ମୋତେ କହୁଥିଲନା ସାବିତ୍ରୀ ମୋ କୁଳର ଟେକ ରଖିବ I ହେଇ ଦେଖ ତୁମର ସାବିତ୍ରୀ ଆଉ ଗୋଟିଏ ରୂପରେ କେମିତି ତୁମର ଟେକ ରଖିଛି ... ... I

ꟹꟹ

**ମନୋଜ କୁମାର ମହାପାତ୍ର,** ଭୁବନେଶ୍ୱର । ସମ୍ପାଦକ ନିତିଦିନ, ନନ୍ଦିକା, ଓ ଉତ୍ତିଷ୍ଠତ । ପ୍ରକାଶିତ ପୁସ୍ତକ ସଂଭାର: ୧୨'ଟି ଅନୁବାଦ ପୁସ୍ତକ, ୯'ଟି ଉପନ୍ୟାସ, ୭'ଟି ଜୀବନୀ, ୫'ଟି ଗଳ୍ପ ସଂକଳନ, ୪'ଟି ଶିଶୁ ସାହିତ୍ୟ ପୁସ୍ତକ, କବିତା ସଂଗ୍ରହ । ଏହା ସହ ଅନେକ ସାମ୍ପ୍ରତିକ, ଆଧ୍ୟାତ୍ମିକ ଓ ଅନ୍ୟାନ୍ୟ ବିଷୟରେ ନିୟମିତ ପ୍ରବନ୍ଧ ଲେଖନ୍ତି । ବହୁ ସାମାଜିକ, ସାରସ୍ୱତ ଓ ଆଧ୍ୟାତ୍ମିକ ସଂସ୍ଥାମାନଙ୍କ ସହ ଜଡ଼ିତ । www.manojmahapatra.in

ꟹꟹ

# ପ୍ରଥମ ରାତି: ବିଲେଇ ହତ୍ୟା

**କୃତ୍ତିବାସ ନାୟକ**

ବିନୋଦ ଆଉ ବିମ୍ବାଧରଙ୍କ ବନ୍ଧୁପ୍ରୀତି ମଝିରେ ପାଣି ବି ଗଳେନାହିଁ । ପିଲା ବୟସରୁ ସେମାନେ ଭାରିସାଙ୍ଗ । ଦୁହିଁଙ୍କର ଏକା ରାଶି ଭଳି ଲାଗେ । ସେ ଦୁହିଁଙ୍କର ଗତି-ମତି, ଚାଲିଚଳନ ଏକା ପ୍ରକାର । ପିଲା ବୟସରେ ସେ ଦୁଇଜଣ ମିଶି କାହା ବାଡ଼ିରୁ କାକୁଡ଼ି, କଖାରୁ, ଲାଉ ଚୋରି କରନ୍ତି ତ କାହା ପୋଖରୀରୁ ମାଛ ଧରି ନିଅନ୍ତି । ସେଇଥିପାଇଁ ଗାଆଁଲୋକ ତାଙ୍କୁ ଧରି କେତେଥର କାନଧରି ଉଠାବସା କରିଛନ୍ତି ।

ବିନୋଦକୁ କାନ ଧରିବାକୁ କହିଲେ-ବିମ୍ବାଧର ଆଗତୁରା ଉଠାବସା ହେଇପଡ଼େ । କିଏ ଯଦି ତାଙ୍କ ଗାଲରେ ଦି'ଚାରି ଚାପୁଡ଼ା ଦେଇଦେଲା, ତାକୁ ସେମାନେ ଦିହକୁ ନିଅନ୍ତି ନାହିଁ । ଯେଉଁ କଥାକୁ ସେହିକଥା । ଲାଜଭୟ ଛାଡ଼ି ଦେଇଥିବା ବାଲୁଙ୍ଗା ଟୋକା ଦୁଇଟାଙ୍କର ଉତ୍ପାତ ଦିନକୁ ଦିନ ବଢି ଚାଲିଥାଏ । ଜଣଙ୍କ ପରେ ଅନ୍ୟ ଜଣଙ୍କର ବାପା ତାଙ୍କୁ ତେଜ୍ୟପୁତ୍ର କରିଦେବାକୁ କେତେଥର ଭୟ ଦେଖାଇ ସାରିଛନ୍ତି । ତାଙ୍କ ମାଆମାନେ କେତେଥର ତାଙ୍କୁ ଏକଥା କହି କୁଭାଷାରେ ଗାଳି ଦେଇଛନ୍ତି । ବନ୍ଧୁ ବାନ୍ଧବମାନେ ତାଙ୍କୁ ଛି-ଛାକର କରି ସାରିଛନ୍ତ, କିନ୍ତୁ ଫଳ କିଛି ହେଲାନାହିଁ । ସେମାନେ ତ କାହାକୁ ମାନିଲେ ନାହିଁ, ଜଣା ପଡୁଥିଲା - ଏମିତି କି ନିଜ ଜୀବନ ପ୍ରତି ତାଙ୍କର ଟିକେ ହେଲେ ଭୟ ବି ନ ଥାଏ ।

ସମସ୍ତେ ଭାବୁଥିଲେ-ବୟସ ବଢିଗଲେ, ବଦମାସ ପିଲା ଦୁଇଟାଙ୍କର ଗତିମତି ବଦଳିଯିବ । କିନ୍ତୁ ତାଙ୍କର ବୟସ ବଢିବା ସଙ୍ଗେ ସଙ୍ଗେ ବରଂ ଅପକର୍ମ ବି ବଢି ଚାଲିଲା । ଗାଆଁର ଲୋକେ ତାଙ୍କର ଅତ୍ୟାଚାର ଆଉ ଉତ୍ପାତ ଦେଖି ତ୍ରାହି ତ୍ରାହି ଡାକିଲେ । ଥାନାର ପୋଲିସ ବାବୁଙ୍କ ପାଖରେ ଫେରାଦ ହେଲେ । ଟୋକା ଦୁଇଟା ପୋଲିସଠାରୁ ମାଡ଼ ବି ଖାଇଲେ । ପୁଣି ଯେଉଁ କଥାକୁ ସେହି କଥା ।  ନ ପାରିଲା ବୁଢା-ବୁଢୀମାନେ କୁହାକୁହି ହେଲେ -"କ୍ଷୀର ଉତୁରିଲେ - ଚୁଲିକି, ମଣିଷ ଉତୁରିଲେ ଗାତକୁ ।"  ଦେଖିବ ରୁହ-ଅଳ୍ପ କେଇଟା ଦିନ ଭିତରେ ଏଇ ମାରଣା ଷଣ୍ଢ ଦୁଇଟା ଅନ୍ୟ କେଉଁ ଅଖାଡୁଆ ଷଣ୍ଢଦ୍ୱାରା ମାଡ଼ଖାଇ ମରିବେ ।" ସେହି ଶୁଭଦିନକୁ ଚାହିଚାହିଁ ଲୋକମାନଙ୍କ ଆଖିରୁ ପାଣି ମରିଗଲା । ଅସହାୟ ଗାଆଁଲୋକେ କିଛି ଉପାୟ ନ ପାଇ ଶେଷରେ ମୁହଁ ବନ୍ଦକରି ନିଜ ନିଜ ଘରେ ଚୁପ ରହିଲେ । ସେମାନେ ଏହା ଭିତରେ ବିନୋଦର ନାଆଁ ବଦଳେଇ ବିଛୁଆତି ଆଉ ବିମ୍ବାଧରକୁ ବାଇଡ଼ଙ୍କ ନାଆଁରେ ଡାକିଲେ । ଯିଏ ଯାହା ଡାକିଲେ ବି ସେଥିରେ ତାଙ୍କର କିଛି ଯାଏ ଆସେନାହିଁ ।

ଦିନେ ବିଛୁଆତିର ବାପା-ମାଆ ବସି ବିଚାର କଲେ -"ପୁଅଟାର ହାତକୁ ଦି'ହାତ କରିଦେଲେ ଯାଇ ଏଇ ଦି'ଜଣଙ୍କର ମେଳି ଭାଙ୍ଗିବ । ବୋହୂଟା ଘରେ ରହିଲେ, ସେ ଆଉ ଏତେ ବଦମାସୀ କରି ପାରିବ ନାହିଁ । ଦରକାର ପଡ଼ିଲେ, ମାଇକିନାଠାରୁ ମାଡ଼ଖାଇ ଲାଜରେ ମୁହଁ ଦେଖେଇ ପାରିବ ନାହିଁ । ବିଛୁଆତିକୁ ମନେଇ ବୁଝେଇ ସେମାନେ ଗୋଟାଏ ଉର୍ଦ୍ଦଣ୍ଡି ଝିଅ ଖୋଜି ଆଣି ତା' ସହିତ ବାହା କରେଇ ଦେଲେ । ସତକୁ ସତ ବିଛୁଆତିଟା ପୋଷା ମାନିଗଲା । ବୋହୂର କଡ଼ା ଶାସନରେ ସେ ମେଣ୍ଢାହେଇ ଘରେ ପଡ଼ି ରହିଲା ।

ଏଥର ବାଇଡ଼ଙ୍କ ଏକୁଟିଆ ହେଇଯିବାରୁ ସେ ଆଉ ଆଗଭଳି ଉତ୍ପାତ କରିପାରିଲା ନାହିଁ । ତେଣୁ ସେ ସବୁବେଳେ ଚାହିଁ ରହିଲା-କେମିତି ବିଛୁଆତିକୁ ଡାକି ଆଣି ନିଜ ହାତରେ ରଖିବ ।

ଦିନେ ବାଇଡ଼ଙ୍କ ସହିତ ବିଛୁଆତିର ଭେଟ ହେଇଗଲା । ବିଛୁଆତି କାନ୍ଦକାନ୍ଦ ହେଇ କହିଲା, "କ'ଣ କରିବି ଭାଇ ! ମୋ ସ୍ତ୍ରୀଟା ତ ମୋତେ ଘରୁ ବାହାର କରିବାକୁ ଦେଉନାହିଁ । ମୁଁ ପାଟି ଖୋଲିଲେ, ମାଡ଼ ଦେବାକୁ ହାତ ଉଚାଉଛି । ମାଇପ ହାତରୁ ମାଡ଼ ଖାଇଲେ, ଦେହକୁ ସିନା କାଟିବ ନାହିଁ, କିନ୍ତୁ ମନକୁ ଭାରି କାଟିବ । ମୋ ପୁରୁଷ ପଣିଆଟା ମାଡ଼ ଖାଇଯିବ । ସେହି ଭୟରେ ମୁଁ ତା'କଥା ମାନି ଏବେ ଘରେ ରହୁଛି । ଏଣିକି ଆଉ ତୋ'ସାଙ୍ଗ ହେଇପାରିବି ନାହିଁ ।"

ବିଛୁଆତିର କଥା ଶୁଣି ବାଇଡ଼ଙ୍କର ପିତ୍ତ ମୁଣ୍ଡ ଉପରକୁ ଚଢ଼ିଗଲା । ସେ କହିଲା -"ଆରେ, ମାଇଚିଆ ବିଛୁଆତି ! ତୋର ସେ ଆଗ ମରଦ ପଣିଆ କୁଆଡ଼େ ଗଲା କି ? ଏବେ ତୁ ପୁଣି ନିଜ ମାଇକିନାକୁ ଡରୁଛୁ ? ଏ'କଥା ତୁ ମୋତେ ଆଗରୁ କହିଲୁ ନାହିଁ କାହିଁକି ? ମୋ ପାଖରେ ତା' ମନ୍ତ୍ର ଥିଲା । ସେଇ ମନ୍ତ୍ର ବଳରେ ତୋ' ମାଇକିନା ସବୁବେଳେ ମୂଷାହେଇ ରହିଥା'ନ୍ତା । ବିଲେଇ ଛୁଆ ପରି ସେ ତୋ' ପଛେପଛେ ମିଆଁଉ ମିଆଁଉ ହେଇ ବୁଲିଥା'ନ୍ତା, କିନ୍ତୁ ଦୁଃଖର କଥା- ଅସଲ ସମୟଟା ଗଡ଼ି ଯାଇଛି । ସେ ମନ୍ତ୍ର ଏବେ ଆଉ ତୋ ପାଇଁ କାମ କରିବ ନାହିଁ । ଯାହାହେଉ, ରହ, ତତେ ମୁଁ ଦେଖେଇଦେବି-"ମାଇକିନାମାନେ କେମିତି ମୂଷାହେଇ ସ୍ୱାମୀମାନଙ୍କ ପାଖରେ ରହନ୍ତି । ତୁ ମାଇକିନା ପାଖରେ ଯେଉଁଳି ଅତ୍ୟାଚାରିତ ହେଉଛୁ, ମୁଁ ତା'ର ପ୍ରତିଶୋଧ ମୋ ମାଇକିନାଠାରୁ ନିଶ୍ଚୟ ନେବି ।"

ବାଇଡ଼ଙ୍କର କଥାଶୁଣି ବିଛୁଆତି ଆଶ୍ଚର୍ଯ୍ୟହେଇ ବୋକାଟାଏ ଭଳି ତା' ମୁହଁକୁ ଚାହିଁ ରହିଥିଲା । ଏତିକିବେଳେ ବିଛୁଆତିର ସ୍ତ୍ରୀ ଦୂରରୁ ଚିତ୍କାର କରି ତାକୁ ଡାକ ପକାଇଲା । ବିଛୁଆତି ବିଚରା ମାଡ଼ ଭୟରେ ଦୌଡ଼ି ତା'ଘରକୁ ପଳାଇଗଲା ।

ଏଣେ ବାଇଡ଼ଙ୍କ ଘରକୁ ଫେରି ତା' ବାପା-ମାଆଙ୍କୁ କହିଲା-"ମୋର ବାହା ହେବାକୁ ଭାରି ଇଚ୍ଛା ହେଲାଣି, ମୋର ବାହାଘର ଶୀଘ୍ର କରିଦିଅ ।" ତା' ବାପା-ମାଆ ତ ଆଗରୁ ସେହିକଥା ଚାହୁଁଥିଲେ, ସେମାନେ ଝିଅଟିଏ ଯୋଗାଡ଼କରି ତାକୁ ବାହା କରେଇଦେଲେ । ସଂଯୋଗ ବଶତଃ ସେ ଝିଅଟା ବି ଉର୍ଦ୍ଧଣ୍ଡି ଥିଲା । ସମସ୍ତେ କହିଲେ, "ଅନ୍ଧ ରାଜା ଧୃତରାଷ୍ଟ୍ରକୁ ଉଆଁସୀ କନ୍ୟା ଗାନ୍ଧାରୀ ମିଳି ଯାଇଛି ।"

ଚଉଠି ରାତିରେ ବାଇଡ଼ଙ୍କ ତା'ର ପୂର୍ବ ପ୍ରସ୍ତୁତି ଅନୁସାରେ ଗୋଟାଏ ବିଲେଇକୁ ବାନ୍ଧି ସେ ଘରେ ରଖିଥାଏ । ଘର ଭିତରକୁ ପଶିଯାଇ ବାଇଡ଼ଙ୍କ ଅଣ୍ଟାରୁ ଗୋଟାଏ ଚକଚକିଆ ଧାରୁଆ ଛୁରୀ ବାହାର କରି ନବ ବିବାହିତା ସ୍ତ୍ରୀକୁ ଦେଖାଇଲା ପରି ହାତରେ ଟିକେ ପଜେଇଲା, ତା'ପରେ ସେ ବିଲେଇଟାକୁ ଆଣି ବାଁ' ହାତରେ ଟେକି ଧରିଲା । ଚିତ୍କାର କରି କହିଲା-"ଆଜି ତୋତେ କିଏ ରକ୍ଷା କରିବ, ମୁଁ ଦେଖିବି । ଏବେ ତୋର ମୁଣ୍ଡରୁ ଗଣ୍ଡିଟାକୁ ଅଲଗା କରିଦେବି । "

ଏତିକିବେଳେ ତା'ର ସ୍ତ୍ରୀ ଦୌଡ଼ି ଆସି ବାଇଡ଼ଙ୍କର ହାତକୁ ଧରି କହିଲା-"ନାଇଁ ନାଇଁ, ତମେ ସେ ବିଲେଇଟାକୁ କାହିଁକି ହତ୍ୟା କରି ପାପ ଅର୍ଜନ କରିବ ? ମୋତେ ସେ ଛୁରୀଟାକୁ ଦିଅ । ମୁଁ ତାକୁ କେମିତି ହତ୍ୟା କରୁଛି ତମେ ଦେଖିବ । ମୁଁ ଆଗରୁ ଏମିତି କେତେ ଦୁଷ୍ଟ ବିଲେଇକୁ ଏଇ ହାତରେ ମାରିଛି । ମୋତେ

ଆଗରୁ ଥରେ ତ ମୋତେ ପାପ ଲାଗି ସାରିଛି, ତେଣୁ ଆଉ କିଛି ପାପ ଲାଗିବ ନାହିଁ । ସେ ଛୁରୀଟା ମୋ ହାତକୁ ଦିଅ ।"

ବାଇଡ଼ଙ୍କ କଥାଟାକୁ କିଛି ବୁଝିପାରିଲା ନାହିଁ । ସେ ବଲବଲ କରି ତା' ସ୍ତ୍ରୀ ମୁହଁକୁ ଚାହିଁଲା । ହଠାତ ତା 'ସ୍ତ୍ରୀ ଛୁରୀଟାକୁ ବାଇଡ଼ଙ୍କ ହାତରୁ ଛଡ଼େଇ ନେଇ ଚାହୁଁଚାହୁଁ ବିଲେଇଟାକୁ କାଟି ଦୁଇଗଡ଼ କରିଦେଲା ।

ଛଟପଟ ହେଉଥିବା ବିଲେଇ ଛୁଆର ମୁଣ୍ଡକୁ ଦେଖି ବାଇଡ଼ଙ୍କର ଅବସ୍ଥା ଖରାପ । ସେ ତା' ସ୍ତ୍ରୀକୁ ଧୀର କଣ୍ଠରେ ପଚାରିଲା -"ତମେ କ'ଣ ସେ ବିଲେଇ ହତ୍ୟା ଗପଟାକୁ ନୀତିଶିକ୍ଷା ବହିରୁ ଆଗରୁ ଶୁଣିଥିଲ ନା' ତମକୁ କିଏ ଆଗରୁ କହି ଦେଇଥିଲା ଯେ, ପ୍ରଥମ ରାତିରେ ବିଲେଇ କାଟ ।

ନବ ବିବାହିତା ସ୍ତ୍ରୀ କହିଲା -"ଆଗରୁ ଶୁଣିବା କ'ଣ ଦରକାର ? ଏବେ ତ ମୁଁ ତୁମଠାରୁ ସେ କୌଶଳ ଶିଖିଲି । କିନ୍ତୁ, ଲୁହାକୁ ଦେଖି ପାଣି ଦେବାକଥା ମୋ ମାଆ ମୋତେ ଶିଖେଇକି ଏଠିକି ପଠେଇଛି । ପୁରୁଷମାନଙ୍କୁ କେମିତି ମେଣ୍ଢା କରି ରଖାଯାଏ, ସେ ମନ୍ତ୍ର ମୁଁ ଆଗରୁ ଶିଖିଛି । ତେଣୁ ମୋ ଆଗରେ ମରଦ ପଣିଆଁ ଆଉ କେବେ ଦେଖେଇବ ନାହିଁ । ତମର ଯଦି ଭଲଗତି ଅଛି, ତେବେ ମୂଷା ଭଳି ଘରେ ରହି ମୋ କଥାରେ କାମ କରିବ । ମୋ ଅନୁମତି ନେଇ ଘରୁ ବାହାରିବ । ମନେ ରହିଲା ?"

ବାଇଡ଼ଙ୍କ ପାଟିରୁ ବାହାରି ପଡ଼ିଲା-"ହେ, ମାଆ ରଣଚଣ୍ଡୀ ! ତମକୁ କୋଟି କୋଟି ଜୁହାର । ତୋ ପାଖରେ ବଡ଼ ମେଣ୍ଢାଟିଏ ଆଣି ବଳିଦେବି । ଏ' ନୂଆ ବିପଦରୁ ମୋତେ ରକ୍ଷାକର । ସତରେ ଆଜି ମୋର ମନ୍ତ୍ରଟା କ'ଣ କାହିଁକି ଓଲଟା କାମ କଲା, ନୂଆ ମାଇକିନାଙ୍କୁ ସାବାଡ଼ କରିବି କ'ଣ ମୁଁ ତ ନିଜେ ସାବାଡ଼ ହେଇଗଲି । ରାତି ପାହିଲେ, କାଲି ସକାଳେ ମୁଁ ଏ' ଅଲାଜୁକ ମୁହଁକୁ ବିଛୁଆତିକୁ କେମିତି ଦେଖେଇବି ? ଏବେ ମୋର ସେଇ ଏକମାତ୍ର ଚିନ୍ତା ।"

ଠଠ

**ଡକ୍ଟର କୃତ୍ତିବାସ ନାୟକ,** ଆକାଶବାଣୀର ଜଣେ ଗୀତିକାର, ତାଙ୍କର ଗୀତିକବିତା ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଆକାଶବାଣୀ ଓ ଦୂରଦର୍ଶନ ତଥା ପ୍ରାର୍ଥନା ଚାନେଲରେ ପ୍ରଚାରିତ ହୋଇଛି । ଶିଶୁନୟନ, ଆମେଶିଶୁ ଓ ଶିଶୁ-ରାଇଜ ପ୍ରଭୃତି ଶିଶୁ-ପତ୍ରିକାର ସେ ସଂପାଦକ ଥିଲେ । ତାଙ୍କର ପୁସ୍ତକ ଜ୍ଞାନସଂଗ୍ରହ ଏକୋଇଶିଟି ସଂସ୍କରଣ ପ୍ରକାଶ ପାଇଛି । ଆକାଶବାଣୀ ଜୟପୁର କେନ୍ଦ୍ରର ନିର୍ଦ୍ଦେଶକ ପଦବୀରୁ ସେ ଅବସର ଗ୍ରହଣ କରିଛନ୍ତି । "ବଣଭୋଜି" (୧୯୯୨) ଏବଂ "ଫୁଲସବୁ ଫୁଟିଲେ" (୧୯୯୯) ପୁସ୍ତକ ପାଇଁ ସେ ଜାତୀୟ ଶିଶୁ-ସାହିତ୍ୟ ପୁରସ୍କାର ଲାଭ କରିଛନ୍ତି । ତାଙ୍କର ଉପନ୍ୟାସ ଶୁଭଲକ୍ଷ୍ମୀ ଜାତୀୟ ସ୍ତରରେ ପ୍ରତିଯୋଗିତାରେ ଶ୍ରେଷ୍ଠ ଉପନ୍ୟାସ ଭାବେ ବିବେଚିତ ହୋଇଥିଲା । ଭାରତର ପ୍ରଧାନମନ୍ତ୍ରୀଙ୍କ ଠାରୁ ସେ ୨୦୦୩ରେ ଜାତୀୟ ପୁରସ୍କାର ଗ୍ରହଣ କରିଛନ୍ତି ।

ଠଠ

# Tortoise

Binodini Patra

Disobedience to His will
Dawned upon me
Like a curse, a disease.
Dispelling my mundane desire
To move out
Mix with mates
To make merriment.

The home,
so much loved
Is always regardless of me.
The kins, I so much cared
Cost million burdens.

The love that I treasured
So clandestinely
In my sweet-soft heart,
Is simply swayed away
Like stinking smells undesirable.

But, being listless
Of all these untowardness.

I still carry
on my tanned back
The burden that's no
one's, they spake.

My own ones
Now turn other's
Placing me to be
Nowhere.

How long shall I stagger
Shouldering the unwanted

As irresistible, for
My intent emotions do install me
In your earth nowhere.

Oh life,
Take back
This cursed load for ever.
The bristling boon of longevity
That eternity endows
Upon me
Is nothing but
Fret and fever.

∞∞

**Professor Binodini Patra**, is a bilingual writer, poet, translater, and is known for her writings for children. She writes both in English and Odia. She has published more than 15 books and her writings have been published abroad and are available in many Indian languages. She has received Prajatantra story award, kadambini award, Fakirmohan Saraswata award and many others. She lives in Bhubaneswar.

∞∞

## Condolence meeting

### Debasis Tripathy

This evening, for the first time, we sit
in the laconic living room
of an elderly couple, our neighbors.
It resembles a lifeless island of white coral.

They always smiled warmly at us when we met
on the corridors & the common spaces.
We always wanted to spend some time with them.
We could never find the right time.

Now finally, when we are at their place,
we’re like strangers, we don't know
how to start the conversation—
So unusual, unfamiliar is the set-up.

The toughest thing for any parent must be
to carry on living after their child's demise.
Can our awkward silence console them?
Maybe we should have avoided this visit.

∞∞

## Absorb

### Debasis Tripathy

When a young musician friend turns on
a song he adores & seeks my approval,
*honestly*, I say, *I don't understand*
*music much*, *please don't get me wrong*.

He replies: If you are willing
to open your ears & heart,
slowly you'll acquire a taste.
His voice echoes like a dong,

a sound that blends well with silence.
I add, little-like if you really listen,
you'll start appreciating good poetry?
He nods like an all-knowing monk.

∞∞

## Kumar Poornima

### Debasis Tripathy

Bangalore sky—
more airplanes than stars,
lonelier than the stars,
there hangs the full moon like
a big gold plate, alloyed,
adulterated with copper

Not pure gold,
yet divinely pleasing,
maybe because of what it serves - *Kheer*:
ingredient - desi cow milk, jaggery & care/
gourmet chef - my mother

Here as I toil to fine tune my metaphor,
my mother must be busy offering
her signature dish on a brass plate
to Moon-god on his special day -
*Kumar Poornima*

And the moon, I suspect,
must have landed in her courtyard
to taste the delicacy in a brass bowl. Seriously!

*Legend*: *Kumar Poornima* is a festival celebrated in Odisha on the full moon day of Ashvin (Lunar calendar month), marking the end of the monsoon season.

∞∞

**Debasis Tripathy** expresses mostly in poems. He is widely published and his poems have appeared or are forthcoming in Decomp, UCity Review, Rogue Agent, Leon Lit, Vayavya, Mantle Poetry, and elsewhere. He lives in Bangalore.

∞∞

# Discontent

Sumitra Mishra

The days are foggy
Nights disenchanted,
The world looks ever busy
But people discontent,
The shops look prosperous
But the minds bereft of peace!

Where have you gone
O Goddess of Peace
Leaving us in the murk of pleasure?

No more the children
Enjoy the wide-eyed delights
Of a lollipop or a sugar candy stick
They want Five Star pleasure,
No more the adolescent girls
Enjoy the simple joys
Of trivial games and gossip
They want boyfriends and dinner dates,
No more the youth
Loves the joys of music and sports,
They want cheap masala movies and videos!

Bridled by
The television, cinema and cellphones
All are enslaved to
An illusion of glamour
And a flippant show of sensual pleasure.

Life glides by
The river of frigid dreams
While the hapless boatman sings
Feverish songs of melancholy.

You and I are
Dream merchants,
Sailing on the brig of words
Rocking on the waves of prosperity
But the safe shores are nowhere in sight!
∞∞

# Hanged or murdered?

Sumitra Mishra

Hanged or murdered, who knows?

May be he hanged himself
Or was murdered, and hanged,
Who knows?

If murdered
He could have been buried
Inside the house
Or cremated in the darkness, stealthily
Who knows?

They discovered
The legs touching the ground
Some say it was broken
There was a trace of strangulation
On the broken neck
Who knows,
Who did it or nobody did it?

But his name and shape
Could not be deleted from history
From the celluloid reels
Where he danced and acted
Could he be deleted
From his twitter, instagram, FB accounts?

Who knows if
The fans and anchors would
Allow his soul to rest in peace
Or not?
Chattering crowds on the tv
All talking about the topic
That is hotter than the hottest June
Was it murder or suicide?

He was an addict,
His girlfriend confessed

He fought with his sisters
Who always come for money,
She pleaded, they refuted
Did she plan his murder
Or did she / they force him to die?

But why?
He had money , he was successful
He had girlfriends , he was popular
He had the type of life he wanted!
Was not he sure
Or were some dark forces too sure?

The river is now dry,
No fish, no boats , no waves.

The media is full of noise and fury
But do they know
If it was murder or suicide?
If it was frustration or desperation?
No one knows for sure!!!

The  sun is red-hot angry
Candles are being burnt at night
The clouds are a sickly white
No rain, no tears, no proof
Who knows?
Was it a murder or suicide?

There was an invisible hand
out there controlling him,
Was it his mother's soul in heaven?
Was it the mafia ,or the don
Who supplied his stock
Or who was just feverishly jealous?
Who knows?
Nothing is clear, nothing is for sure!!!
There is a mystery all over the place
All over the happenings
The stars are silent,
So are the parasite moons.

Someone may be arrested
Someone may be harassed

But where is the man who knows,
Perhaps no one knows the truth
Besides God and he himself,
Who is no more, with us or her!!!

∞∞

**Dr Sumitra Mishra**, Bhubaneswar, retired English Professor, is a bilingual writer. She writes poetry, story, essays, articles, short and long plays. She published seven anthologies of English poetry: Penelopes Web, Flames of Silence, The Soul of Fire, The Red Moon, Roses and Bruises, Still the Stones Sing; a short story collection: Reminiscence; two translated books from English to Odia: *Kritadastwara Bara Barsha*, from Twelve Years A Slave by Solmon Northup; and *Batabrukhya Chhayare* containing twenty stories by R.K. Narayan; five volumes of Odia poetry named *Udas Godhuli, Mana Murchhana, Pritipuspa , Barsha Bithika;Antardhwani*; three plays named: *Pathaprante, Batyapare, Bisthapana*; four volumes of short story collections: *Ahata Aparahna, Nishbda Bhaunri, Panata Kanire Akasha, Karona Kabale*. She is assistant editor of *Smruti Santwona*.

∞∞

# Jagannath Dham, Puri

Saroj Kar



∞∞

**Saroj Kar,** film maker and cinematographer. He is the creative director GenX studios, Bhubaneswar. Through his photographs and videos he has promoted artistic culture of Odisha. He has the credit of making a few documentaries on Odishi dance for international audiences. His photographs here about the Jagannath temple in Puri, in different hues, capture the essence of the cultural and religious heritage of Odisha; and rekindle the connectedness to the roots. He lives in Bhubaneswar.

∞∞



∞∞



∞∞

# Alternative masculinity (?!)

Nandini Sahu

We surely were annoyed, rather uncomfortable, looking at the PDA of the middle-aged couple.

Dr.Harihar Panda and his wife Mrs.Savita Panda were my guests that evening, along with two other friends from Odisha - Dr. Manas and Dr.Shubhra. All of them except for Savita were in Delhi to attend a conference. Manas and Shubhra were my old friends; I invited them over dinner after the conference. Harihar and Savita came along; in fact they got self-invited and I didn't mind that, because the four of them had come from Bhubaneswar as a team. I had booked three rooms in the university guest house for them - one for the couple and two for the other two.

Savita had nothing to do during the day when her husband and his friends were busy in the conference. She was restless and very worried about the food, medicines, etc. of her husband. She always remained worried about these trivial matters - starting with what he should wear any given day to how much tea he should consume in the evening. Should he apply oil on his hair today? What if he catches cold by a head bath? Should he eat chicken more than once a week? What if it upsets his stomach? Is he talking too much on the mobile? He may get a migraine, so the phone should be switched off. And why is he taking such a long walk? It's windy today.

Their children were settled, grown up, and the fifty-plus wife's only concern, focus, topic of discussion, life, love, happiness, worry- just everything - was her sixty-plus husband.

Throughout the past couple of days we were noticing Savita's overwhelming care and concern for Harihar. Initially, we found it cute.But then, we were annoyed, as expected.

My friend Manas was a writer, an emotionally charged, intelligent person, somewhat close to my heart. Shubhra was a chirpy, witty, pretty woman; she was most talkative.

That evening, my friends got introduced to my son Sonu, a humorous, intelligent and sober teen. They were happy to receive his hospitality. I had cooked quite a few dishes for them, and the guests thoroughly enjoyed the food. We chatted about Odisha; in between Manas talked about his new stories. He knew I loved his stories; he wanted my complete attention,

which I, too, was willingly giving. Shubhra was keen on knowing every detail of my friendship with Manas - when and how did we meet? How come we were so compatible with each other despite his having a happy married life in Odisha; and neither was I his lover or anything. She was trying to understand this special bonding.

Harihar was eager to get all the attention of me, his hostess; he tried to give his opinion about everything around, talked about his achievements, his admiration of the excellent life I had made for myself in Delhi. In between, he never forgot to praise each dish I had cooked; and I had to thank him politely every time he praised. Overall, it was a pleasant evening.

Beyond all of these, oblivion of us, Savita was in her usual fidgety disposition – checking and serving food on Harihar's plate, chiding him for eating more of one dish or less of one, restricting his intake of coffee after food. She even asked him if he washed his hands before food.

I said, "Madam, you please eat, Sir will help himself; if he needs any assistance, I'll look after." I guess as the hostess, that was my duty.

"No no!! How can he eat if I don't serve? I'll eat later; as such I had a lot of snacks in the guest house when you all were in the conference. "

Shubhra has this crooked, uncontrollable sense of humour, which will make anyone laugh. She said, "*Arre* Savita madam, do you always take care of Sir like this? Is he a domestic animal?"(she actually said, '*gruhapalita pashu'!!*).

Unbelievable!! Incorrigible Shubhra!!

I couldn't control my laughter, nor could Manas and Sonu. I rushed to the kitchen to laugh in the plea of getting some pickles. In the kitchen I remembered Shakespeare's Lady Macbeth. Lady Macbeth said, "unsex me today". This statement paralleled negativity to manhood and power. Was this her reverse feminism?

Was this over-consciousness Savita's reverse feminism? What a drama queen! I joined them back with a desire to see a little more of domestic drama. I must confess.

Dr. Harihar, who was an Associate Professor, and was waiting for his CAS promotion to a Professor's position, of course did not like this 'domestic animal' adjective. He had to make his stand clear.

By then, Savita had started eating, relaxed, after feeding her husband to her satisfaction.

Harihar cleared his throat and said, looking at me, clearly avoiding Shubhra, "Madam, do you know, Savita is the most loving and caring wife I have ever seen. She takes care of everything. From morning to night, twenty-four into seven, she is there for me. She takes care of my home, my children, me. She cooks, cleans the house, arranges my shattered books, shabby study tables, irons my clothes, feeds me. I simply depend on her for every single thing. In fact, for every small thing I need her."

Savita had a beaming smile on her lips. "I even make him wear his dress. Else this mindless man would go to his university in his underwear—he is so offhand." Announced Savita proudly.

"What the …!!!" Shubhra was unrelenting. She wanted more spice for the dinner table. "I mean, Savita Madam, do you actually make him sit on the chair semi-nude, and do his *shringaar* before he goes to the university? Every day?! "

"Oh yes! Definitely. I even give him a bath every morning. I have been doing that forever! "

I looked at Harihar covertly to see if he was feeling embarrassed. But he had a blank, nonchalant expression on his face. Like the Monalisa painting. I couldn't understand what exactly was he thinking at that moment of humiliation.

Savita got up, washed her hands quickly, and came back to her husband, wiped his mouth with her dupatta, arranged his scanty locks on the bald head, set his shirt collars right, and sat closely beside him, in the most lovey dovey position, making all of us uncomfortable.

Sonu is one wittier boy here. He added, "Wow uncle and aunty! You both are young, like characters from a Bollywood film. " And then he left the dinner table, went to his study, to my utter relief. I didn't want him to watch this family drama of Savita-Harihar, neither I wanted him to give his expert opinions.

Seeing my awful discomfiture, Manas tried to change the topic. "Leave it Harihar *bhai* and *Bhabhi*. Let's plan something. Shall we all go to Agra, Mathura, Vrindaban over the weekend? We have our flight on Monday morning, so the weekend can be utilized with Madam and Sonu. All of us can fit in a bigger cab."

I thought, *thank God!*

But no! Savita and Shubhra didn't stop there.

"So, Savita Madam! It's most impressive that you help your husband so

much! My husband will give me a divorce if he sees your example…haha!! What else do you do for Harihar Sir?”

That was quite an ego booster for Savita. “I got married to *him* when he had just passed his Masters Degree and was newly appointed as a lecturer in a government college. He was lazy-number-one from the day one, I could see that. He did not have the training to pick his wet towel and put that in the washing machine, neither did he know how to make a cup of tea. I took over his complete charge. Ask him, I am the one who made him do his PhD, I am the one because of whom he wrote all these research papers and books. Because of me he got his promotions. Tomorrow if he is promoted to a higher position in his workplace, it will also be because of me. Minus me, this man is a big zero. ”

“I see…”. Shubhra was enjoying the conversation with a crooked smile.

At least now I expected Harihar to object to the discussions around him and his career. But he kept quiet. Nonchalantly he took two *rasagollas* in a small bowl. Savita quickly removed one from the bowl, and looked at him like a disciplinarian Principal of a primary school, chiding her naughty pupil.

Harihar pleaded for one more *rasagolla*, with a guilty smile. “No!! You cannot eat more.”

Savita went on boasting about her contributions to Harihar’s life, family and career. She took the credit for everything that he had been doing since their wedding some thirty five years ago—he owed her his living and breathing.

I was feeling sick. I wished the evening to end there. Manas could see that. He finally got up, wishing me good night. Others too had to leave along with him.

Till late night I thought about this complex human behavior; to be precise, about this objectionable supremacy of a woman. It was surely a kind of male-harassment to me. The gender theorist inside me was concerned. The humanist in me was thinking, weighing the characters Harihar and Savita from Masculinity Studies standpoint. To me, it looked like poor Harihar was under a panoptical surveillance. Savita was inspecting him from all directions. I felt he was getting breathless with her attention, but he talked nicely about her love, dedication for him just to save his face before us elites. Maybe he didn’t want us to judge him or Savita.

Poor thing. He earned my sympathies that night. Next morning, I called Manas showing my inability to go to Agra with them as I had got some urgent work in the university. I also told him what I felt about Dr. Harihar.

He didn't take much interest in their matter; rather he was upset that his evening with me was spoiled because of the couple. It could have been an evening of reading good literature, listening to good music, and a peaceful dinner with me and Sonu, had those stupids not been there.

He had a point. Even I would have enjoyed that.

***

Time flew.

I almost forgot Harihar-Savita. Manas and Shubhra called me sometimes, but we made it a point not to discuss the couple. It was, we decided, none of our business. Because Harihar had apparently no objection to whatever was happening with him—though I had serious doubts about it. But Manas asked me to forget them.

So be it!

Yes, after five months of their visit to Delhi, I happened to visit Utkal University, Bhubaneswar, to deliver a lecture. Dr. Harihar was eager to meet me; but I had no time, the kind of high-flyer that I have been. So I informed him over WhatsApp that I won't be able to meet him.

I mostly have morning-evening-round-trips. Padmashree poet Jayanta Mahapatra was in Bhubaneswar that day, and his car was scheduled to drop me in the airport in the evening. I always have never ending chats with Jayanta Sir, and I was elated, honoured spending a couple of hours with him in the long drive and in the airport. And lo! Harihar was waiting for us in the Bhubaneswar airport! He had gathered this information from someone in the university, that Jayanta Sir would accompany me to the airport. I wasn't pleased to see him there; anyway both Jayanta Sir and I exchanged pleasantries with him, maybe for a few seconds only, before I proceeded to the check in counter. Harihar requested us that he wanted to click us, and Jayanta Sir agreed. So he quickly handed over his mobile to some passerby, and got clicked with us, with a grin. I left Bhubaneswar after touching the feet of Jayanta Sir, and a casual 'namaste' to Harihar. After a couple of days, I found Harihar had tagged me on Facebook, posted that picture with a long tag-line, "Wonderful time spent with Padmashree Jayanta Mahapatra and the unparalleled poet per excellence, Nandini Sahu, in Bhubaneswar. Had long dialogues with the poets on contemporary Indian literature, and possible future collaborations with both poets."

I rather felt pity than contempt—and laughed it off. All I remembered was, we spent maximum one minute with him in Bhubaneswar airport, that to, he was an uninvited presence.

Harihar sent me courtesy messages on festivals, functions, special occasions, to which I responded with a 'namaste' emoji. Technology sometimes makes life simpler.

After eight more months or so, once Harihar called me, with a request to book a room for him in our guest house. He had some work in North-East Delhi. I told him, we are in extreme South Delhi, so he'll have to travel so much to reach his meeting venue. He said, it was ok, there were no rooms available elsewhere.

The moment he reached our guest house, he called me. In fact he wanted to meet us the same morning. Anyway, I was busy; also I was trying to avoid him. That day, at 5pm when I reached home, he was already seated comfortably, settled, in our living room. Sonu had offered him tea. He came to our place without an appointment, uninvited, and said he was getting bored in the guest house. I teased, "Dr. Harihar, people who get bored in their own company seem to be in danger." Maybe I wanted him to talk about himself, about his distressed life. He still had my sympathies. Of course I did not respect him for being so meek and mild a man.

He took his sweet time, sipping his tea, savoring the snacks we offered. This time he looked relaxed, unlike last time when he was anxious even about a cup of tea or a *rasogolla*.

*Poor thing.*

He was relaxed till Savita called him after an hour (apparently, she called him every one hour!). I guessed, he lied to her about the network, and disconnected the phone. Perhaps put that on flight mode after talking to her for a minute.

"Sir, please call her from my phone. I too can wish her my regards."

"No no Madam!! Let it be. I'll anyway call her after an hour."

He talked restlessly, stridently for an hour about his work, his university; poor Sonu had to sit with him nodding his head all the time, as I utilized the time in cooking our dinner, and pretending to be listening to his blabberings. I was, clearly, impolite. And I wanted him to leave. It was a wastage of time for me to have such meaningless talk.

He called his wife sharp at 7pm and told her that he was in the guest house, waiting for dinner, and then put the phone again on flight mode.

I understood. He didn't want his wife to know that he was sitting with us. Precisely, with me. A *single woman.*

Sonu asked, "But uncle, you are at our place!! Why did you lie?"

It was awkward.

Then I lied to him in order to throw him out. “Sir, you may have to please excuse us. Sonu has a lot of homework, and we’ll study now.”

“No mama! There is no homework today!”

I looked so stupid.

Harihar said, shamelessly, “Madam, can I have dinner before leaving? I didn’t have a proper lunch in the guest house.”

We had a silent, quick, early dinner. Then I offered to drop him back in the guest house in my car, though he had no mood to leave at 7.30pm.

He reluctantly said goodbye to Sonu and sat in my car, of course without forgetting to praise an independent, super-successful woman, driving a car all by herself. How disgusting was that!

Now that I was alone with him in the car, I had no reason to suppress my infuriation for an enslaved, spineless man. He owed me an explanation for lying to Savita that he was eating dinner in the guest house.

“Dr.Harihar, I do not teach any kind of lie and deception to my son; so what you did at my place was seriously objectionable. I do not know much about you or your family or the values that you people follow. You were introduced to me by common friends. I wanted to respect you, but unfortunately, I could not. I cannot. How can you allow a person to dominate, control you to such an extent? How can you lie to her in front of me, sitting at my place? You have humiliated us and our hospitality. I don’t know for what all should I reprimand you, neither do I know if at all I should talk to you! You are so laid-back! You don’t have the courage to tell Mrs. Savita that you are having dinner with a respectable family! And last time your behaviour was such shameful in front of all of us!! How can a man tolerate if a woman steals the entire credit of his life and career?? Have you no dignity? No shame? Are you not suffocated? How do you live such a life??”

I was gasping, angry. I stopped the car in front of the guest house and got down. He too got down and stood at a distance.

He said, quietly, considerately, “Madam, I thought you are an extremely intelligent person, and you can see the subtext behind this text. Behind this story of ‘subjugation’. But to me, now you sound like Gandhari. To be born blind is not a crime, but to turn a blind eye? How can you not see the hidden depths of this story?”

Ahh…one more drama.

“Excuse me? I am still not getting what nonsense you are trying to explain. Come to the point.” I was rude.

“Ok, let me come to the point. “

He scratched his head, searching for words, and then said, “My wife Savita is an empty-headed foolish woman; an erudite woman like you may not understand the mindset of such people. She is class three pass (or fail…haha), she cannot even sign in English. She puts her thumb impression on papers I ask her to. She is from a lavish, extravagant family where she had seen women being dominated by men. She got married to me when she was 18 and I was 25. Her parents offered me a fortune for dowry, and see the bonuses I have! A mansion and couple of nice cars. She can never understand what unproductive stuff she is engaged with. She has no time to think of anything except me and my needs. She cooks, cleans, takes care of all my wants and wishes— I get great food, clean, soft bed, clean tables to work, fresh towels, clean book shelves, healthy tea, health care, in fact everything for a good living. In return, I ignore her foolish talks, her self-styled *supremacy*. She feels emancipated, empowered by ‘dominating’ me. Can you believe--she signed her entire property in my name—I mean put her thumb impression—without an inkling of what she was doing. I told her that she had to sign the documents to secure her property.”

I was amazed. My mouth agape, eyes wide open. What a revelation!!

“And Madam, which qualified person in my friend circle will believe that a class-three-fail woman, who looks like a dumb fool, who opens her mouth only to reveal her imprudence, her foolishness, has actually shaped my great academic career? Rather, some laugh at her foolishness, and some, like you, give me their sympathies!! Actually, it’s a win-win situation for me.”

I sat in my car without a goodbye or a good night. Reached home absent-minded, with a void in my cognizance, rethinking, swotting ‘masculinity’.

∞∞

**Prof. Nandini Sahu,** Professor of English and Former Director, School of Foreign Languages, IGNOU, New Delhi, India, is an established Indian English poet, creative writer and folklorist. She is Amazon’s best-selling author 2022, She is the author/editor of sixteen books. She is the recipient of the Literary Award/Gold Medal from the Hon’ble Vice President of India for her contribution to English Studies. Her areas of research interest cover New Literatures, Critical Theory, Folklore and Culture Studies, Children’s Literature and American Literature. www.kavinandini.blogspot.in

∞∞

# କେଳା

## ସୂର୍ଯ୍ୟସ୍ନାତ ତ୍ରିପାଠୀ

ପେଡି ଖୋଲି, ବେଳେବେଳେ, ସତକୁ ଛାଡି ଦେବାକୁ ହୁଏ ଦାଣ୍ଡରେ...
ବେଶି କାଳ ସତକୁ ଲୁଚେଇ ହୁଏନି ପଦ୍ମତୋଳା ଶୁଣେଇ ।
କେଳା ଜାଣେ ।

ଦାଣ୍ଡରେ, ସତଟିଏ ନାଚିଲେ, ବେଶି ଭିଡ଼ ହୁଏ ।
ଅନ୍ୟ ମୁହଁରୁ ମୁଖା ଖସିବାର ବେଳ ଉଲୁସାଏ ବହୁ ଛଦ୍ମବେଶୀଙ୍କୁ ।
ଉଈହୁଙ୍କା ଉପରକୁ ମଂତୁରା ହଳଦୀପାଣି ଛାଟିଦେଇ ଲୁଚି ଯାଆନ୍ତି
କିଛି ଲୋକ, ଦେଖନ୍ତି, ଅନେକ ଯୁଗରୁ ସମାଧିସ୍ଥ ହେବାର ଛଳନା କରୁଥିବା
ମିଛ ସଂଥଟିର ଅଗ୍ନିପ୍ରବେଶର ଖେଳ । ଅବଶ୍ୟ, ଉଷୁମ ଅନ୍ଧାର ଖୋଜି,
ନିଜ ନିଜର କାତି ଛଡାନ୍ତି ସେମାନେ ବି, ପୁଟି ଦେଇ ସଜାଡି ନିଅନ୍ତି ମୁହଁ ।
କେଳା ଜାଣେ ।

ସତକୁ ଭାରି ଡରନ୍ତି ବିବେକର ଠିକାଦାରମାନେ - ନିଜ ବିରାଡ଼ିପଣରେ
ଧୂଳି ପକେଇ ଘୋଡେଇ ଚାଲନ୍ତି ବିଗତ ପାଦଚିହ୍ନସବୁକୁ ।
କେଳା କିନ୍ତୁ ଖୋଜି ଜାଣେ ପାଦଚିହ୍ନ ଯେତେ - ଲୋଡ଼ା ହେଲେ,
ସେ ମୁଣ୍ଡ ପୋତିଦିଏ ମାଟିରେ ।

ସତକୁ, ଧରି ରଖି ହୁଏନା କଣ୍ଠରେ ଚିରକାଳ ।
ଢ଼ୋକିବାକୁ, ନହେଲେ ଉଗାଳିବାକୁ ହୁଏ, ବେଳ ପଡିଲେ ।
ଓ ଜିଭଟିଏ ଗଜୁରିଲେ ନୁହେଁ, ଜିଭ କଟିଯିବାର ଭୟରୁ ମୁକୁଳିଲେ ଯାଇ
ସତ କହି ହୁଏ । କେଳା ଜାଣେ ।

ନା, ସେ କବିମାନଙ୍କ କଥା ପଚାରନା, ଯାହାଙ୍କ ଜିଭ ନାହିଁ ଜନ୍ମରୁ ।
କଲମ ଥିବା ଓ ଜିଭ ଥିବା, ଏକା କଥା ନୁହେଁ ।
ମୋ କଥା ବି ପଚାରନା । ମୁଁ ଉତ୍ତରଦାୟିତ୍ୱ ନିଏନା ନିଜ କଥାର କେବେ,
କେବଳ କବିତା ଲେଖେ, ନିଜ ଲେଖା ପଢ଼େନା କେବେ ବି !
କେଳା ଜାଣେ । କେଳା ଜାଣେ ।

ତା'ର ମୋର ବହୁ ଜନ୍ମର ସମ୍ପର୍କ । ସେ ମୋତେ,
ଓ ମୁଁ ତା'କୁ, ବିଷ ଦେଉ ବିଶ୍ୱାସରେ ।

∞∞

**ସୂର୍ଯ୍ୟସ୍ନାତ ତ୍ରିପାଠୀ** ଆଇ.ଆଇ.ଟି. ହାଇଦ୍ରାବାଦରେ ଇଲେକ୍ଟ୍ରିକାଲ ଇଂଜିନିୟରିଂରେ ପି.ଏଚ.ଡି ଶେଷ କରି ସଂପ୍ରତି ଆଇ.ଆଇ.ଆଇ.ଟି, ସୁରଟରେ ଅଧ୍ୟାପନା କରୁଛନ୍ତି । କବିତା ସଂକଳନ 'ହଜାରେ ଜହ୍ନର ରାତି', 'ଏ ସଂପର୍କ ଏମିତି', 'ଗଙ୍ଗଶିଉଳିର ଗପ', 'ଅବୁଝା ଅକୁହା' ଓ 'ମାଟି ମାଟି ଆକାଶ ଆକାଶ', ଗଜଲ ସଂକଳନ 'ଶବ୍ଦସବୁ ଅଣସର ଘରେ' ଏବଂ ଅନୂଦିତ କବିତା ସଂକଳନ 'କନୁପ୍ରିୟା'ର କବି ସୂର୍ଯ୍ୟସ୍ନାତ କୁହନ୍ତି ଯେ କବିତା ଚିରକାଳ ଏକ ସୁନ୍ଦର ଅପ୍ରାପ୍ତି, ନିଜକୁ ବାଣ୍ଟିଦେବାର ଏକ ଅଂତହୀନ ପ୍ରକ୍ରିୟା । ୨୦୧୭ ମସିହାରେ କବିତା ସଂକଳନ 'ଏ ସଂପର୍କ ଏମିତି' ପାଇଁ ସୂର୍ଯ୍ୟସ୍ନାତ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାରରେ ସମ୍ମାନିତ ହେଇଥିଲେ ।

∞∞

# ଘର

## ତପତି ପାଣିଗ୍ରାହୀ

ଚାରିକାନ୍ଥ ମଧ୍ୟେ ରହିଲେ ସମସ୍ତେ
ହୁଏ ନାହିଁ ସିଏ ଘର,
ସ୍ନେହ,ମମତାରେ ସଭିଙ୍କୁ ବାନ୍ଧିଲେ
କୁଡ଼ିଆ ହୁଏ ମନ୍ଦିର ।
ବଡ଼ଠାରୁ ସାନ ଏକ ସଙ୍ଗେ ମିଶି
ଖୁସି,ମଜ୍ଜା ବାଣ୍ଟୁ ଥିଲେ,
ଘର କାମ ସବୁ ସହଜ ଲାଗଇ
ପ୍ରକୃତ ଆନନ୍ଦ ମିଳେ।
ଛୋଟକୁ ଆଦର ବଡ଼କୁ ସମ୍ମାନ
ଘରୁ ଶିକ୍ଷା ଦିଆଯାଏ,
ନିଜ କାମ ନିଜ ହାତରେ କରିବା
ମାଆ ଠୁଁ ଆରମ୍ଭ ହୁଏ।
ସଂସ୍କୃତି ଆମର ମହାନ ଅଟଇ
ହେୟ ତାକୁ ମଣିବାନି,
ସବୁ ବୁଝି ସୁଝି କାମ କରୁଥିଲେ
ବିପଦରେ ପଡ଼ିବାନି।
ସମ୍ପର୍କର ଡୋରି ମଜଭୁତ ହୁଏ
ଘର ଚଳେ ବିଶ୍ୱାସରେ,
ପରସ୍ପର ପ୍ରତି ଭଲ ବୁଝାମଣା
ମନୋବଳ ଦୃଢ କରେ।
ଘରକୁ ସମସ୍ତେ ଆପଣାର କଲେ
ଘର ହୋଇଯାଏ ସ୍ୱର୍ଗ,
ଘରଟା ସୁନ୍ଦର ଦିଶୁଥାଏ ସଦା
ଥିଲେ ପରିବାର ବର୍ଗ।

ഠഠ

**ଶ୍ରୀମତୀ ତପତି ପାଣିଗ୍ରାହୀ,** ଅବସର ପ୍ରାପ୍ତ ଶିକ୍ଷୟତ୍ରୀ, ଭୁବନେଶ୍ୱରରେ ରହନ୍ତି । ଜୀବନଧର୍ମୀ ଓ ଭକ୍ତିଭାବର କବିତା ଲେଖନ୍ତି । ନିତିଦିନ, ସକାଳ ଆଦି ଅନେକ ସମ୍ବାଦ ପତ୍ର, ଓ କୁନି କଥା, କାଦମ୍ବିନୀ ଆଦି ପତ୍ରିକାରେ ତାଙ୍କର ଲେଖା ପ୍ରକାଶିତ ହୋଇଛି । ଅତ୍ୟନ୍ତ ପରୋପକାରୀ ଓ ସେବାକାରୀ । ବିଭିନ୍ନ ସଂସ୍ଥାରେ ନିଜର ସମୟ ଦେଇ ଅନ୍ୟମାନଙ୍କୁ ସାହାଯ୍ୟ କରନ୍ତି ।

ഠഠ

# ଅହଂରୁ ଅମୃତ ଯାଏ

**ଘନଶ୍ୟାମ ଜେନା**

ବଞ୍ଚିଥିବା ଯାଏ,
ମା' ମୋର
ମାଟି ମୋର
ଘର ମୋର
ସମ୍ପତ୍ତି ମୋର
ଅହଂର କବଚ ପିନ୍ଧି
ଜୀବନ ମୋର ।
ଛ' ହାତ ଭୂଇଁ
ଛ'ଖଣ୍ଡ କାଠ
ଟିକେ ନିଆଁ ନେଇ
ଜୀବନ ଆଦର କରେ ମଶାଣି
ଜୀବନ ହୁଏ ଭୂତ
ଆଦରର ଲୋକମାନେ
ଭୟ କରନ୍ତି ଭୂତ କହି
ଏବଂ
ସବୁ ଲୋଭ ପାଉଁଶ ହୋଇଯାଏ
ଅହଂର ଚାଦର ତଳେ
କବର ପାଏ ଜୀବନ
ସାରା ଜୀବନର ପୁଞ୍ଜି
ମୁଠାଏ ପାଉଁଶରେ ଶେଷ
ନା ଶୋଷ ନା ଅବଶୋଷ
କଥା ସବୁ ଗୁଡ଼େଇ ହୁଏ
କାଳ କାଳ ପାଇଁ
କେବେ ଅମୃତ ହୋଇ
କେବେ ବିଷ ହୋଇ ।
ଠଠ

# ଜୀବନକୁ ଖୋଜୁ ଖୋଜୁ

**ଘନଶ୍ୟାମ ଜେନା**

ଇତିହାସ ଖୋଜୁ ଖୋଜୁ
ତୁମକୁ ଭେଟିଲି
ପାଇଲିନି ଆଜି କାହିଁ
ପବନରେ ତୁମ ଛନ୍ଦ
କଦମ୍ବରେ ତୁମଗନ୍ଧ
ମଳୟରେ ତୁମ ବାସ୍ନା
ଶରତରେ ତୁମ ଜ୍ୟୋସ୍ନା
ଶୀତାର୍ତ୍ତରେ ପେଷି ପେଷି
କରୁଣ୍ୟରେ ଭିଜି ଭିଜି
ଦେଖିଲି ମୁଁ
ତମ ଶୁଷ୍କ ଓଠ
ନ ଥିଲା ନିରୀହ ହସର ମାଳା
ଝାଉଁଳା ମୁହଁରେ ଥିଲା ମେଘର ମେଖଳା ।
ଅସଜଡା ପ୍ରେମ ପତ୍ର ସବୁ
ଜୀବନ ଓ ଯନ୍ତ୍ରଣାର
ମୂକ ସାକ୍ଷୀ
ପ୍ରେମ ରାଜ୍ୟ ଶ୍ମଶାନ ଇଲାକା
ପତ୍ରଝଡ଼ା ମନ ଉପବନ
କବିତା ଲେଖିବା ପରି
ପହଁରି ଗଲା ସ୍ୱପ୍ନ ।
ତାରାମାନେ ମିଞ୍ଜି ମିଞ୍ଜି ଆଲୁଅରେ
ଖୋଜୁଥିଲେ ନିଜ ପରିଚୟ
ଆକାଶକୁ ଲାଗୁଥିଲା ଭୟ
ଜହ୍ନ ଲୁଚାଉ ଥିଲା ମୁହଁ
ମେଘର ଛାତିରେ ।

∞∞

# ସୃଜନୀ ଲୋ

**ଘନଶ୍ୟାମ ଜେନା**

ସୃଜନୀ ଲୋ
ସେନେହ ଶୁଭେଚ୍ଛା ସବୁ କରିନେ ଆପଣା
ଅଭିମାନ କରିବୁନି,
କିଏ ବା ପାରିବ କହ ତୋତେ ପୂର୍ଣ୍ଣ କରି
ଏଠି ପରା ପୂଜା ପାଏ ଅଧାଗଢ଼ା ଦିଅଁ
ପୁଣି ବଡ଼ ଦିଅଁ ହୋଇ
କହେ ପୂର୍ଣ୍ଣ ବ୍ରହ୍ମ ସିଏ
ନାହିଁ ହାତ ମହାବାହୁ
ନାହିଁ ପାଦ ପଦ୍ମପାଦ
ନାହିଁ କାନ ପିନ୍ଧେ ସେ କୁଣ୍ଡଳ
ନିଜେ ପରା ଅଭିଶାପେ ବନ୍ଧା।
କେମିତି ବୁଝିବୁ କହ ରାବଣ ରାଜ୍ୟରେ
ଖିନ୍ ଭିନ୍ କରିଦେବେ ତୋ ରୂପ ଲାବଣ୍ୟ
ଆବଶ୍ୟକ ନାହିଁ ଏଠି ଅଶୋକ ବାଟିକା
ଫେରିଯାଏ ବସନ୍ତ ମଳୟ
ଜଳିଯାଏ ସ୍ୱପ୍ନର ସମ୍ଭାର
ସାଗର ପାଲଟେ ଏଠି ଧୂସର ପ୍ରାନ୍ତର ।
ତଥାପି ରଙ୍ଗେଇ ଦିଏ ତୋର ତନୁ ମନ
ସଜେଇ ଦେ ଦେବଦାସୀ ପରି
ନିତି ନିତି ନୂଆ ନୂଆ ବେଶରେ
ସମର୍ପି ଦେ ତା ପଦ୍ମପାଦରେ
ତୋଳି ନେବେ ମହାବାହୁ
ପିନ୍ଧେଇବେ ସବୁ ଅଳଙ୍କାର
ପୂର୍ଣ୍ଣ କରି ବଧୂ ବେଶେ ତୋତେ
ତୋଳି ଦେବେ ନୂଆ ସମ୍ଭାବନା
ପ୍ରୀତିର ଅର୍ଘ୍ୟରେ ।

ଠଠ

**ଘନଶ୍ୟାମ ଜେନା,** ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁର, ଓଡ଼ିଶାରେ ପ୍ରାଧ୍ୟାପକ । ବିଦ୍ୟାଳୟ ଜୀବନରୁ ସାହିତ୍ୟ ପ୍ରତି ଆଗ୍ରହ । କିଛି କିଛି କବିତା, ପ୍ରବନ୍ଧ ପତ୍ର ପତ୍ରିକାରେ ପ୍ରକାଶ ପାଇଛି । ପ୍ରକାଶିତ ପୁସ୍ତକ: 'ଈଶ୍ୱର ଓ କୁନିଝିଅ' । କବି ସମ୍ମିଳନୀ ଓ କବିତା ପାଠୋତ୍ସବରେ ଭାଗ ନେବାରେ ଖୁସି । ଦି ପଦ ଉତ୍ତରଣ ହୋଇଗଲେ ମନ ହାଲୁକା ହୋଇଯାଏ ବୋଲି ତାଙ୍କର ବିଶ୍ୱାସ, ଆଉ ତାଙ୍କ ସନ୍ଦେଶ: 'କବିତା ଲେଖି ସମାଜକୁ ବାର୍ତ୍ତା ଦେବାସହ ଆମ ଭାଷା ସାହିତ୍ୟକୁ ସମୃଦ୍ଧ କରିପାରିଲେ ଆମେ ନିଜକୁ ଧନ୍ୟ ମନେ କରିବା ।'

ଠଠ

# କୁହ ନାହିଁ ବଂଧୁ କୁହନାହିଁ

## ହରିଶ୍ ଚନ୍ଦ୍ର କର

କୁହ ନାହିଁ ବଂଧୁ କୁହନାହିଁ
କୋହ ଭରା ମୋର ବିଧୁର ରଜନୀ ସରୁନାହିଁ
ଜୀବନଟା ଖାଲି ଶୂନ୍ୟ-ସପନ ଭରା ଯେବେ,
କି ଲାଭ ମରତେ ରଖ୍ ଏ ଜୀବନ-ଧାରା ଲବେ ?
ଜୀବନ କି ଖାଲି ବିଷାଦ କାତର ଅମାରାତ୍ରୀ
ସ୍ୱପ୍ନ ବିହିନ ଏକୁଟିଆ ପୁଣି
କ୍ଲାନ୍ତି ପଥର ମହାଯାତ୍ରୀ
ବଂଚି ମରିବା ଯଦି ସତ ଏ ଧରା ପରେ
ମରି ବଂଚିବା ସମ୍ଭବ ନୁହେଁ କି ଦୁନିଆରେ ?
ମଶାଣୀର ଚିତା ଲକ୍ଷ୍ୟ କି କେବେ ହୋଇପାରେ
ବଂଧୁ ହୋଇପାରେ ?

ꝏꝏ

Translation (ମର୍ମାନୁବାଦ) of A Psalm of Life by H.W. Longfellow.

**ହରିଶ୍ ଚନ୍ଦ୍ର କର ।** ଜଣେ ମାନବତାବାଦୀ, ହେତୁବାଦୀ ଭାବେ ସେ ସାମାଜିକ ଶିକ୍ଷା ଉପରେ ଗୁରୁତ୍ୱ ଦିଅନ୍ତି । ଅନେକ କବିତା ସହ ସାମାଜିକ ବାର୍ତ୍ତା ଭିତ୍ତିକ ପ୍ରବନ୍ଧ ଲେଖିଛନ୍ତି ଓ କବିତା ପାଠୋତ୍ସବର ଆୟୋଜନ କରିଛନ୍ତି । ପ୍ରକାଶିତ ପୁସ୍ତକ: ସ୍ମୃତି ବିଚିତ୍ରା-ଏକ ସଙ୍କଳନ ଓ ଜୀବନ ଜିଜ୍ଞାସା-ଏକ ଆତ୍ମଲିପି । ସମ୍ବାଦପତ୍ର ଓ ଗଣମାଧ୍ୟମରେ ଅନେକ ଲେଖା ପ୍ରକାଶିତ । ପୁରସ୍କାର: ନଗର ବନ୍ଧୁ ସମ୍ମାନ', ଦଧୀଚି ସମ୍ମାନ, ଶ୍ୱେତ ସଙ୍କେତ ପାଠକ ସମ୍ମାନ ଓ କବିତା ପୁରସ୍କାର, ଜେରିକେୟାର ପାଇଁ ବୟୋଶ୍ରେଷ୍ଠ ସମ୍ମାନ, ଜନ କଲ୍ୟାଣ ସମିତି ପାଇଁ 'ପ୍ରକୃତି ମିତ୍ର ସମ୍ମାନ । ତାଙ୍କ ସାମାଜିକ ଓ ସାରସ୍ୱତ କାର୍ଯ୍ୟ ପାଇଁ ବହୁ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ । ସେ ଯୋଜନା ଓ ସମନ୍ୱୟ ବିଭାଗର ଅର୍ଥନୀତି ଓ ପରିସଂଖ୍ୟାନ ସଂସ୍ଥାରୁ ସହକାରୀ ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରି ଏବେ ଭୁବନେଶ୍ବରରେ ବସବାସ କରୁଛନ୍ତି ।

ꝏꝏ

# ଉଙ୍କୁଣୀ ପାନିଆ

**ଅରବିନ୍ଦ ଦାସ**

"ଶୁଣୁଛ ? ତମ ଝିଅ ହଷ୍ଟେଲରୁ ସମ୍ପତ୍ତି ନେଇ ଆସିଛି। ମୁଣ୍ଡରେ ପୁଳାଏ ଉଙ୍କୁଣୀ ।"

ସ୍ତ୍ରୀ ମାନୁଙ୍କ କଥା ଶୁଣି ହସିଦେଇ ଶଶାଙ୍କ କହିଲେ, -"ଏମିତି ବ୍ୟସ୍ତ କାହିଁକି ହେଉଛ ? ଔଷଧ ଲଗାଇ ମୁଣ୍ଡ ଧୋଇଦେଲେ ସରିବ । ସିଏ କଣ ଜାଣିଶୁଣି ଆଣିଛି ?" – "ଆଚ୍ଛା ? ବ୍ୟସ୍ତ ମୁଁ କାହିଁକି ହେବି ? ମୋ'ରି ମୁଣ୍ଡରେ ପଶିବ ଆଜି ରାତିରେ । କେମିତି ପିଲାଙ୍କ ସାଙ୍ଗରେ ମିଶୁଛି କେଜାଣି ? ତମ ଉଙ୍କୁଣି ମୁଣ୍ଡି ଝିଅ ଅଲଗା ଶୋଇବ ଆଜି ।"

ଖରାଦିନ ଛୁଟିରେ ଦିଶା ଘରକୁ ଆସିଥିଲା । ଶଶାଙ୍କ'ଙ୍କର ଗେଲ୍ହୀ ଝିଅ । ପୁଅ ସୋମୁ ମା'ର ଗେଲ୍ହା । ତେଣୁ ମାନୁ ଝିଅ ବିଷୟରେ ଯାହାବି ଅଭିଯୋଗ କଲେ ଶଶାଙ୍କ ଆଡେଇ ଦିଅନ୍ତି ।

ଦିଶା ଦୌଡ଼ି ଆସି ବାପା କୋଳରେ ବସି ହସିଦେଇ କହିଲା, "ମମିକୁ ଦେଖୁଛ ତ ପାପା । ତମର ମନେଅଛି ପାପା, ପିଲାବେଳେ ଜେଜେମା କେତେ ସୁନ୍ଦର ଭାବେ ମୋ ମୁଣ୍ଡରେ ତେଲ ଲଗାଇଦେଇ ଉଙ୍କୁଣୀ ବାଛିଦିଏ ? ଗୋଟେ ଶିଙ୍ଗପାନିଆ ବି ଥିଲା ଆମର; ଗାଁ'ରୁ ଏଠିକୁ ଆସିଲା ବେଳେ ବି ଜେଜେମା ତାକୁ ସାଙ୍ଗରେ ଆଣିଥାଏ ।"

ହସିଦେଇ ଶଶାଙ୍କ କହିଲେ, "ପିଲାବେଳେ ମୋ ମୁଣ୍ଡରେ ବି ବେଳେବେଳେ ହେଉଥିଲା । ବୋଉ ବାହାର କରିଦେଉଥିଲା । ଭାରି ତୀକ୍ଷ୍ଣ ତା ଆଖି ।"

ଘର ଭିତରକୁ କଫି କପ ଧରି ପଶିଆସୁ ଆସୁ ମାନୁ କହିଲେ,"ବାଃ, ଭାରି ଗର୍ବର କଥା ବଖାଣୁଛ । ତୁମ ବୋଉଙ୍କ'ର ତ ଗୋଟେ ଗ୍ୟାଙ୍ଗ ଥିଲେ । ଆଉ ସେ ଥିଲେ ସେମାନଙ୍କ ଲିଡର । ଘର ଅଗଣାରେ ସଭା କଲା ଭଳି ଚାଲିଥାଏ ଉଙ୍କୁଣୀ ବଛାବଛି, ମୋତେ ଭାରି ଲାଜ ମାଡେ । ଦିଶା, ତୁ ବାପା କୋଳରୁ ଉଠି ତୋ ନିଜ ଜିନିଷ ସଜାଡ଼ି ରଖ । ଘରକୁ ତୋ ହଷ୍ଟେଲ ବୋଲି ଭାବନା ।"

ମାନୁ ଓ ଦିଶା ଚାଲିଗଲା ପରେ କଫି ପିଉପିଉ ଶଶାଙ୍କ ହଜିଗଲେ ଭାବନା ରାଜ୍ୟରେ । ବୋଉ କେବେଠୁ ସ୍ୱର୍ଗରେ ।

ଦିଶା ଛୋଟଥିଲା ବେଳେ ବୋଉ ନାତୁଣୀ ମୁଣ୍ଡରେ ଭଲକରି ତେଲ ମାଲିସ୍ କରି ତା ଗହଳିଆ ବାଳକୁ ସାଉଁଳେଇ ଦେଇ ମାନୁ ଉଦ୍ଦେଶ୍ୟରେ କହେ, "ପୁରା ଆମ ଶଶାଙ୍କ ଭଳି ମୋଟା ଚୁଟି । ସପ୍ତାହରେ ଥରେ ବାଳ ଧୋଇ ଝୁଣା ଧୂଆଁ ଦେବୁ । ବାଳ ମୂଳ ଶକ୍ତ ରହିବ । ଆଉ ଉଙ୍କୁଣୀ ବି ବାଛି କୁଣ୍ଡେଇ ଦେଉଥିବୁ ।"

ବୋଉ, ଏଠି ଟାଉନରେ ଏତେ ଉକୁଣୀ ହୁଅନ୍ତିନି ଗାଁ ଭଳି । ଆଜିକାଲି ଔଷଧ ବାହାରିଲାଣି । ଥରେ ଲଗାଇଲେ ସଫା ।" ପିଲାବେଳ କଥା ମନେପଡ଼ିଗଲା ଶଶାଙ୍କ'ଙ୍କର । ବାପା ପାଖ ଗାଁ ସ୍କୁଲରେ ପ୍ରଧାନଶିକ୍ଷକ ଥିଲେ । ସକାଳୁ ସାଇକେଲ ନେଇ ବାହାରିଗଲା ପରେ ବୋଉ ଲାଗିଯାଏ ତା କାମରେ । ସକାଳୁଆ ସ୍କୁଲ ସାରି ଶଶାଙ୍କ ଓ ଦୁଇ ଭଉଣୀ ଘରେ ପହଁଚିଲା ପରେ, ଶଶାଙ୍କଙ୍କୁ ଭଲକରି ତେଲ ଲଗାଇ, ଘଷି ଗାଧେଇଦିଏ ବୋଉ । ଦୁଇ ଭଉଣୀ, ବୁଢ଼ୀ ଅପା ଓ କୁନି ଅପା ଆପେ ଆପେ ଗାଧାନ୍ତି ।

ଖାଇବା କାମ ସରିଲା ବେଳକୁ ପାଖପଡ଼ିଶା ଝିଅ, ମାଇପେ ଘରେ ହାଜର ହୋଇଯାଆନ୍ତି ଘରେ । ଦୁଇ ଭଉଣୀ ସେମାନଙ୍କ ସାଙ୍ଗଙ୍କ ସହ ମିଶି ଲୁଡ଼ୋ, କଟ, ବାଘ ଛେଳି ଖେଳନ୍ତି କିମ୍ବା ପଦ୍ୟାନ୍ତର । ଓପରଓଳି ସମୟରେ ଚୁ, କିତ୍ କିତ୍, ଝପରା ଡିଆଁ, ଲୁଚକାଳି, ବୋହୁଚୋରି, ବିଷ ଅମୃତ ଇତ୍ୟାଦି ଖେଳ । ଶଶାଙ୍କ ବି ସେମାନଙ୍କ ସହ ଖେଳନ୍ତି ।

ତେବେ ଖରାବେଳେ ବୋଉ ଓ ସାହିର ଅନ୍ୟ ଲେଖାଯୋଖାରେ ଭାଉଜ, ଖୁଡ଼ୀ, ବଡ଼ବୋଉ,ପିଉସୀ ମାନଙ୍କର ତାସ ଆସର ବସିଯାଏ । ଟ୍ୱେଣ୍ଟି ନାଇନ, ବ୍ରେ ଖେଳର ଉତ୍ତାପ, ଘର ପରିବେଶକୁ ଅଧିକ ଗରମ କରିଦିଏ ।

ଆଉ ସବୁଠୁ ମଜା ହୁଏ ଯେତେବେଳେ ଗୋଲାକାରରେ ବସି ସେମାନେ ପରସ୍ପର ମୁଣ୍ଡରେ ତେଲ ଲଗାଇ ବେଣୀ, ଜୁଡା, ଖୋଷା ପାରନ୍ତି । କି ହସ ! ପାନଖିଆ ହେଉଥିବ, ବେଣୀ ବନ୍ଧନ ଚାଲିଥିବ । ଆଉ ତା ସହ ଉକୁଣୀ ବଛା । ଘରେ କାମକରୁଥିବା ପ୍ରମିଳା, ବୋଉ ମୁଣ୍ଡ କୁଣ୍ଡାଇ ଦିଏ । ଡାଗରା ଗଜି, ନିଖ ସବୁ ଭଲ ଭାବେ ବୋଉ'ର ସ୍ପେଶାଲ ଶିଙ୍ଗ ପାନିଆରେ ବାଛି ହୁଏ ବୋଲି ପ୍ରମିଳା କହେ । ତେଣୁ ବୋଉର ଗର୍ବ ।

- "ବୁଢ଼ୀବୋଉ, ତମ ଶିଙ୍ଗ ପାନିଆ ଟା ଦିଅ ବା । ଏଇ କାଠ, ପ୍ଲାଷ୍ଟିକ ପାନିଆରେ ମଜା ଆସୁନି ।"

ଗର୍ବର ସହ ବୋଉ ସିନ୍ଦୁକରୁ ସୁନ୍ଦର କାରୁକାର୍ଯ୍ୟ ହୋଇଥିବା ନିଜ ବାପଘରୁ ଯୌତୁକରେ ଆଣିଥିବା ଶିଙ୍ଗ ପାନିଆଟା ବାହାର କରେ । ଅନେକ ଥର ପିଲାଙ୍କୁ ଗର୍ବର ସହ କହେ, "ମୋ ବାପା ପାରଳାଖେମୁଣ୍ଡିରୁ ମଗେଇଥିଲେ । ସାତ ପୁରୁଷ ଚାଲିଯିବ ଏଇ ପାନିଆ । ଦାନ୍ତ ଭାଙ୍ଗିବନି ତାର।"

ବେଳେବେଳେ କିଛି ଛୋଟ ଛୋଟ କଥାକୁ ନେଇ ମନୋମାଳିନ୍ୟ ହୋଇଥାଏ ବୋଲି କେହି ଖୁଡ଼ୀ, ବଡ଼ବୋଉ ଖରାବେଳେ ଆସିନଥାନ୍ତି । ଶଶାଙ୍କ ବା ଭଉଣୀମାନଙ୍କୁ ପଠାଏ ବୋଉ । ମାନଭଞ୍ଜନ ହୁଏ ।

- "ଏମିତି କଥାରେ କିଏ ଅଭିମାନ କରେ ? ଆମ ତାସ ପାଲି ଓ ମୁଣ୍ଡ କୁଣ୍ଡା ମନେପଡୁନି ?"

-"ବୁଝିଲ ଶଶା ବୋଉ, ତମ ପାନିଆ କଥା ମନେପଡି ମୁଣ୍ଡଟା ପରା ଖାଲି କୁଣ୍ଡେଇହେଲା । ସେଇଥିପାଇଁ ଚାଲିଆସିଲି ।" ଚାଲେ ପୁଣି ହସର ରୋଳ ।

ବୁଢ଼ୀ ଅପା, କୁନି ଅପା ମୁଣ୍ଡରେ ଉକ୍କୁଣୀ ହେଲେ ବାପା ବିରକ୍ତ ହୋଇ କୁହନ୍ତି, "ଔଷଧ କି ଡେଟଲ ମୁଣ୍ଡରେ ଲଗାଇ ଗାଧାଅ ।"

ଦୁଇ ଭଉଣୀ କାନ୍ଦନ୍ତି । ସାବୁନ ପାଣି ଆଖିରେ ଲାଗିଲେ ପୋଡ଼େ; ପୁଣି ଔଷଧ ହେଲେ ଯାହା ହେବା କଥା । ହସି ଦେଇ ବୋଉ ସେମାନଙ୍କୁ ବୁଝାଇ, ଭଲକରି ସେମାନଙ୍କ ମୁଣ୍ଡରେ ନଡିଆ ତେଲ ମାରି ସେଇ ଶିଙ୍ଗ ପାନିଆରେ କୁଣ୍ଡାଇ ଦିଏ । ବାପାଙ୍କ ପୁରୁଣା ଧଳା ଧୋତି ଉପରେ ଖସୁଥିବା କିଛି ଉକ୍କୁଣୀ ମାନଙ୍କୁ ନଖରେ ମାରି ଦୁଇ ଭଉଣୀ ଶତୃ ଉପରେ ପ୍ରତିଶୋଧ ନେଲା ଭଳି ଅନୁଭବ କରନ୍ତି ।

ବୋଉ ଏବଂ ଦୁଇ ଭଉଣୀଙ୍କ ମୁଣ୍ଡର ଅଡୁଆ ବାଳ ସବୁ ପାନିଆରୁ ଓ ତଳୁ ଗୋଟାଇ ଗୁଡା ହୋଇ ଖୋସା ହୁଏ ସଙ୍ଗାରେ । ସପ୍ତାହରେ ଥରେ ଦୁଇଥର ଡମ୍ବରୁ ବଜାଇ ଅଡୁଆବାଳ କିଣିବା ପାଇଁ ଲୋକଟେ ଆସେ । ଏଥିରୁ କାଳେ ଟ୍ୟାସିଲ ତିଆରି ହୁଏ । ଚାଳ ସଙ୍ଗା ଭିତରେ ଖୋସାହୋଇଥିବା ସେଇ ଅଡୁଆ ବାଳ ବଦଳରେ, ମିଳେ ଇଷତ ଗୋଲାପୀ ରଙ୍ଗର କିଛି ଛୋଟ ଛୋଟ ସୁସ୍ୱାଦୁ ଲିଲି ବିସ୍କୁଟ । କି ଆନନ୍ଦରେ ଖିଆଯାଏ ? ଆଜିର କେ.ଏଫ.ସି ଖାଇବାରେ କଣ ସେ ମଜା ଅଛି ?

ନିଜ ଆଲମାରୀ ଥାକ ଭିତରୁ ଯତ୍ନରେ ଶଶାଙ୍କ ବାହାରକଲେ ସେଇ ପାନିଆ । କାନ୍ଥରେ ବୋଉ'ର ଫଟୋ ପୁରୁଣା କଥା ପୁଣି ମନେପଡ଼ିଗଲା ।

ଥରେ ସେ ବୋଉକୁ ପଚାରିଥିଲେ, "ଉକ୍କୁଣୀ ଯାହା ମୁଣ୍ଡରେ ହେଉଛି, ତୁ ତା ସହ କାହିଁକି ମିଶୁଛୁ ?"

ହସି ଦେଇ ବୋଉ କହେ, "ଉକ୍କୁଣୀ ହେଲା ବୋଲି କଣ କାହାକୁ ଘୃଣା କରିବି ? ସ୍ନେହ'ର ପୋକ ଏମାନେ । ସେମାନଙ୍କ ଯୋଗୁଁ ଆମେ ସବୁ ଏକାଠି ଯୋଡି ହୋଇ ବସୁଛୁ, ହସ ଖୁସି ଗପ କରୁଛୁ । ମୁଣ୍ଡ କୁଣ୍ଡାଇଲାବେଳେ ଆମେ ଯୋଡି ହୋଇଯାଉଛୁ । ବୋଧେ ଉକ୍କୁଣୀ ଆମକୁ ଯୋଡି ଦେଉଛି । ଉକ୍କୁଣୀ ଗୋଟେ ବାହାନା, ଅସଲରେ ଅନ୍ୟଦ୍ୱାରା ମୁଣ୍ଡ ବାଳ କୁଣ୍ଡାଇ ବେଣୀ କି ଖୋସା ପାରିବାକୁ ସମସ୍ତେ ଭଲ ପାଆନ୍ତି । ଆଉ ଏ ପାନିଆ ହେଉଛି ଏକ ଯୋଗସୂତ୍ର ।"

ମାନୁଙ୍କ କଥାରେ ଭାବନା ରାଜ୍ୟରୁ ଫେରିଆସିଲେ ଶଶାଙ୍କ । "ଦିଶାର ବାଳ ଟିକେ ଛୋଟ କରି କାଟିଦେବାକି ? ଏ ଉକ୍କୁଣୀଗୁଡାକ ମୋ ଝିଅର ରକ୍ତ ଶୋଷି ଦେବେ । ତମେ ନହେଲେ ହଷ୍ଟେଲ ୱାର୍ଡେନଙ୍କୁ କଂପ୍ଲେନ କର । କଣ କରିବି ମୋତେ ବୁଦ୍ଧି ଦିଶୁନି ।" ଅନ୍ୟମନସ୍କ ଭାବେ ଶଶାଙ୍କ'ଙ୍କ ପାଟିରୁ ବାହାରିପଡ଼ିଲା, "ସ୍ନେହର ପୋକ ସେମାନେ ।" - କଣ ହେଲା ? ତମ ମୁଣ୍ଡ ଖରାପ ହେଲାଣି କି ?

ତାଙ୍କର ମନେପଡ଼ିଗଲା ସେ ପଢିଥିବା ଗୋଟେ ଗପରୁ ପଦେ । ଶିଙ୍ଗ ପାନିଆ ବିଷୟରେ । "ଏଇ ପାନିଆରେ ମୁଣ୍ଡ କୁଣ୍ଡାଇ ଦେଲେ ଖାଲି ଧୂଳି ମଇଳା ନୁହେଁରେ, ମୁଣ୍ଡରେ ଜମା ହୋଇଥିବା ଅହଂକାର ସବୁ ସଫା ହୋଇଯାଏ ।" ଚମକି ପଡିଲେ ଶଶାଙ୍କ । ଆଜିଯାଏଁ ବୋଧେ ସେ ସେଇଥିପାଇଁ ବୋଉ'ର

ଶିଙ୍ଗ ଉଙ୍କୁଣୀ ପାନିଆଟାକୁ ସାଇତି ରଖିଛନ୍ତି । ନିଜ ମୁଣ୍ଡକୁ ସେଇଥିରେ କୁଣ୍ଡାଇଲା ବେଳେ ମାନୁ ଚିଡାଇକରି କୁହନ୍ତି,"କଣ ଉଙ୍କୁଣୀ ହେଲାଣି କି ?" ଉତ୍ତର ନଦେଇ ଖାଲି ହସିଦିଅନ୍ତି । ନିଜେ ଦୁଇ ପୁଅ ଝିଅଙ୍କ ମୁଣ୍ଡରେ ବି ବୋଉର ସେଇ ପାନିଆ ଚଳାଇଦେଇ ଭଗବାନଙ୍କ ଉଦ୍ଦେଶ୍ୟରେ ନିରବରେ କିଛି ପ୍ରାର୍ଥନା କରନ୍ତି। ମାନୁ ପୁଣି ପଚାରିଲେ, "ତମେ ହାତରେ ବୋଉ'ଙ୍କ ସେ ଉଙ୍କୁଣୀ ପାନିଆ କାହିଁକି ଧରିଛ ?" - ଗର୍ବ, ଅହଂକାର ଝାଡ଼ିବା ପାଇଁ ।

∞∞

**ଅରବିନ୍ଦ ଦାସ,** ବିଶାଖାପାଟଣା । ଓଡିଆ ଗଳ୍ପ – ତାଙ୍କ ସାହିତ୍ୟ ସର୍ଜନାର ମୁଖ୍ୟ ଧାରା । ଅନେକ ଗଳ୍ପ ସଂଗ୍ରହ ପ୍ରକାଶିତ ।  ସାହିତ୍ୟ ପାଇଁ ଅନେକ ପୁରସ୍କାରରେ ସମ୍ମାନିତ ।

∞∞

# Tomb of the unknown medic

Ajay Upadhyaya

Blood stained white sheets
shine brighter than red roses.

Death was his daily chore,
no different from birth,
and all the suffering strewn between.



The unfazed exterior and the calm facade:
His armoury in his mundane battle.
More impenetrable than protective gear
for the dreaded virus.

Here lies the soldier from life's arena.
No gallantry medal for simply doing a job.
But, no award scores above the honour of healing:
Nothing beats the triumph -
completing the journey at ones peak.

Strove relentless for breathing life into the breathless,
until his own breath ran out; reduced to air.

The air, faceless and nameless,
drifting slowly into nothing,
drowning faded dreams of his dear ones
and whisking off sighs of his sweetheart.

∞∞

**Dr Ajay Upadhyaya,** Psychiatrist, England.

∞∞

# ଶ୍ୟାମଳ ସାୟାହ୍ନ

**କୃପାସାଗର ସାହୁ**

ହଁ...ହଁ, ତାକୁ ହାଣନି - ଏପରି ଚିଲ୍ଲାଇ ପ୍ୟାଣ୍ଟ ଉପରେ ଗଞ୍ଜିଟା ଗଳାଇ ଦେଇ ଶୁଭଙ୍କର ଘର ପଛପଟକୁ ଦୌଡ଼ି ଆସିଲେ । ସେଠି ତାଙ୍କ ପତ୍ନୀ ସୁମିତ୍ରା ମୂଲିଆମାନଙ୍କର କାମ ତଦାରଖ କରୁଥିଲେ ।

ବର୍ଷାଦିନ ଯୋଗୁଁ ତାଙ୍କ ରେଳ କ୍ୱାଟର କଲୋନୀସ୍ଥ ବଙ୍ଗଳାର ପଛପଟେ ଏବଂ ଦୁଇ କଡ଼ରେ ଅନାବନା ଘାସ ଓ ଗୁଳ୍ମ ଉଠିଯାଇଥିଲା । ମଶାମାନଙ୍କର ଉତ୍ପାତ ବଢ଼ି ଯାଇଥିଲା । ଡେଙ୍ଗୁ ଉପଦ୍ରବର ଭୟରେ ଶୁଭଙ୍କର ଡିପାର୍ଟମେଣ୍ଟର ସହାୟତା ମାଗିଥିଲେ । ସେଥିପାଇଁ ସକାଳୁ ସକାଳୁ ଘରର ଚଉହଦୀ ସଫା କରିବା ପାଇଁ କିଛି ରେଜା ଓ ମୂଲିଆ ପହଞ୍ଚି ଯାଇଥିଲେ ।

ସରକାରଙ୍କ ଠାରୁ ମାସିକିଆ ବେତନ ପାଉଥିବା ମୂଲିଆମାନେ କିଭଳି କରିତ୍କର୍ମା ସମସ୍ତେ କିଛି ନା କିଛି ଜାଣିଥିବେ । ସେ ଦଳ ମଧ୍ୟରେ ଗୋଟିଏ ଥିଲା ମୋଟା ପେଟା । ତା'ର ଭାରୀ ଭରକମ ଶରୀରକୁ ବୋହି ପାରୁନଥିଲା ସେ । ଆଉ ଦୁଇ ଜଣ କାଉଁରିଆ କାଠି ପରି ପତଳା । ନଅଙ୍କ ଦୁର୍ଭିକ୍ଷରେ ପୀଡ଼ିତ କୌଣସି ପୂର୍ବପୁରୁଷଙ୍କ 'ଜିନ୍' ନେଇ ବୋଧେ ସେ ଦୁହେଁ ଜନ୍ମ ହୋଇଥିଲେ । ସେ ଦୁହେଁ ଅନାଇଥିଲେ ଫଳନ୍ତି ପିଜୁଳି ଓ କଦଳୀ ଗଛକୁ । ଜଣେ ଫୁଲ ପ୍ୟାଣ୍ଟ ପିନ୍ଧା ଚଇନି ଫିଟ ବାବୁ । ଘାସ ଖଣ୍ଡକୁ ଦି'ଖଣ୍ଡ କରୁ ନଥିଲା ସେ । ରେଜା ଜଣେ ଚିକ୍କଣ କଥା କହି ଏଭଳି ଟହଲୁଥିଲା ଯେ ମାଲୁମ ହେଉଥିଲା, ସେ ବୋଧେ କୌଣସି ସେଲୁନରୁ ଷୋଳ ଶିଙ୍ଗାର କରି ଫେରିଥିଲା । କାମ କରିବା ଲୋକ ଥିଲେ ଦୁଇଜଣ । ଜଣେ କାତି ଧରି ଫଟ୍ ଫଟ୍ କରି ଅରମା ବଣ ସଫା କରି ଚାଲିଥିଲା । ରେଜା ଜଣେ ଅସନା ଘାସପତ୍ର ଉଠାଇ ବାହାରେ ଫିଙ୍ଗୁଥିଲା ।

କାମିକା ମୂଲିଆ ଜଣକ ଗୋଟିଏ ଚାରି ଫୁଟିଆ ଅରଖ ଗଛକୁ କାଟି ଦେବାକୁ କାତି ଉଞ୍ଚାଇଲା ବେଳକୁ ଶୁଭଙ୍କର ଦୌଡ଼ି ଆସିଥିଲେ ।

- ତାକୁ ବାରଣ କରୁଛ କାହିଁକି? ସୁମିତ୍ରା ହସ୍ତକ୍ଷେପ କରି କହିଲେ ।

- ନାଁ, ନା, ସେଟା ଥାଉ । ସେଥିରେ ଫୁଲ ଫୁଟିଛି । ଭଲ ଦିଶୁଛି ।

- ଆଉ ସେ ବଜ୍ରମୂଳୀ, ଲାଜକୁଳୀ ଗଛ ? ସେଥିରେ ତ ଫୁଲ ନାହିଁ ।

- ସେ ବି ଥାଉ ।

- ତମେ ତ...! ହୁଅନ୍ତୁ ମଶା, ଡାଆଁସ, ରୁହନ୍ତୁ ସାପ, ଗୋଧି । ମୁଁ କିଆଁ ମିଛରେ ମୁଣ୍ଡ ଖେଳେଇବି?

ମୂଲିଆ ଜଣକ ଗଛକାଟିବା ବନ୍ଦ କରି ସ୍ୱାମୀ ସ୍ତ୍ରୀଙ୍କ ତର୍କରେ ହସ୍ତକ୍ଷେପ କରି କହିଲା- ସାହେବ, ଆଗପଟେ କ୍ରୋଟନ, ବୋଗନଭିଲ୍ଲା, ଲିଲି, ରଜନୀଗନ୍ଧା । ପୁଣି ପଛପଟେ ଏ ଗାଉଁଲିଆ ଗଛ କାହିଁକି ରଖିବେ ଯେ ।

ଗୋଟିଏ ଜାଗାରେ ଏଭଳି ବିବିଧତାର ଏକତ୍ର ସହାବସ୍ଥାନକୁ ସେ ସମର୍ଥନ କରି ପାରୁନଥିଲା ।

ସୁମିତ୍ରା ଛିଗୁଲାଇ କହିଲେ- ତାଙ୍କୁ ଗାଁ ରୋଗ ଗ୍ରାସିଛି ପରା ।

ଶୁଭଙ୍କରଙ୍କର ଯୁକ୍ତି ତର୍କ କରିବା ପାଇଁ 'ମୁଡ୍' ନଥିଲା । ଅଫିସ ଯିବାକୁ ପ୍ରସ୍ତୁତ ହେବାକୁ ପଡ଼ିବ । ତା'ପରେ ଏମାନଙ୍କୁ କିଭଳି ସେ ବୁଝାଇବେ ଯେ ଗାଁର ବାଡ଼ କଡ଼େ କଡ଼େ ଉଠୁଥିବା କୁଆମଇତା ଗଛରେ ଲାଲ ଟହଟହ ଫଳ ତାଙ୍କୁ ହସିବା ଶିଖାଇଛି । ହିଡ଼ରେ ମାଡ଼ିଥିବା ଅଟକାଳୀ ଫୁଲ ତାଙ୍କୁ ଶିଖାଇଛି କବିତା ଲେଖା । ଲାଜକୁଳୀ ଲତା ଶିଖାଇଛି ଗୁରୁଜନଙ୍କ ନିକଟରେ ମଥା ନୋଇଁବା । ଆଉ ଘିକୁଆଁରୀ ଗଛ ଶିଖାଇଛି ବେକ ଟେକି ଉପରକୁ ଚାହିଁବା ।

ପଲ୍ଲୀ ପ୍ରକୃତିର ଏହି ବର୍ଣ୍ଣବୈଚିତ୍ର୍ୟ ନା ପ୍ରତ୍ୟକ୍ଷ କରିଛନ୍ତି ସୁମିତ୍ରା ନା ସେ ମୂଲିଆ ପିଲାଟା । ପତି-ପତ୍ନୀ ଦୁଇଜଣଙ୍କର ଫୁଲଫଳ ଗଛ ଲଗାଇବାର ସମାନ ସଉକ ଥିଲେ ବି ଦୃଷ୍ଟିକୋଣ ଟିକିଏ ଭିନ୍ନ । ସୁମିତ୍ରା କରିଛନ୍ତି ଗୋଲାପ ବାଟିକା । ଲନର କଡ଼େ କଡ଼େ ଲଗାଇଛନ୍ତି ସେବତୀ, ରଜନୀଗନ୍ଧା । ଶୀତଦିନେ ଲଗାଇଥିଲେ ଡାଲିଆ, ଜିନିଆ, ପେଟୁନିଆ ପ୍ରଭୃତି ବିଦେଶୀ ଫୁଲଗଛ । ଶୁଭଙ୍କର ଲଗାନ୍ତି ଜାଇ, ଯୂଇ, ମଲ୍ଲୀ, ସଦାବସନ୍ତ ଓ ନିଆଳି ପ୍ରଭୃତି ଜାତିଜାତିକା ଦେଶୀ ଫୁଲଗଛ । ଚାକିରିର ତିନି ଦଶନ୍ଧି କାଳ ସହରର ଫ୍ଲାଟ ମାନଙ୍କରେ ରହି ସେ ଏ ଫୁଲ ଗୁଡ଼ିକୁ ସ୍ୱପ୍ନରେ ଦେଖୁଥିଲେ । ଏବେ ସେଇ ସବୁ ଗଛକୁ ପାଖରେ ଦେଖି ସେ ତାଙ୍କର ପିଲାଦିନର ସ୍ମୃତିକୁ ସତେଜ କରୁଥିଲେ । ସତେ ଯେମିତି ଏ ନିରୀହ ଫୁଲମାନଙ୍କ ପାଖୁଡ଼ାରେ ସେ ଦେଖୁଥିଲେ ଲତା, ଲଳିତା, କୌଶଲ୍ୟା ପ୍ରଭୃତି ଯେତେ ଯେତେ ସରଳା ବାଳିକା ବାନ୍ଧବୀଙ୍କ ମୁହଁ ।

ଗାଁରେ ଶୁଭଙ୍କରଙ୍କର ଜନ୍ମ । ଗାଁ ଗୋହିରି, ହୁଡ଼ି-ଜଙ୍ଗଲ, ନଈପଠାରେ ତାଙ୍କର ଲୀଳା ଖେଳା । ଗାଁର ପାଣି, ପବନରେ ତାଙ୍କର ଲାଳନ ପାଳନ । ତିନି ଦଶନ୍ଧି କାଳରୁ ଊର୍ଦ୍ଧ୍ୱ ନିଜର ବୃତ୍ତି ଯୋଗୁଁ ଗାଁ'ଠୁ ଦୂରରେ ରହିଲେ ବି ସେ ଭୁଲି ପାରିନାହାନ୍ତି ତାଙ୍କ ଭିଟାମାଟିର ବାସ୍ନାକୁ । ସେଥିପାଇଁ ସୁଯୋଗ ମିଳିଲେ ଗାଁକୁ ଛୁଟନ୍ତି ସେ । ସୁମିତ୍ରା ସେଥିପାଇଁ ମଝିରେ ମଝିରେ ତାନା ଦିଅନ୍ତି- ତାଙ୍କୁ ଗାଁ ରୋଗ ଗ୍ରାସିଛି ।

ଏଇ ବର୍ଷେ ହେଲା ସେ ଭୁବନେଶ୍ୱରକୁ ବଦଳି ହୋଇ ଆସିଛନ୍ତି । ତାଙ୍କୁ ରେଳକୁଟୀର କଲୋନୀରେ ଘର ମିଳିଛି । ଏହି ଘର ଦେଖି ସେ ଆତ୍ମହରା ହୋଇ ପଡ଼ିଥିଲେ । ଏଠି ଆଗରେ, ପଛରେ, ଦୁଇ କଡ଼ରେ ପ୍ରଶସ୍ତ ଜାଗା ଅଛି । ମଝିରେ ଟାଇଲ ଛପର ବଙ୍ଗଳା ଟାଇପ୍ ଘର । ବୃକ୍ଷ ଲତାର ଘେରରେ ଏହି ଘରଟି ଦିଶେ ଏକ ଶ୍ୟାମଳ ସମୁଦ୍ର ମଧ୍ୟରେ ଟାପୁ ପରି । ଏଠି ସାମନାରେ ଧାଡ଼ିଏ ଡୁପିଂ

ଦେବଦାରୁ ଗଛ ଠିଆ ହୋଇଛନ୍ତି ସନ୍ତ୍ରୀ ପରି । ପଛରେ କେତେ ଗୁଡ଼ିଏ ନିମ୍ବ ଓ କଦମ୍ବ ଗଛ । ଘରର ଏକ ପାଶ୍ୱର୍ରେ ଆମ୍ବ ଓ ପିଜୁଳି ଗଛ । ପାଖରେ ଥିବା ବଙ୍ଗ୍‌ଲୋ ଗୁଡ଼ିକ ମଧ୍ୟ ସେହିଭଳି ବୃକ୍ଷଲତାରେ ସମୃଦ୍ଧ । ତେଣୁ ଏହି କଲୋନୀର ଘରଗୁଡ଼ିକ ବାସିନ୍ଦାମାନଙ୍କର ଗର୍ବ ଭାବେ ଆଲୋଚିତ ହେଉ ଥିବାବେଳେ ପଥିକମାନଙ୍କର ଈର୍ଷାର ଶରବ୍ୟ ହେଉଥିଲେ ।

ଏତେ ସବୁ ଗଛ ଥିଲେ ବି ଆସିଲା ଦିନଠୁ ଆହୁରି ଗଛ ଲଗାଇବାକୁ ଶୁଭଙ୍କର ଲାଗି ପଡ଼ିଥିଲେ । ସାକ୍ଷୀଗୋପାଳରୁ ଆଣିଥିଲେ ନଡ଼ିଆ ଚାରା । କେନ୍ଦୁଝର ଫାର୍ମରୁ ଆଣିଥିଲେ ଲେମ୍ବୁ ଓ କମଳା । ବାରାଣସୀରୁ ମଗାଇଥିଲେ ପିଜୁଳି ଗଛ । ସାନ୍ତରାପୁର ଫାର୍ମରୁ ଆଣିଥିଲେ ଅମୃତଭଣ୍ଡା ଗଛ । ଆଗରୁ କିଛି ଭୁଷାବଳି, ପାଟକପୁରା କଦଳୀ ଗଛ ଲାଗିଥିଲା । ପରେ ସେ ଆଣି ଲଗାଇଲେ ଚମ୍ପା ଓ ବଉଳ ।

ସେ ଜାଣିଥିଲେ ଏବେ ଚାକିରିର ସାୟାହ୍ନ ଉପଗତ । ତଥାପି ତାଙ୍କର ଗଛ ଲଗାଇବାର ଝୁଙ୍କରୁ ସେ ନିବୃତ୍ତ ହେଉ ନଥିଲେ ।

ଦିନେ ସକାଳେ । ପିଅନକୁ ଧରି ସେ ବଗିଚାରେ ଆଣ୍ଠେଇ ପଡ଼ିଥିଲେ । ପିଅନ କଦଳୀଗଛ ପାଇଁ ଗାତ ଖୋଳୁଥିଲା । ସେ କୋଡ଼ିରେ ମାଟି ବାହାର କରୁଥିଲେ । ତାଙ୍କୁ ଦେଖା କରିବା ପାଇଁ ଆସିଥିବା ଜଣେ ସହକର୍ମୀ ମନ୍ତବ୍ୟ ଦେଲେ- ସାର୍, କଦଳୀ ଲଗାଇଲେ ବଦଳି ହେବ । କାହିଁକି ଲଗାଉଛନ୍ତି ?

ଭିଲାଇରେ ଥିଲାବେଳେ କଦଳୀଗଛ ଲଗାଇ ଫଳିଲା ବେଳକୁ ତାଙ୍କର ବଦଳି ହୋଇଯାଇଥିଲା । ତଥାପି ସେ ଏ ମନ୍ତବ୍ୟ ଶୁଣି ହସି ଦେଇଥିଲେ । କହିଲେ- ଆଉ କି ବଦଳି ହେବ ? ଆଉ କେତେଦିନ ଚାକିରି ଯେ !

ହାତେ ଚାଖଣ୍ଡେ ଗାତ ହେଲାଣି କି ନାହିଁ ବାଡ଼ିରେ ମାପୁଥିବା ବେଳେ ପତ୍ନୀଙ୍କର ପାଟି ଶୁଭିଲା- ସେଠି କ'ଣ କରୁଛ? ଚା' ଥଣ୍ଡା ହେଲାଣି ।

- ଆସୁଛି । ଗାଁରୁ ଯେଉଁ କଦଳୀ ପୁଆ ଆଣିଥିଲି, ତାକୁ ନଲଗାଇଲେ ଝାଉଁଳି ପଡ଼ିବ ଯେ ।

- ଆସନ୍ତୁ ବିଜୟ ବାବୁ । ଚା' ପିଇବା । କହି ସେ ଆଗନ୍ତୁକଙ୍କୁ ସାଥୀରେ ଧରି ଘର ଭିତରକୁ ଚାଲିଲେ ।

ଡାଇନିଂ ହଲ୍‌କୁ ଲାଗି ଭୂଇଁରୁ ତିନି ଚାରି ଫୁଟ୍ ଉଚ୍ଚତାରେ ବାଲକୋନୀ ସଦୃଶ ଯେଉଁ ମଣ୍ଡପଟି ଅଛି, ତାହା ହିଁ ଏ ଘରର ବିଶେଷ ଆକର୍ଷଣ । ଏ ଜାଗା ତାଙ୍କର ସକାଳ ଓ ସନ୍ଧ୍ୟାରେ ଚା' ପାନର ଆସ୍ଥାନ । ଏଠି ବସିଲେ କଲୋନୀର ରାସ୍ତା ସାଫ୍ ସାଫ୍ ଦିଶେ । ବାଡ଼ କଡ଼େ କଡ଼େ ମୁଣ୍ଡ ଟେକିଥିବା ଚମ୍ପା ଓ କଦମ୍ବ ଗଛ ଦିଶନ୍ତି । ଲନ୍ ଦିଶେ । ଲନ୍ ଚାରିପଟେ ଫୁଲର ପଟାଳି ଦିଶନ୍ତି । ଚା' ପିଉପିଉ ଦେଖନ୍ତି କେମିତି ଟିକି ଟିକି ଚଢ଼େଇ କାଠି କୁଟା ଧରି ବସା ବାନ୍ଧିବାକୁ ଉଡ଼ି ଆସନ୍ତି ଦେବଦାରୁ ଗଛର ଶୀର୍ଷକୁ । କେମିତି ଗୁଣ୍ଡୁଚି ମୂଷା ଡିଏଁ ପିଜୁଳି ଗଛର ଡାଳରୁ ଡାଳକୁ । ସନ୍ଧ୍ୟା ବେଳେ କେମିତି ଡକା ହକା ହୋଇ ଯୋଡ଼ି ଯାଉଁଳି ହଂସରାଳି, କାଳୀ ଗଉଡୁଣୀ ଚିଲିକା ଆଡୁ ଫେରନ୍ତି ଚନ୍ଦକା ଜଙ୍ଗଲକୁ ।

ସେହି ଜାଗାଟି ତାଙ୍କୁ ଲାଗେ ବତ୍ରିଶ ସିଂହାସନରେ ବସିଲା ପରି । ଏଠି ବସିଲେ ଚାକିରି ଜୀବନର ଅସଫଳତା, ସହକର୍ମୀ ମାନଙ୍କର ଈର୍ଷା, ଅସୂୟା, ବସ୍ ମାନଙ୍କର ଅଶାଳୀନ ବ୍ୟବହାର, ସବୁକିଛି ଭୁଲି ହୋଇଯାଏ । ମନରେ ଜାଗେ ସବୁ କିଛି ମୂଢ଼ତା ଓ ଧୃଷ୍ଟତାକୁ ମାଫ୍ କରି ଦେବାର କୋମଳ କାମନା । ଦୁଃଖୀ ରଙ୍କିଙ୍କ ପାଇଁ ଟିକିଏ ସହାୟତାର ହାତ ବଢ଼ାଇବାର ସଦିଚ୍ଛା । ଆଉ ସବୁଠାରୁ ବଡ଼ କଥା, ଏଠି ବସିଲେ ତାଙ୍କ ହାତରେ ଆପେ ଆପେ ଧରା ଦିଅନ୍ତି ଶବ୍ଦର ପ୍ରଜାପତି ସବୁ । ଯେହେତୁ ସେ କବି ।

ସେଠି ବସି ସ୍ରଷ୍ଟାଙ୍କର ନୀଳସର୍ଜନାକୁ ଘଣ୍ଟା ଘଣ୍ଟା ଧରି ଚାହିଁ ରହିବା ତାଙ୍କର ବିଳାସ । ବେଳେବେଳେ ଚା' ଥଣ୍ଡା ହୋଇଯାଏ । ପୁଣିଥରେ ଗରମ କରି ଆଣିବା ପାଇଁ ପତ୍ନୀଙ୍କୁ ବରାଦ ଦିଆଯାଏ ।

ସେଦିନ ସେହି ମଣ୍ଡପରେ ବସିଲା ବେଳେ ସୁମିତ୍ରା ବିଜୟ ବାବୁଙ୍କୁ ଦେଖାଇ କହୁଥିଲେ- ଖରାରେ କାମ କରି ମୁହଁଟାକୁ କେମିତି ହନୁ ଭଳି କଳା କଲେଣି ଦେଖନ୍ତୁ ତ । ଆମେ ଦି' ପ୍ରାଣୀ । ପୁଅ ବମ୍ବେରେ । ଝିଅ ମାଡ୍ରାସରେ । ବର୍ଷକେ ଥରେ ବି ତାଙ୍କର ଦେଖା ମିଳେନି । ଏଠି ଏତେ ଫଳ କିଏ ଭୋଗ କରିବ କହିଲେ?

- ତମେ ଆମ ଗାଁର ନଈ କଡ଼େକଡ଼େ ମାଇଲ ମାଇଲ ଲମ୍ବିଥିବା ଆମ୍ବତୋଟା ଦେଖିଛ ନା ? ସେଠି ଯେଉଁ କଳିଷଠା ବୁଢ଼ାମାନେ ଟାକୁଆ ପୋତିଥିଲେ, କିଛି ଭୋଗ କଲେ କି ? ସଫାଇ ଦିଅନ୍ତି ଶୁଭଙ୍କର ।

- ହଉ, ହଉ, ବେଶୀ ବକ୍ତୃତା ଦିଅନା । ଚା' ପିଅ- କହି ସୁମିତ୍ରା ଘରକାମ ପାଇଁ ଉଠିଲେ ।

ବିଜୟବାବୁ ଚା' ପିଉପିଉ ଦେଖୁଥିଲେ ସାମନାରେ ଦିଶୁଥିବା ପିଜୁଳି ଗଛଗୁଡ଼ିକ । ତିନୋଟି ଯାକ ଗଛ ଫଳ ଭାରରେ ଲଦି ହୋଇ ଦିଶୁଥିଲେ ତାରାଭର୍ତ୍ତି ଆକାଶ ଭଳି । ସେ ନିଜକୁ ରୋକି ନପାରି ପ୍ରସ୍ତାବ ଦେଲେ- ସାର୍, ଏତେ ପିଜୁଳି ଫଳିଛି । ଦିନକୁ ତ ବୋଝେ ବାହାରିବ । ପିଅନକୁ କହିଲେ ସେ ତ ବିଡ଼ିଏ ହାଟରେ ଥୋକ ଭାଉରେ ଦେଇ ଆସନ୍ତା । ସେଠି ଗୋଟେ ପିଜୁଳିକୁ ପାଞ୍ଚ ଟଙ୍କା ।

ଶୁଭକାନ୍ତ ହସି ଦେଲେ । ମନେମନେ କହିଲେ, ବ୍ୟବସାୟୀ ଘରେ ଜନ୍ମ ହୋଇଛି ସିନା, ଦିନେ କାଳେ ବେପାର ବଣିଜ କ'ଣ, ତା'ର ଧାର ଧାରିନି । ଦିସ୍ତା ଦିସ୍ତା କାଗଜରେ କବିତା କୁହନ୍ତୁ ଯେ ଲେଖିଦେବି ।

ପ୍ରକାଶ୍ୟରେ କହିଲେ- ଆପଣଙ୍କ ପାଇଁ ପିଜୁଳି ତୋଳା ହୋଇ ଥୁଆ ହୋଇଛି । ନେଇଯିବେ ।

ଫଳ ହେଉ, ପନିପରିବା ହେଉ, ଯାହା ସବୁ ଫଳେ ପ୍ରାୟ ସବୁ ପଡ଼ୋଶୀ, ପିଅନ, ଚାକରାଣୀ, ବନ୍ଧୁ ବାନ୍ଧବଙ୍କ ଭିତରେ ବଣ୍ଟା ଯାଏ । ଆଉ ସବୁ ଗୁଣ୍ଡୁଚି, ମୂଷା, ବାଦୁଡ଼ି ଓ କୀଟ ପତଙ୍ଗଙ୍କ ମୁହଁରେ ଯାଏ ।

ତାଙ୍କ ବଗିଚା ଦେଖିବା ପାଇଁ ଖାସ କରି କେତେକ ବାହାରେ ରହୁଥିବା କବି ବନ୍ଧୁ ଆସନ୍ତି । ଲନ୍‌ରେ ଚା'ର ଆୟୋଜନ କରିବା ପାଇଁ ବରାଦ ଦେଇ ସେ ବନ୍ଧୁଙ୍କୁ ବଗିଚା ବୁଲାଇ ନିଅନ୍ତି ।

- ଏ ଆମ୍ବଗଛ ମୁଁ ଆଣିଛି ସପ୍ତଶଯ୍ୟାରୁ । ବର୍ଷେ ଭିତରେ ଫଳିଲା ।

- ଏ ପିଜୁଳି ଗଛ ଆଣିଛି ବାରାଣସୀରୁ । ସେଠି ଆମର ଶାଳକ ସାହେବ ଅଛନ୍ତି । ଏହାର ଫଳ ଖୁବ ମିଠା ।

- ଏ ଲେମ୍ବୁ ଗଛ ଆଣିଛି ରାଞ୍ଚିରୁ । କେଡ଼େ ଛୋଟ ଗଛରେ ଫଳିଲାଣି ଦେଖନ୍ତୁ ତ!

ଏମିତି ସେ ଗଛ ଗୁଡ଼ିକର ଗୁଣକୀର୍ତ୍ତନରେ ଶତମୁଖ ହୋଇ ଉଠନ୍ତି । ଯେମିତି ସେ ଦିନେ ପୁଅ ଝିଅମାନଙ୍କ କୃତିତ୍ୱରେ ପ୍ରଗଲ୍ଭ ହୋଇ ଉଠୁଥିଲେ ।

କେହି କେହି ତାଙ୍କୁ ଗଛ ମୂଳରେ କୋଡ଼ା ଖୁସା କରିବା, କିମ୍ବା ଖତ, ସାର, ପାଣି, ଦେଉଥିବାର ଦେଖି ମନ୍ତବ୍ୟ ଦିଅନ୍ତି - ଏତେ ବୃକ୍ଷ ସେବା କାହିଁକି କରୁଛନ୍ତି ଆଜ୍ଞା? ଆପଣଙ୍କ ନୂଆ ଘରକୁ ଗଲାବେଳେ ଏସବୁ କ'ଣ ଉଠାଇ କରି ନେଇଯିବେ?

ସେ ତାଙ୍କ ଆଡ଼େ ଚାହିଁ ମୁରୁକି ହସା ଦିଅନ୍ତି ଏବଂ ପୁଣି କାମରେ ଲାଗି ଯାଆନ୍ତି ।

ତାଙ୍କର ଲୋକପ୍ରିୟତା ଯୋଗୁଁ କିଛି ଲୋକ ବୋଧହୁଏ ଈର୍ଷା କରନ୍ତି । କୌଣସି ନିନ୍ଦୁକ ବ୍ୟକ୍ତି ପଛରେ କହିବାର ସେ ଶୁଣିଛନ୍ତି- କେନ୍ଦ୍ର ସରକାର ଆଉ ଦୁଇବର୍ଷ ଚାକିରି କାଳ ବଢ଼ାଇବେ ପରା! ଖୁବ୍ ଜୋର୍‌ରେ ହଲ୍ଲା ହେଉଛି । ସେହି ଆଶାରେ ଶୁଭଙ୍କର ମନ ପ୍ରାଣ ଦେଇ ବୃକ୍ଷ ସେବାରେ ଲାଗି ଯାଇଥିବେ ।

ଏସବୁ ମନ୍ତବ୍ୟ ସେ ଏ କାନରେ ପୂରାଇ ଅନ୍ୟ କାନରେ ବାହାର କରି ଦିଅନ୍ତି ।

ଏମିତି ଚାହୁଁ ଚାହୁଁ ବର୍ଷାଧିକ କାଳ ବିତିଗଲା । କିନ୍ତୁ ତାଙ୍କର ବୃକ୍ଷ ସେବାରେ ବିରାମ ଆସିଲା ନାହିଁ ।

ଅବସର ନେବାର ଶେଷ ମାସ । ଦିନମାନଙ୍କର ଓଲଟ ଗଣତି ଆରମ୍ଭ ହୋଇଯାଇଥିଲା । ଏବେ ତାଙ୍କୁ ବିଭିନ୍ନ ସ୍ଥାନମାନଙ୍କରୁ ବିଦାୟ ସମ୍ବର୍ଦ୍ଧନା ଦେବା ପାଇଁ ଆମନ୍ତ୍ରଣ ଆସିଲା । ଅନେକ ବନ୍ଧୁ ସହକର୍ମୀ ନିଜ ନିଜ ଘରକୁ ଲଞ୍ଚ ବା ଡିନର୍ ପାଇଁ ନିମନ୍ତ୍ରଣ କଲେ ।

ନିଜ କ୍ୟାରିୟରରେ ତୁଙ୍ଗ ସୋପାନକୁ ଉଠି ପାରିଲେ ନାହିଁ ବୋଲି ଶୁଭଙ୍କରଙ୍କର ତିଳେମାତ୍ର ଦୁଃଖ ନଥିଲା । କାରଣ ପ୍ରତିବଦଳରେ ସେ ପାଇଥିଲେ ଅଗଣିତ ସହକର୍ମୀ ଓ ଅଧସ୍ତନମାନଙ୍କର ସ୍ନେହ ଶ୍ରଦ୍ଧାର ଉପହାର । ନୂଆ ଜାଗା ଭୁବନେଶ୍ୱରରେ ସେଭଳି ବନ୍ଧୁ ଓ ଶୁଭେଚ୍ଛୁମାନଙ୍କର ସଂଖ୍ୟା କିଛି କମ ନଥିଲା । ସେଥିରୁ ଅଧିକାଂଶ ତ ଏବେ ଏବେ ତାଙ୍କୁ ବ୍ୟକ୍ତିଗତ ଭାବେ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ । ସେମାନଙ୍କୁ ଜଣ ଜଣ କରି ନିଜ ଘରକୁ ନିମନ୍ତ୍ରଣ କରିବା ପାଇଁ ହାତରେ ସମୟ ନଥିଲା ।

ସେଥିପାଇଁ ସେ ନିଜ ଘରେ ଏକ ଟି ପାର୍ଟିର ଆୟୋଜନ କରିଥିଲେ । ସେଥିରେ କିଛି କବି ବନ୍ଧୁଙ୍କ ସମେତ ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ ।

ତାଙ୍କ ବଙ୍ଗଲୋର ବାହାର ପଟେ ଲନ୍‌ଟି ଥିଲା ଖୁବ୍ ପ୍ରଶସ୍ତ । ଲନ୍ ଚାରିପଟେ ରଜନୀଗନ୍ଧା, ସେବତୀ,

ଜିନିଆ, ପ୍ରଭୃତି ଫୁଲଗଛମାନ ଦିଶୁଥିଲେ ଏକ ସବୁଜ ଶାଢ଼ିର ଚିତ୍ର ବିଚିତ୍ର ଧଡ଼ି ପରି । ଅନତି ଦୂରରୁ ହେନା ଓ ଗୋଲାପ ଫୁଲର ଭୁରୁ ଭୁରୁ ମହକ ଭାସି ଆସୁଥିଲା ସାନ୍ଧ୍ୟ ସମୀରଣରେ । ଲନ୍‌ର ଏକ ପାଶ୍ୱର୍ରେ ସିଙ୍ଗଡ଼ା, ଆଳୁଚପ, ଭେଜିଟେବୁଲ ଚପ୍ ଓ କାଲାକନ୍ଦର ଭରା ପ୍ଲେଟମାନ ସଜାଇ ସୁମିତ୍ରା ଅତିଥିମାନଙ୍କୁ ତା'ର ସଦ୍‌ବ୍ୟବହାର ପାଇଁ ଆମନ୍ତ୍ରଣ କରୁଥିଲେ ।

ଆମ୍ବ, ସେପେଟା ପ୍ରଭୃତି ଫଳଗଛ ଫଳିବାର ଋତୁ ହୋଇ ନଥିଲା । କିନ୍ତୁ ବାରମାସୀ ପିଜୁଳି ଗଛ ଗୁଡ଼ିକରେ ଝୁଲୁଥିଲେ ଦୋଳା ଦୋଳା ଫଳ । ଗୁଣ୍ଡୁଚି ମୂଷା ଦୁଇଟି ଚିଁ ଚିଁ ଚିଁ ଅବୋଧ ଶବ୍ଦ କରି ଡାଳରୁ ଡାଳ ଡେଇଁ ଯାଉଥିଲେ । ଦେବଦାରୁ ଗଛରେ ଟିକି ଟିକି ଚଢ଼େଇ ଆସି ବସି ଯାଇଥିଲେ । ବୋଧହୁଏ ସେମାନେ ଉତ୍ସୁକତାର ସହ ତଳେ ଚାଲିଥିବା ଜନସମାବେଶ ସମ୍ପର୍କରେ ଆଲୋଚନା କରୁଥିଲେ- ଏଠି ହେଉଛି କ'ଣ ? ଆଜି ଏଠି ଏତେ ଲୋକ କାହିଁକି ଏକାଠି ହୋଇଛନ୍ତି ?

ଉପସ୍ଥିତ ଅତିଥିମାନଙ୍କର ଆଲୋଚନାର ବିଷୟବସ୍ତୁ ଅପ୍ରତ୍ୟାଶିତ ନଥିଲା । ସେମାନେ ଶୁଭଙ୍କରଙ୍କର ବିନମ୍ରତା, ବନ୍ଧୁ ବତ୍ସଳତା, ପରୋପକାରିତା ପ୍ରଭୃତି ଗୁଣ ସମ୍ପର୍କରେ କେବଳ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଉନଥିଲେ, ତାଙ୍କ ମୁହେଁ ମୁହେଁ କହିବାକୁ ପଛାଉ ନଥିଲେ ।

କେହି କେହି ପଚାରୁଥିଲେ ସମ୍ଭାବିତ ପ୍ରଶ୍ନ- ଅବସର ଗ୍ରହଣ ପରେ ଆପଣ କ'ଣ କରିବେ ?

ସେ ଉତ୍ତର ଦେବା ପୂର୍ବରୁ ଅନ୍ୟ କେହି ଉତ୍ତର ଦେଉଥିଲେ- ସେ ଏବେ ନିରଳସ ସାହିତ୍ୟ ସାଧନା କରିବେ ।

ସେହି ପାର୍ଟିରେ ପୁଣି କେତେଜଣ ପୁରୁଣା ପ୍ରଶ୍ନକୁ ଦୋହରାଉଥିଲେ- ଆପଣ ଏତେ କଷ୍ଟ କରି ଗଛ ସବୁ ଲଗାଇ ଥିଲେ । ଏସବୁ ଯାହା ପାଇଁ ଛାଡ଼ିଗଲେ, ସେ ନିଶ୍ଚିତ ଭାବେ ଆପଣଙ୍କୁ କାଳେକାଳେ ମନେ ରଖିବ ।

ଦଳଦଳ ହୋଇ ବସିଥିବା ଅତିଥିମାନଙ୍କ ପାଖରେ କିଛି କିଛି ସମୟ ଅତିବାହିତ କରି ସେ ଅନ୍ୟ ସ୍ଥାନକୁ ଗଲାବେଳେ କେବଳ ମୁରୁକି ହସ ଛାଡ଼ି ଯାଉଥିଲେ ।

ଏତିକିବେଳେ କିଛି ଶୁଭେଚ୍ଛୁ ତାଙ୍କ ପାଖରେ ଏକତ୍ରିତ ହୋଇ ଅନୁରୋଧ କଲେ- ଆଜି ଆପଣ ଆମକୁ କିଛି କୁହନ୍ତୁ ।

ବାଧ୍ୟବାଧକତାରେ ସେ ଗୋଟିଏ କୋଣରେ ଠିଆ ହେଲେ । ସମସ୍ତଙ୍କ ଧ୍ୟାନ ଆକର୍ଷିତ ହେଲା ତାଙ୍କ ଆଡ଼େ । ଉପସ୍ଥିତ ମହିଳାମାନେ ତାଙ୍କର ଗଳ୍ପସଳ୍ପ ବନ୍ଦ କରି ଗ୍ରୀବା ବଙ୍କାଇ ଚାହିଁଲେ ବନହରିଣୀ ପରି ।

ଅତି ବିନମ୍ରତାର ସହ ଶୁଭଙ୍କର ହାତ ଯୋଡ଼ି କହିଲେ- ଆଉ ଏଠି କ'ଣ କହିବି? ମୋ ପ୍ରତି ଆପଣମାନଙ୍କର ଅକୁଣ୍ଠ ସ୍ନେହ ଓ ଶ୍ରଦ୍ଧାକୁ ମୁଁ ଚିରଦିନ ପାଇଁ ମନେ ରଖିବି । ଆପଣମାନଙ୍କୁ ଅଶେଷ ଧନ୍ୟବାଦ । ତା'ପରେ ସେ ପରବର୍ତ୍ତୀ ଧାଡ଼ି ସମ୍ପର୍କରେ ଚିନ୍ତା କରୁଥିଲେ ।

ସାୟାହ୍ନର ସୂର୍ଯ୍ୟ ପଶ୍ଚିମ ଦିଗରେ ଧୀରେ ଧୀରେ ଢ଼ଳି ଯାଉଥିଲେ । ଆକାଶରେ ଝାଡ଼ି ଯାଉଥିଲେ ତାଙ୍କର ଦିନାନ୍ତର ଆଶୀର୍ବାଦ ସ୍ୱରୂପ ପୁଳାଏ ଅବିର ।

ଏତିକି ବେଳେ ଦଳେ ପାତିଶୁଆ କିଚିରି ମିଚିରି ଶବ୍ଦ କରି ପଟିଆ ଆଡୁ ଉଡ଼ି ଆସିଲେ ଏବଂ ବସିଲେ ପିଜୁଳି ଗଛରେ ।

ଶୁଭଙ୍କରଙ୍କ ମୁହଁରେ ଖେଳିଗଲା ଆଞ୍ଜୁଳାଏ ଅକୃତିମ ହସ । ସେ ନିଜର ବକ୍ତବ୍ୟ ଶେଷ କରିବାକୁ ଯାଇ କହିଲେ- ଆପଣମାନଙ୍କ ଭିତରୁ ଅନେକ ପ୍ରଶ୍ନ କରୁଥିଲେ ନା, ଏ ଗଛ ସବୁ ମୁଁ ଛାଡ଼ି ଗଲି କାହାପାଇଁ ? ଏଇ ପାତିଶୁଆଙ୍କ ପାଇଁ ।

ସେଇଠି ତାଙ୍କର ବକ୍ତବ୍ୟ ଶେଷ ହେଲା ।

ଉଚ୍ଛ୍ୱସିତ ତାଳିମାଡ଼ରେ ପାତିଶୁଆମାନେ ତରକି ପୁଣି ଆକାଶକୁ ଉଠି ଯାଉଥିଲେ ।

ဆဆ

**କୃପାସାଗର ସାହୁ ।** କବିତାରୁ ସର୍ଜନାର ଧାରା ଆରମ୍ଭ କରିଥିଲେ ବି ଗଳ୍ପ ଓ ସାହିତ୍ୟର ଅନ୍ୟ ଦିଗଗୁଡ଼ିକରେ ସେ ସକ୍ରିୟ । ପ୍ରକୃତି ତାଙ୍କର ସର୍ଜନାର ପ୍ରେରଣା । ଅଦ୍ୟାବଧି ତାଙ୍କର ପ୍ରକାଶିତ ପୁସ୍ତକ ମଧ୍ୟରେ ଦୁଇଟି କବିତା ସଂକଳନ, ତିନୋଟି ଶିଶୁ ସାହିତ୍ୟ ସଂକଳନ, ସାତଟି ଉପନ୍ୟାସ, ସତରଟି କ୍ଷୁଦ୍ରଗଳ୍ପ ସଂକଳନ ଏବଂ ଗୋଟିଏ ଜୀବନୀ ଗ୍ରନ୍ଥ ଅନ୍ତର୍ଭୁକ୍ତ । ତାଙ୍କର ଅନେକ ପୁସ୍ତକ ଇଂରାଜୀ, ବଙ୍ଗଳା ଓ ହିନ୍ଦୀ ଭାଷାରେ ଅନୂଦିତ । 'ଶେଷ ଶରତ' ଉପନ୍ୟାସ ପାଇଁ ୨୦୦୯'ରେ ଓଡିଆ ସାହିତ୍ୟ ଏକାଡେମୀ ପୁରସ୍କାର ଛଡ଼ା ଅନେକ ସାରସ୍ୱତ ପୁରସ୍କାର ଏବଂ ସମ୍ମାନ । ସେ ଭାରତୀୟ ରେଳବାଇ ପରିଚାଳନା ସେବାରୁ ଅବସର ଗ୍ରହଣ କରିଛନ୍ତି ।

ဆဆ

# ଖୋଜୁଛି ମୁଁ ଏମିତି ଏକ ଋତୁ

## ମୈତ୍ରେୟୀ କମିଳା

ଖୋଜୁଛି ମୁଁ ଏମିତି ଏକ ଋତୁ
ବଦଳିଯାଇଥିବ ଘାସ ଆଉ ଫୁଲର କାହାଣୀ
ପାହାଡ଼ଟା ଆଉ ଧୂସୁରା ଦିଶୁନଥିବ
ପାଣିର ଗାର ପରି ଲିଭୁଥିବ
ରାଗରୁଷା ମାନଭିମାନ
ତର୍କବିତର୍କଠୁ ଦୁରେଇଥିବ ସମ୍ପର୍କର ଡୋର
ଅନ୍ଧବିଶ୍ୱାସକୁ ସଂସ୍କାର ଗଣ୍ଠିଲି ମାରି ଉଇ ଖାଉଥିବ
ସମ୍ପ୍ରଦାୟିକତା ଭେଦଭୁଲି ବାଣ୍ଟୁଥିବା ନାରା "ଆମେ ସବୁ ଏକ"

ମୋତେ ଠିକ୍ ସେ ହୁଳହୁଳି ପକେଇ ଆସେନି,
ଭଲ ରାନ୍ଧି ଆସେନି କହି ତୁମେ ବାଟ ଭାଙ୍ଗି ଚାଲିଯିବନି
ଆଖିକୁ ଦିଶୁନି କହି ଶବ୍ଦ ସବୁ ଖାତାରେ ଏପାଖ ସେପାଖ ହେବେନି,
ଏମିତି ଏକ ଋତୁ
ସମୟଟା ଟିକେ ରହିଯିବ,
ଶୁନସାନ ଖରାବେଳେ
କୃଷ୍ଣଚୂଡ଼ା ଛାଇତଳେ
ଫଗୁଣ ସରିନି କହି

ଅଙ୍କାବଙ୍କା ରାସ୍ତା ସରି ଆସୁଥିବ
କେହି ନଝୁଣ୍ଟିଲା ଭଳି
ବାଡ଼ କଡ଼ ଲତାପରି
ମୁଠେ ମାଟିକୁ ଆଉଜି ।

କୁହୁଡ଼ିରେ ଚାଲୁଚାଲୁ
ନେସି ହୋଇଯିବ କାକର ଟୋପାଟା ଆଖି ପତାରେ,
ପଛରେ ସେ ଗଙ୍ଗଶିଉଳି ଫୁଲ ନେଛାଏ ଝରିପଡୁଥିବ
କଲମ ମୁନରେ ।

ଌଌ

**ମୈତ୍ରେୟୀ କମିଳା,** ପ୍ରବାସୀ ସାହିତ୍ୟ ସମ୍ଭାର ମୁମ୍ବଇ ସାହିତ୍ୟିକ ଗ୍ରୁପର ପରିଚାଳନା ଦାୟୀତ୍ୱରେ । ନିଜସ୍ୱ ପତ୍ରିକା ମୁମ୍ବଇ ଉତ୍କଳ ସୁରଭି ଓ 'କାରଘର' ନଭିମୁମ୍ବଇର ଜଗନ୍ନାଥ ମନ୍ଦିରର ମୁଖପତ୍ର ନୀଳାଚଳର ସମ୍ପାଦନା । ସେ ନଭିମୁମ୍ବଇରେ ରହନ୍ତି

ଌଌ

# Love is the blue sky…

Subas Pradhan

Love is the blue sky
Irrespective of clouds of doubt all around!
The glaring sun might obscure it
But love’s there in the background.

Love is the fuel that runs the world
Love is gravity that holds us hard
Love is what keeps us in motion,
Love is real mindfulness in action.

The trick is to let the clouds pass
And be aware of the eternal sky.
Let’s be here to see our doubts pass
Like clumps of cloud in the sky.

Love abounds even if
We are not aware of its presence further,
Let’s remember the blue sky
To love ourselves and the other.

∞∞

**Dr Subas Pradhan** is a psychiatrist by profession. He has considerable experiences of working in different cultures and countries, i.e. India, Australia, the UAE and the UK. He has a keen interest in medical teaching and research. He has a number of publications in various academic and literary journals. His hobbies include creative writing, traveling and public speaking. Currently he is residing and practicing in North Yorkshire, England.

∞∞

# ବର୍ଣ୍ଣବୋଧ

**ନରେଶ ଚନ୍ଦ୍ର ସାହୁ**

ଅଘଟନ ଘଟିଲା ସେଦିନ
କେବେ ଭାବି ନ ଥିବା
କେବେ କଳ୍ପି ନ ଥିବା ଘଟନାଟି
ଝଡ଼ ହେଇ ବହିଯିବା ଦିନ।
ଗାଇଆଳ ଟୋକାର ଅପବାଦରୁ ବର୍ତ୍ତିବା
ନିମିତ୍ତ
ଆନନ୍ଦ ମାଷ୍ଟ୍ରେଙ୍କ ଚାହାଳିରେ ବସିବା ଦିନ
ବାପାଙ୍କ ହାତର ସରୁ ଚଟକଣି
ଜବରଦସ୍ତି ବହିଟି ସହିତ ସମ୍ପର୍କ ସ୍ଥାପିବାର
ଦିନ।

ହଁ, ସେଇ ବହି, ବର୍ଣ୍ଣବୋଧ।
ସବୁ ବାଳୁତ ପାଇଁ ଚିର ଅବୋଧ
ଏ ଯାଏଁ ବି ବୁଝି ପାରିନି
ଅନିଶା କରୁଛି ବିଲେଇଟି କାହାର
ବିଲୁଆ କାହିଁକି ବଡ଼ ଚତୁର।

କେବଳ ସେତିକି ବୁଝିଥାଏ
ମାଷ୍ଟ୍ରେଙ୍କ ଗୋଗୋଛିଆ ପାହାରରୁ
ନିସ୍ତାର ପାଇଁ ସରଳ ଉପାୟ
ବର୍ଣ୍ଣବୋଧରୁ ଯୁକ୍ତାକ୍ଷର ମିଶା ଗୀତ ଦି'ପଦର
ଉଚ୍ଚାରଣ।

ବହିଟିର ପରିପାଟୀ ସୁଦୃଶ୍ୟ ନୁହେଁ
ଆବରଣ ବି ଗୁଣାତ୍ମକ ନୁହେଁ
ଆଧୁନିକତାର ଚାକଚକ୍ୟରେ ଧାର ଧରେନା
ବହିଟିର କାୟା ବିଶାଳ ନୁହେଁ
ମାତ୍ର ତା ମାୟାରୁ ବର୍ତ୍ତିବା ସହଜ ନୁହେଁ।

ବୁଢ଼ୀମା ଲଗେଇଲା ଅକ୍ଷର ଚିହ୍ନ
ଜୀବ ଯିବାବେଳେ ଭାଗବତ ଦି'ପଦ
ଶୁଣେଇବୁ
ମା କହିଲା ଚାହାଳି ଯା'
ଗାଇଆଳ ଟୋକାରୁ ମଣିଷ ବନିବୁ
ବାପାଙ୍କ ରାଟୁଆ ହାତ କଥା କହିଲା
ତୋ ଦଶା ଯଦି ଭଲ ବହି ଧର୍
ଜୀବନ ଅଭିଶପ୍ତ ବନିବାରୁ ବର୍ତ୍ତିଯିବୁ।
ନିନ୍ଦା, ତିରସ୍କାର, ଦୂର୍ ଦୁର୍ ଭାବନାର ବୋଝ
ମୁଣ୍ଡଉପରେ ସବାର ହେଲା
ଅବୋଧ ବର୍ଣ୍ଣବୋଧ ରଟିବାର ଯନ୍ତ୍ରଣା
ଶନିଦଶା ସାଜିଲା।

ଟାଣକରି ପାହାରଟିଏ କଷିଲେ ମାଷ୍ଟ୍ରେଙ୍କ
ହାତରେ
ଯନ୍ତ୍ରଣାସିକ୍ତ "ଆଃ" ଚିତ୍କାର
ବର୍ଣ୍ଣବୋଧ ଛୁଇଁବାର ଆଦ୍ୟ ଝଙ୍କାର
ଜୀବନ ଚୁମିବାର ଶ୍ରେଷ୍ଠ ଓଁକାର
ମାଟି ସହ ସମ୍ପର୍କ ଯୋଖିବାର ପ୍ରଥମ ପ୍ରୟାସ
ଆକାଶ ଲଙ୍ଘିବାର ବେଦାଭ୍ୟାସ।

ମାଷ୍ଟେ ଲହରେଇଲେ---
ଗ୍ରୀଷ୍ମେ, ବୈଶାଖ ଜ୍ୟେଷ୍ଠ ମାସ

ମୋତେ ଲାଗିଲା---
ଘଟିବ ମୋର ସର୍ବନାଶ
କୁକ୍କୁଟ ମୁଣ୍ଡେ ଅଛି ଚୂଳ
ବର୍ଣ୍ଣବୋଧ ଅଟେ ଜଂଜାଳ
କାଞ୍ଚନେ ବାଞ୍ଛା ନାହିଁ ମୋର
ସେ ବହିଠାରେ ହତାଦର।

ବର୍ଣ୍ଣବୋଧ,
ଯେ
ଯେତେ ବିରକ୍ତି ସେତେ ଆସକ୍ତି
ଯେତେ ବିକାର ସେତେ ଆଦର
ଯେତେ ଅସୂୟା ସେତେ ସନ୍ତୋଷ
ତାକୁ ଯେତେ ଦୁରେଇଲେ ସେ ସେତିକି
ଆପଣାର
କାରଣ---
ସେ ମୋର ଭାଷା, ସଂସ୍କୃତି, ସାହିତ୍ୟ
ବେଦ, ପୁରାଣ, ଉପନିଷଦ
ଜ୍ଞାନୀର ଅହଂକାର
ଅଜ୍ଞାନର ଗଣ୍ଠିଧନ
ନିର୍ଦ୍ଧନର ଧନାଗାର
ସଜ୍ଜନର ସ୍ୱାଭିମାନ
ତା ନାଁ ସ୍ମରଣରେ ମନ୍ତ୍ରମୁଗ୍ଧ ପ୍ରାଣ
ମୋ ଜାତିର ଆବେଗପୂର୍ଣ୍ଣ, ସଶ୍ରଦ୍ଧ, ଉଚ୍ଚାରଣ।
ଆଃ, ବର୍ଣ୍ଣବୋଧ, ତୁ ମୋର ଚିରକାଳ।

ꝏꝏ

**ନରେଶ ଚନ୍ଦ୍ର ସାହୁ,** ସଲ୍ଟଲେକ, କୋଲକାତା । ଓଡ଼ିଆ ଗଳ୍ପ ଓ କବିତା ଲିଖନରେ ରୁଚି ରଖନ୍ତି । ଅନେକ ଗଳ୍ପ ଓ କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ଓ ଆକାଶବାଣୀ, କଟକ ଦ୍ୱାରା ପ୍ରସାରିତ । ଲେଖକଙ୍କ ପ୍ରକାଶିତ କବିତା ସଂକଳନ "ସମୟ ହେଲେ ପଢ଼ିବ" ପାଠକୀୟ ଆଦୃତି ଲାଭ କରିଛି । ସମ୍ପ୍ରତି ଲେଖକ ଭାରତୀୟ ଷ୍ଟେଟ ବ୍ୟାଙ୍କ, କୋଲକାତାରେ କାର୍ଯ୍ୟରତ ।

ꝏꝏ

# ସ୍ରଷ୍ଟା ! ତୁମର ସୃଷ୍ଟିକୁ ରଖ

**ଅମ୍ବରୀଶ ଶତପଥୀ**

ତୁମେ ରଚିଥିଲ        ଏ ସାରା ଜଗତ
        କାଉଁରୀ ପରଶ ଦେଇ
ଏ ନୀଳ ଆକାଶ        ହେମ ସଇକତ
        ସବୁଜିମା ବନଭୂଇଁ    । ୧ ।
ତୁମେ ଗଢ଼ିଥିଲ        ଗିରି କନ୍ଦର
        ପବନ, ଅନଳ, ଜଳ
ତୁମରି ଆଦେଶ        ସଞ୍ଜ ସକାଳ
        ତରୁ ଲତା ଫୁଲ ଫଳ    । ୨ ।
ତୁମେ ସରଜିଛ        ଏ ସାରା ଜଗତ
        କଳ୍ପନା ସବୁତବ
ଭୂମି ଠାରୁ ଭୂମା        ସାଗର ନୀଳିମା
        ସମୀରର ସୂରେ ସ୍ତବ    । ୩ ।
ସୃଷ୍ଟି ତୁମର        ଉଜୁଡ଼ି ଯିବକି
        ଅବା କେଉଁ ଅଭିଶାପେ ?
'କରୋନା' ନେଉଛି    ମଣିଷ ଜୀବନ
        କାୟା ବିସ୍ତାରି ଆପେ    । ୪।
ସ୍ରଷ୍ଟା  ତୁମର        ସୃଷ୍ଟିକୁ ରଖ
        ଚାଲିଯାଉ ମହାମାରୀ
'କରେନା' ଭୂତାଣୁ    ନିଃଶେଷ ହେଉ
        ବସିଅଛୁ ଆଶା କରି    । ୫ ।

ഠഠ

# କିଏ କହେ

## ଅମ୍ବରୀଶ ଶତପଥୀ

କିଏ କହେ...........

ପ୍ରକୃତିର ପୁଞ୍ଜୀଭୂତ କ୍ରୋଧ
ଅବା ପଶୁପକ୍ଷୀ ମାନଙ୍କର କରୁଣ ଆର୍ତ୍ତନାଦ
ଯୁଗଯୁଗ ଧରି ହୋଇଥିଲେ ଅତ୍ୟାଚାରିତ
ମଣିଷ ଜାତି ହୋଇଅଛି ଅଭିଶପ୍ତ ।୧।

କିଏ କହେ...........

ସେହି ଅଭିଶାପ ଆସିଛି ମହାମାରୀ ହୋଇ
'କରୋନା' ଭୂତାଣୁର ରୂପ ନେଇ
ପୃଥିବୀ ପୃଷ୍ଟରୁ ମଣିଷକୁ ଅବା କରିବା ନିଃଶେଷ
ସବୁଦିନ ପାଇଁ ।୨।

କିଏ କହେ...........

ଅତୀତରୁ ବର୍ତ୍ତମାନ ଯାଏଁ
ମଣିଷର ଅତ୍ୟାଚାର ମଣିଷ ଉପରେ
ହତ୍ୟାକଲେ ପଶୁପକ୍ଷୀ ନିର୍ବିଚାରରେ
ବିବେକ ନଥାଏ ସେଠି
ଶୋଷଣ, କଷଣ ଦେଇ ଅରଜିଛି ପାପ
'କରେନା' 'ତା' ପ୍ରାୟଶ୍ଚିତ କରେ ।୩।

କିଏ କହେ...........

ଜଗତର ସ୍ରଷ୍ଟା ସବୁ ଦେଖି
ରଚିଛନ୍ତି ଏହା ।
ମଣିଷକୁ ଦେବେ ସେ ଚେତାଇ
ଠିକ୍‌ବାଟ ଦେବେ ସେ ଦେଖାଇ
ଅମାନିଆ ମଣିଷ ଜାତିକୁ
ସବୁଦିନ ପାଇଁ ।୪।

ꟸꟸ

**ଡ଼କ୍ଟର ଅମ୍ବରୀଶ ଶତପଥୀ,** ଅତିଥି ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ କଟକ । 'ଶ୍ରୀ ଜଗନ୍ନାଥ ସଂସ୍କୃତି' ବିଷୟରେ ଗବେଷଣା କରି ଦୁଇଟି ଗବେଷଣାତ୍ମକ ପୁସ୍ତକର ରଚୟିତା, ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ କଳାବିଭୂଷଣ ଉପାଧି ପ୍ରାପ୍ତ । 'ଶ୍ରୀ ଜଗନ୍ନାଥ ସଂସ୍କୃତି' ବିଷୟରେ ଆନ୍ତର୍ଜାତିକ ଓ ଅନ୍ତର୍ଦେଶୀୟ ପାଠଚକ୍ରରେ ଉପସ୍ଥାପନା । ପ୍ରତିବର୍ଷ ବୈଦୁତିକ ଗଣମାଧ୍ୟମମାନଙ୍କରେ ପୁରୀ ରଥଯାତ୍ରାର ଧାରାବିବରଣୀ ପ୍ରଦାନ କରିବା ସହ, ବିଭିନ୍ନ ଟିଭି କାର୍ଯ୍ୟକ୍ରମ ଓ ଆଲୋଚନା ଚକ୍ରରେ ଯୋଗଦାନ କରନ୍ତି । ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ତାଙ୍କର ଗଳ୍ପ, ଅନୁବାଦ ଗଳ୍ପ ପ୍ରବନ୍ଧ , କବିତା ଇତ୍ୟାଦି ପ୍ରକାଶିତ ହୋଇଛି ।

ꟸꟸ

# British landscapes

Aninda Biswas



Remarkable shades of green in an Autumnal woodland.



Fallen trees are a sign of autumn storms.



Wastwater in the Lake District is usually ignored by tourists. But it’s a deep and beautiful lake. On a calm day, clear as glass.

∞∞

**Dr Aninda Biswas,** Physician, United Kingdom. His hobby includes landscape photography.

∞∞

# ତେଲୋ ଜାକାଶୀକା

## ମୋନାଲିସା ଜେନା

ଚଢେଇର ପର, ଘାସପଡିଆ, ଲୁଣାମାଟି ବି
ଆଘ୍ରାଣ କଲୁ ଆକଣ୍ଠ
ପ୍ରାଣଭରି ହୃଦୟର ପ୍ରେମ
ଗୋଟିଏ ଆତ୍ମାରେ

ସ୍ଥାନାଂତର ହେଲା କାଠଚୁଲିର ଧୂଆଁ,
ନଦୀଝରଣାର ତୃଷ୍ଣା
କାନକୁହା କରିଯାଏ ଯାହାସବୁ
ଆମର ଉଚ୍ଚାରିତ ଶବ୍ଦ
ନିୟମଗିରିର ମହକିଉଠା ସାବଜାଛାଇରେ
ନାଚିଉଠେ କୁର୍ଲୀଗାଆଁ ।

ସତୁରି ବର୍ଷର ଉଷୁମାଇଥିବା ମା'ର ସରାଗ ପରି
ତେଲୋ ଜାକାଶୀକା ନହେଲେ
କଟୀ ମୋର ଶିରାଳବାହୁରେ ଜଡେଇ
ହଳଦୀବଟା ହାତରେ ମୁଣ୍ଡିଆ ମାରିମାରି
ଆତୁରଗଳାରେ ମନାସନ୍ତା
ନିୟମଗିରି ରାଜାକୁ
ସବୁଦିଅ ସାଙ୍ଗକୁ ମୋ' ?
ମେଲାଣିର ଭିଜାକାନି,
ହାଣ୍ଡିଆ ନିଶାରେ ଟୁଳ୍ ଟୁଳ୍ ଆଡଆଖି ।

ଯେତେବେଳେ ଆମେ ଶୁଣୁଥାଉ
ପୂର୍ବପୁରୁଷଙ୍କ ପାଚିଲାଧାନର ଗୀତ
ହଜାର ଜନ୍ମର ଅବତରଣ
ଆମ ନିଜ ନିଜର ନିଗୂଢ ବେଦନାରେ

ତୁମର ସ୍ପର୍ଶ, ତୁମର ରକ୍ତ ମୋ ଦେହରେ
ମୋର ହାଡ଼
ଏବେ ବି ସଙ୍କେଇଉଠେ
ସୂକ୍ଷ୍ମ ଇତିହାସପରି
ତୁମର ।

ଷଠି ଓଷାରେ ବୁଢୀ ହେଲା ବର୍ଷା
ମହୁଲି ମାଘରେ ଅଳସୁଆ ଖରା
ତଥାପି ନଯାଏ ବ୍ୟଥା?

ထထ

**ମୋନାଲିସା ଜେନା,** ଖୋର୍ଦ୍ଧା ।

'This poem is about Telo Jakasika, who is a prominent dongoria kandha woman of Niyamgiri, a remote place in the south-west of Odisha. I met her. She instantly hugged me and danced. She called me '*sanga'* meaning friend' – Monalisa Jena.

ထထ

# Visions

Jyotsna Mohanty

The Divine -
What child is this,
Making and breaking his toys,
In an endless aeonic game,
Playing out some mystery,
Silent, alone?

Birth -
Waking from a slumber deep
The adventurous spirit
Gathers himself
And sets forth once more,
On his journey
Into the green world below.

Life -
Scattered waterdrops
In a vast green field
Shine like pearls in the golden dawn—
Then quietly disappear
Into the unknown.

Death -
Beautiful and terrible
The leopard stalks;
Shadowlike it follows life;
Suddenly it leaps—
Then drags its prey into the dark.

∞∞

**Jyotsna Mohanty** teaches mathematics and Odia in Sri Aurobindo International Centre of Education, Puducherry. She used to write English poems for 'Children's' World and Mother India, Bengali short stories and poems for Shriwantu. Many of her short stories, poems and essays in Odia are published in Sucharita, Odia Aurovillian and Navaprakash. She is also a lyricist. Now she is writing in Odia for the following magazines- Aspruha, Divya Unmilan, Agnirupa and Shobhana. 'Visions', the poem was initially published in "Mother India" in April 1997. She lives in Sri Aurobindo Ashram Puducherry.

∞∞

# ଅସମାହିତ

**ଶ୍ରୀପ୍ରସାଦ ମହାନ୍ତି**

(୧)

'ତୁମ ଡାକ୍ତରମାନଙ୍କର ଦୟାମାୟା ଥାଏ । କିନ୍ତୁ ତୁମେ ଏତେ ଦାୟିତ୍ୱହୀନ ବୋଲି ମୁଁ ଜାଣିନଥିଲି' – କହି ଠକ୍‌ଠକ୍ କାନ୍ଦିପକାଇଲେ ଇଭା ଭାଉଜ ।

ମୁଁ ସନାତନ ମଉସାଙ୍କ ପାଖକୁଗଲି । ପରୀକ୍ଷାକଲି । ଯଦିଓ ଜାଣିଥିଲି ଯେ ସେ ଆଉ ନାହାନ୍ତି, ତଥାପି ଅଧିକ ସମୟ ଟିକିନିଖିକରି ଦେଖିଲି । ପ୍ରଥମତଃ କିଛି ଭୁଲ ନରହୁ ବୋଲି ଏବଂ ଦ୍ୱିତୀୟରେ ଏକ ଅପ୍ରୀତିକର ପରିସ୍ଥିତିରୁ କିଛିସମୟ ନିଷ୍କୃତିପାଇଁ ।

ତାପରେ ଖଣ୍ଡେ ସାଦାକାଗଜ ମାଗି ତାଙ୍କର ମୃତ୍ୟୁ ଘୋଷଣା କରି ବଢ଼ାଇଦେଲି ସାତ୍ୟକି ଭାଇଙ୍କୁ – 'ରଖିଥାଆନ୍ତୁ ଏଇଟା । ଶ୍ମଶାନରେ ଦରକାର ହେବ । ଶବ ନେବାବେଳକୁ ବି ପାଖରେ ଥାଉ ।' ଆଉ ସେଇ ସମୟଟିକକର ଆଡୁଆଳ ଘୁଞ୍ଚିଯିବାପରେ ପୁଣି ସାମ୍ନା କରିବାକୁ ପଡ଼ିଲା ଇଭା ଭାଉଜଙ୍କୁ ।

- 'ପାଞ୍ଚ ସାତ କିଲୋମିଟର ବାଟ ଆସିବାକୁ କେତେ ସମୟ ଲାଗେ କହିଲେ? ପୁରା ଦେଢ଼ ଘଣ୍ଟା ।'

- 'ନିଜର ହୋଇଥିଲେ ସିନା ! ଯେତେହେଲେ ବି ନିଜ ଆଉ ପର ଭିତରେ ଫରକ ରହିବ' – ମୀନା ନାନୀର ବକ୍ରୋକ୍ତି । କହିସାରି ଚାଲିଗଲା ସେ ଘର ଭିତରକୁ ।

ଇଭା ଭାଉଜ ଏ କଥାକୁ ଗ୍ରହଣ କରିପାରୁନଥାନ୍ତି । ମତେ ରକ୍ଷା କରିବାକୁ ଯଥାଯୋଗ୍ୟ କାରଣ ବି ବୋଧେ ପାଉନଥାନ୍ତି ।

- 'ଦେଖ ଭାଉଜ, ମୁଁ ସଙ୍ଗେ ସଙ୍ଗେ ଆସୁଥିଲି । ବାଟରେ ସ୍କୁଟର ଆକ୍ସିଡେଣ୍ଟ ହେଲା । ଘରକୁ ଫେରି ପୋଷାକ ବଦଳାଇ ରିକ୍ସାରେ ଆସିଲି ।'

- 'ତୁମ ପାଟିରେ କଣ ବେଙ୍ଗ ପଶିଥିଲା ଏଇ ଟିକକ କହିବା ପାଇଁ ? ମତେ କେତେ ରଗାଇ ସାରିଲାଣି । ନିଜେ ବି ଯାହା ତାହା ଶୁଣି ସାରିଲାଣି ।'

- 'ସମସ୍ତଙ୍କୁ ନିଜ ନିଜ ଦୃଷ୍ଟିରେ ଦେଖିବାକୁ ଦିଅ ।'

- 'ତୁମେ ଛେନାଟା ଜାଣିଛ' – କହି ଭିତରକୁ ଚାଲିଗଲେ ସେ ।

ମୁଁ ସନାତନ ମଉସାଙ୍କ ପାଖରେ ଏକା ହୋଇଗଲି । ନିରବତା ମାଡିମାଡି ପଡୁଥାଏ । ଅପ୍ରୀତିକର ସ୍ତବ୍ଧତା । ସମୟ ସ୍ଥାଣୁ ପାଲଟି ଯାଇଛି ଯେମିତି । ନା ଆଗକୁ ଯିବାର ଅଛି ନା ପଛକୁ ଫେରିହେଉଛି ।

ପବନର ଗତି ଥମିଯାଇଛି ତା ସହିତ । ଏଇ ମୁହଁ ସହ ବିନା ସମ୍ପର୍କରୁ ସମ୍ପର୍କ ଛନ୍ଦି ହୋଇଯାଇଥିଲା ଦିନେ । ଆଜିଠୁ କିଛି ନୂଆ ଅଧ୍ୟାୟ ଯୋଡ଼ା ହେବନି ସେଥିରେ । ଅଥଚ ଭୁଲି ବି ହେବନି ଗତକଥା ।

ମୁଁ ସେଦିନ ସମ୍ମିଳନୀରେ ପେଣ୍ଡା ବିନ୍ଧା ଉପରେ କହିବା ପାଇଁ ସ୍ଲାଇଡ୍ ପ୍ରସ୍ତୁତ କରୁଥାଏ । ମଉସା ପଶି ଆସିଲେ । ରୋଗ ବିଷୟରେ ଶୁଣିଲେ । ତାପରେ ଗାଇ ଚାଲିଲେ ଏଇ ରୋଗ ସମ୍ପର୍କରେ ତାଙ୍କ ଆୟୁର୍ବେଦରୁ । ମୋର ସମୟ ନଥାଏ । ଆଗ୍ରହ ବି ନଥାଏ । ବୋଧେ ଜାଣିପାରିଲେ ଓ ଗମ୍ଭୀର ହୋଇଗଲେ । କହିଲେ, 'ତୁମେମାନେ ଯୋଉ ଆଲୋଚନା କରୁଛ, ସେଥିରେ ତୁମ ବିଦ୍ୟାଟା ଘସିମାଜି ହୋଇ ଆହୁରି ସୁନ୍ଦର ହୋଇଯାଇଛି । ମାତ୍ର ଆମ ବିଦ୍ୟା ଆମେ ଲୁଚାଇ ଲୁଚାଇ ପୁଅ-ନାତିଙ୍କ ପାଖରେ ରଖି ସାରିଦେଲୁ ।' ତାଙ୍କ କଥାର ବ୍ୟଥା ଥିଲା ହୃଦୟ ତରଳାଇ ଦେବା ଭଳି ।

ଆଉ ଦିନେ ସେମିତି ଓଡ଼ିଶାର ଦାରିଦ୍ର୍ୟ ବିଷୟରେ କଥା ହେଉଥିଲୁ । ମଉସା ଶୁଣୁଥିଲେ କେବଳ । ମଝିରେ ହଠାତ୍ ସମସ୍ତଙ୍କୁ ଦବାଇ ଦେଇ କହିଲେ, 'ଖାଲି ଗପୁଛ ନା କିଛି କରିବା ପାଇଁ ଚାହୁଁଛ? ଓଡ଼ିଶାର ମୂଳ ଚାଷ ହେଲା ଧାନ । ତୁମେ ତ ଗୋଟେ ଓଳି ରୁଟି ଖାଇଲ । ଦାନାର ଅଧା ପଇସା ପଞ୍ଜାବ ହାତରେ ଟେକିଦେଲ । ଧାନର କାଟତି ବଢ଼ିବ କେମିତି? ବଢ଼ିଲେ ସିନା ଓଡ଼ିଆ ଚାଷୀ ପାଖରେ କିଛି ପଇସା ରହନ୍ତା ! ଆମର କନା ତିଆରି ହେଉନି ସିନା ଦରଜୀ ତ ଅଛନ୍ତି । ତୁମେମାନେ ଯଦି କିଣା ପ୍ୟାଣ୍ଟ-ସାର୍ଟ ନ ପିନ୍ଧି ଦରଜୀ ପାଖରେ ସିଲେଇ କରନ୍ତ, ଆମର କିଛି ପଇସା ରହିଯାଆନ୍ତାନି ?'

ଅନେକ ଅନେକ ବିଷୟରେ ଚିନ୍ତା କରୁଥିଲେ ସେ । ଅନେକ ସମୟରେ ତାଙ୍କର ବକ୍ତବ୍ୟ ଥିଲା ତୀକ୍ଷ୍ଣ ଓ ବାସ୍ତବ । ଅନେକ ସମୟରେ ଥିଲା ବିରୋଧାଭାସଭରା ।

ମୁଁ ସେତେବେଳେ ମଉସାଙ୍କ ଗାଁରେ ଚାକିରୀ କରୁଥିଲି । ସ୍ନାତକୋତ୍ତରର ପ୍ରବେଶିକା ପରୀକ୍ଷା ଦୁଇଦିନ ବାକିଥାଏ । ମାମୁଁଙ୍କୁ ଧନୁଷ୍ଟଙ୍କାର ରୋଗ ହୋଇଛି ବୋଲି ଖବର ପାଇଲି । ଖବର ଆସିଲା ଶୀଘ୍ର ଯିବାପାଇଁ । ଆଉ ବେଶୀ ସମୟ ହୁଏତ ବଞ୍ଚିବେନି ସେ । ମୋର ଆଦୌ ଇଚ୍ଛା ନଥାଏ ଯିବାକୁ । କିନ୍ତୁ ଯିବାପାଇଁ ଚାପ ଥାଏ ପ୍ରବଳ । 'ଯଦି ମରିଯାଆନ୍ତି'ର ଭୂତ ଡରାଉଥାଏ ରୀତିମତ । ମଉସା କେମିତି ଜାଣିଲେ କେଜାଣି, ନିଜେ ଯାଇଥିଲେ ଦେଖିବାକୁ । ଫେରିଆସି ମତେ ବ୍ୟସ୍ତ ନ ହେବାକୁ କହିଲେ । କହିଲେ ସାତଦିନ ଭିତରେ ବି ମାମୁଁ ମରିବେନି । ଶ୍ଳୋକ କେତୋଟିର ଉଦ୍ଧୃତ ଦେଇ କହିଲେ ଧନୁଷ୍ଟଙ୍କାର ବୋଧେ ନୁହେଁ ।

ମୁଁ ପରୀକ୍ଷା ଦେଲି । ଭଲ କଲି । ତାପରେ କଟକ ନେଲି ମାମୁଁଙ୍କୁ । ତାଙ୍କ ଟନ୍‌ସିଲ୍‌ରେ ଘା' ହୋଇଥିଲା ଓ ମୁହଁ ଟିଟାନସ୍ ରୋଗୀ ପରି ଦିଶୁଥିଲା ।

ଏମିତି ଏମିତି ଅନେକ କଥା ଘଟିଯାଇଛି ଯାହା ଭୁଲିହେବନି । ଅଥଚ ଆଉ ଗୋଟିଏ ଅଧ୍ୟାୟ ବି ଯୋଡି ହେବନି ସେଥିରେ ।

(୨)

ଡିସେକ୍‌ସନ୍ ହଲ୍‌ରେ ଆମ ଟେବୁଲ୍‌କୁ କୁହାଯାଉଥିଲା 'ଗସିପିଙ୍ଗ୍ ସେଣ୍ଟର' ଏବଂ ମତେ 'ନ୍ୟୁକ୍ଲିଅସ୍ ଅଫ୍ ଦି ଗସିପିଙ୍ଗ ସେଣ୍ଟର୍ ।'

ଡିସେକ୍‌ସନ୍ ହଲ୍‌ମାନେ ଗୋଟେ ଲମ୍ବାଘର । ତା ଭିତରେ ଧାଡ଼ି ଧାଡ଼ି ଟେବୁଲ । ଟେବୁଲ ଉପରେ ଫର୍ମାଲିନ୍ ବୁଡା ମୃତ ଦେହ (କାଡାଭର୍) । କାଡାଭର୍‌ସବୁ ଦିଶୁଥିବେ ମୂର୍ତ୍ତିଭଳି ଜଡ଼ । ଫର୍ମାଲିନ୍ ଗ୍ୟାସ୍‌ରେ ଆଖି ପୋଡୁଥିବ । ଶବରୁ ବାହରୁଥିବ ଫର୍ମାଲିନ୍‌ମିଶା ପଚାଗନ୍ଧ । ତାରି ମଧ୍ୟରେ ବନ୍ଦୀ ଭଳି ଥିବେ ପ୍ରଥମ ବାର୍ଷିକ ଛାତ୍ର ଓ ରହୁଥିବେ ଗୋଟାଏରୁ ଚାରିଟା । ଡାକ୍ତରୀର ଲମ୍ବା ପାଠ୍ୟକ୍ରମ ପରି ସରୁନଥିବ ସେ ସମୟ । ଶବମାନଙ୍କୁ ଭୟ ଲାଗୁନଥିବ ହେଲେ ଭୂତ ଭଳି ଡରାଉଥିବେ ଷ୍ଟରନୋକ୍ଲିଡୋମାଷ୍ଟଏଡ୍ । ଲାଭାଟର୍ ଲାବି ଆଲିକ୍ ନାଜାୟ । ଲେଭାଟର୍ ପାଲ୍‌ପେବ୍ଲାଲ୍ ସୁପରିଅରିସ୍ ଭଳି ଶବ୍ଦମାନେ ।

ଗୋଟେ କାଡାବର୍‌ର ପ୍ରତି ହାତ ଓ ଗୋଡ଼ ପାଖରେ ଥାଆନ୍ତି ଚାରି-ପାଞ୍ଚଜଣ ଲେଖାଏ । ହାତର ଡିସେକ୍‌ସନ୍ ସରିଲେ ଦୁଇଦଳ ମିଶି ଛାତିର ଡିସେକ୍‌ସନ୍ କରନ୍ତି ଓ ଗୋଡ଼ର ଡିସେକ୍‌ସନ୍ କରୁଥିବା ଛାତ୍ରମାନେ କରନ୍ତି ପେଟର । ଅଧ୍ୟାପକ କିଛି ଉପଦେଶ ଦେବାପରେ କିନିଙ୍ଗ୍‌ହାମ୍‌ଙ୍କ ମାନୁଆଲ୍ ଦେଖି ବ୍ୟବଚ୍ଛେଦ କରିବାକୁ ହୁଏ ।

ସବୁଦିନ ମୋ କାମ ଘଣ୍ଟାଏ ଭିତରେ ସରିଯାଏ ଓ ମୁଁ ମୋ ସାଙ୍ଗଙ୍କ ସହ ଗୁଲିକରେ । ପାଖଟେବୁଲ୍‌ରୁ ବି ସାଙ୍ଗମାନେ ଆସନ୍ତି । ପ୍ରଫେସର ରାଗନ୍ତି ମୋ ଉପରେ ଓ 'ଗସିପିଙ୍ଗ୍ ସେଣ୍ଟର' ନାଁ ସେ ହିଁ ଦେଇଥିଲେ । ପ୍ରତ୍ୟେକ ଦିନ ତିନିଟା ପଇଁଚାଳିଶ ପାଖାପାଖି ସେ ଛପି ଛପି ପଛଦୁଆର ବାଟେ ଆସନ୍ତି । ଲକ୍ଷ୍ୟ କରନ୍ତି ଛାତ୍ରଙ୍କ କାର୍ଯ୍ୟକଳାପ । ମୋ ଉପରେ ସବୁବେଳେ ଆଖି ରଖିଥାନ୍ତି । ଅନେକ ସମୟରେ ମତେ ଧରି ପ୍ରଶ୍ନ ପଚାରନ୍ତି । ତେବେ ମୁଁ ମନେ ମନେ ପ୍ରସ୍ତୁତ ଥାଏ ଓ ପ୍ରାୟତଃ ଉତ୍ତର ଦେଇଦିଏ । ହେଲେ ମୋ ଦେହରେ ଅମନଯୋଗୀ ତଥା ବହେମିଆନ୍ ମୋହର ବାଜିଥାଏ ।

ମୋର ରୁମ୍‌ରେ ଅଧିକାଂଶ ବହି ନଥାଏ । ଲାଇବ୍ରେରୀରୁ କିଛି ଟିପି ଆଣେ ଓ ସେଇ ଟିପା କାଗଜ ସବୁ ଶେଜ ତଳେ ଗୁଞ୍ଜି ଦେଇଥାଏ । ମୋ ଖଟ ଉପରେ ମଣିଷର ହାଡ଼ସବୁ ପଡ଼ିଥାଏ କିଛି ବହି ସହିତ । ପ୍ରତିଦିନ ଶୋଇବା ବେଳେ ଯେଉଁଟା ହେଲେ ଉଠାଇ ଆଣେ କିଛି ସମୟ ପାଇଁ । ଶେଜତଳେ ହାତ ଗେଞ୍ଜି ମେଞ୍ଚାଏ ଚିଠା ନେଇ ଆସେ, ପଢ଼େ ଓ ପୁଣି ଗୁଞ୍ଜିଦିଏ ଇତସ୍ତତଃଭାବେ । ଲଇବ୍ରେରୀରେ ମୋର ପଢ଼ିବାର ସମୟ କି ବିଷୟ କିଛି ସ୍ଥିର ନଥାଏ । ଆନାଟୋମି / ସାଇକୋଲୋଜି / ସାଇକିଆଟ୍ରି / ଗପବହି – ମନଇଚ୍ଛା ଉଠାଇ ନିଏ । କେବେ ରାତି ନ'ଟାରେ ପଢ଼ିବାକୁ ଯାଏ ତ କେବେ ଯାଏ ଶ୍ରେଣୀ ଚାଲୁଥିବାବେଳେ ।

ସମସ୍ତେ ଅମିତାଭ ବଚନ କିମ୍ବା ନସିରୁଦ୍ଦିନ ଶାହାଙ୍କୁ ନିଜର ପ୍ରିୟ ତାରକା କହିବା ବେଳେ ମୁଁ କହେ ଅମୋଲ ପାଲେକର । ସମସ୍ତେ ସାଦାକନାର ପ୍ୟାଣ୍ଟ ପିନ୍ଧିବାବେଳେ ମୁଁ ପିନ୍ଧେ ଚେକ୍ କନାର । ମତେ

ତେଣୁ ବହେମିଆନ୍ କହିବା ବୋଧେ ଅଯଥାର୍ଥ ନଥିଲା ।

ବହେମିଆନ୍‌ର ଛାପ ମୋ ପାଇଁ ସୁବିଧାଜନକ ଥିଲା । ବାହାରେ ଜଳଖିଆ ନ ଖାଇ ଚୁଡ଼ା ଖାଇଲେ କେହି କାମ୍ପି କହୁ ନଥିଲେ । ଧୋବାକୁ ନଦେଇ ନିଜେ ଲୁଗା ସଫା କରିପାରୁଥିଲି । ବର୍ଷକୁ ଅମିତାଭ ବଚନଙ୍କର ପନ୍ଦର କୋଡିଏଟି ସିନେମା ଆସିବା ବେଳେ ଅମୋଲ ପାଲେକରଙ୍କର ଗୋଟିଏ ଦୁଇଟି ଆସୁଥିଲା ଓ ଏନ୍.ଟି.ସି.ର ଚେକ୍ ପ୍ୟାଣ୍ଟକନା କମ୍ ଦାମରେ ମିଳୁଥିଲା । ପାଖରେ ତୁଳନାତ୍ମକ ଭାବରେ କମ୍ ପଇସା ଥିଲେ ବି ମୋର ଚଳିବାରେ ଆଦୌ ଅସୁବିଧା ହେଉ ନଥିଲା ।

ତେବେ ମୋ ନାଁରେ ଅନେକ ଅଜବ ଗୁଜବ ବି ଥିଲା ଯାହା ମୁଁ ଜାଣିନଥିଲି ।

ମୋ ପାଖ ଟେବୁଲ ଥିଲା ସତ୍ୟଭାମାର । ସତ୍ୟଭାମା ସନାତନ ମଉସାଙ୍କ ଝିଅ । ସେ ନୀତିନିୟମ ଜଗି ଚଳେ । ସବୁବେଳେ ପାଠ ପଢ଼େ । କଲେଜ ଅଡିଟୋରିଅମ୍‌ରେ ବି ସିନେମା ଦେଖେନି । ଶ୍ରେଣୀରେ ସବୁଠୁ ଅଧିକ ନମ୍ବର ରଖେ । ଅବଶ୍ୟ ମୁଁ କେବେ କେମିତି ତାକୁ ଟପିଯାଉଥିଲି । ମୁଁ କିନ୍ତୁ ପରୀକ୍ଷାରେ କଷ୍ଟ ପ୍ରଶ୍ନର ଉତ୍ତର ସମସ୍ତଙ୍କୁ ବତାଇଦିଏ । ନମ୍ବର ପ୍ରତି ମୋର ଏତେଟା ଝୁଙ୍କ୍ ନ ଥିଲା କିମ୍ବା ଅନ୍ୟମାନଙ୍କ ସହ ପ୍ରତିଦ୍ୱନ୍ଦିତାର ନିଶା ନଥିଲା ।

ଚତୁର୍ଥ ବର୍ଷରେ ଥରେ ଅନେକ ଦିନ ଧରି ଦାଢ଼ି କାଟି ନଥିଲି । ତେଣୁ ଅଲଗା ଦେଖା ଯାଉଥିଲି । ଦିନେ ମତେ ସତ୍ୟଭାମା ପଚାରିଲା, 'ଏତେ ଗଞ୍ଜେଇ ଟାଣୁଛ କାହିଁକି?' ମୁଁ ମନାକଲି ।

ସେ କିନ୍ତୁ ତା ମତରେ ଦୃଢ଼ଥିଲା । ମତେ ରାଗ ଲାଗୁଥାଏ ତା କଥାରେ । ତା'ମୁଣ୍ଡ ଛୁଇଁବାକୁ କହିଲା ଓ ମୁଁ ଛୁଇଁ ମନାକଲି । ତା' ମୁହଁ ଝାଉଁଳି ଯାଇଥିଲା ପୁରାପୁରି । ଭାବିଲି ବୋଧେ ସେ ଦୃଢ଼ ନିଶ୍ଚିତ ମୁଁ ଗଞ୍ଜେଇ ଟାଣେ ବୋଲି । ରକ୍ଷଣଶୀଳ ମନ ତାର ଶଙ୍କାଗ୍ରସ୍ତ ହେଉଛି ମୁଣ୍ଡ ଛୁଇଁବାରୁ ।

ଆଜି କିନ୍ତୁ ଭାବୁଛି ଅଲଗା କଥା । ସେ ବୋଧେ ବ୍ୟଥିତା ଥିଲା ତା ମୁଣ୍ଡ ଛୁଇଁବା ଭଳି ସ୍ପର୍ଶକାତର କଥାକୁ ମୁଁ କୌଣସି ଗୁରୁତ୍ୱ ନ ଦେବାରୁ ।

ବର୍ଷେ ଭିତରେ ଅଚାନକ ଦିନେ ମରିଯାଇଥିଲା ସତ୍ୟଭାମା ।

(୩)

ସନାତନ ମଉସାଙ୍କ ଗାଁରେ ଚାକିରୀ କରିବାପରେ ତାଙ୍କ ପରିବାରରେ ଜଣେ ପାଲଟିଗଲି ମୁଁ । ହେଲେ ମୀନାନାନି ମତେ କେବେ ବି ଭଲ ଦୃଷ୍ଟିରେ ଦେଖୁ ନଥିଲା । ସବୁବେଳେ ମୋ କଥାର ବିରୋଧ କରେ ।

ମୁଁ ତା କଥା ଶୁଣି କେବେ ମନଦୁଃଖ କରେନି । ମୋର ଭୟ ହୁଏ ଯେ ସତ୍ୟଭାମା ହୁଏତ ମୋ ନାଁରେ କିଛି କହିଥାଇପାରେ । କାରଣ ବଡ଼ଭଉଣୀ ମୀନାନାନି ହିଁ ଥିବ ତାର ସବୁଠାରୁ ଘନିଷ୍ଠ ।

ଏଥର ମୁଁ ସ୍ଥିର କଲି ଯେମିତି ହେଲେ ମୀନା ନାନୀଠୁ ଏଇ ଅସୂୟାର କାରଣ ବୁଝିବି ।

ତାଙ୍କଘରକୁ ଯିବାବେଳେ ସେ ଜଗନ୍ନାଥଙ୍କ ମୂର୍ତ୍ତି ପୋଛୁଥିଲା । ଏଇ ମୂର୍ତ୍ତିଟା ମୁଁ ମଉସାଙ୍କ ପାଇଁ ଆଣିଥିଲି । ମୀନାନାନି କେଉଁ ମାତାଜୀଙ୍କ ପାଖକୁ ଯାଏ । ଜଗନ୍ନାଥଙ୍କୁ ସେମିତି ମାନ୍ୟ କରେନି । ପୁଣି

ମୁଁ ଆଣିଥିବାରୁ ସେ ମୂର୍ତ୍ତି ତା ପାଇଁ ଅସ୍ପୃଶ୍ୟ ପାଲଟି ଯାଇଥିଲା ।

ତାକୁ ସେ ଅବସ୍ଥାରେ ଦେଖି କଣ କହିବି ଜାଣିପାରିଲିନି । ମୁଁ ଚୁପ ରହିବାରୁ ସେ ପଚାରିଲା, 'କଣ କହିବୁ?'

- 'ମୀନା ନାନୀ, ବେଳେବେଳେ ଭୁଲ ବୁଝାମଣା ହୋଇଯାଏ...'

- 'ଆଉ ତୋ ସହ କେବେ ବି ହେବନି, ଜଗନ୍ନାଥଙ୍କ ରାଣ ।'

- 'ତୁ ପୁଣି ଜଗନ୍ନାଥଙ୍କୁ କେବେଠୁ...'

- 'ମୁଁ  କାଲି ପୁରୀ ମନ୍ଦିର ଯାଇଥିଲି । ସବୁଥର ମନ୍ଦିରରେ ମତେ ପଣ୍ଡାଙ୍କ ଦୌରାତ୍ମ୍ୟ ବିରକ୍ତ ଲାଗେ । କାଲି କିନ୍ତୁ ଦେଖିଲି ବାଡ଼ି ଛୁଆଁଇ କି ଫୁଲ-ଶଙ୍ଖ ଦେଇ ପଇସା ନେବା ଭିତରେ ସେମାନେ 'ଅହ୍ୟ ସୁଲକ୍ଷଣୀ ହୁଅ' ବୋଲି କଲ୍ୟାଣ କରୁଥିଲେ କି ସ୍ୱାମୀ, ସନ୍ତାନଙ୍କର ମଙ୍ଗଳକାମନା କରୁଥିଲେ । କହୁଥିଲେ ସର୍ବସୁଖରେ ସଂସାର କର ।

କିନ୍ତୁ ମୁଁ ଯେଉଁ ମାତାଜୀଙ୍କ ପାଖକୁ ଯାଏ କଣ ଶୁଣେ ଜାଣିଛୁ? ସଂସାର ଖରାପ-ସଂସାର ଛାଡ଼ିଦିଅ । ସ୍ୱାମୀ, ସନ୍ତାନ ମୋହରେ ପଡ଼ନି ଇତ୍ୟାଦି ଇତ୍ୟାଦି ।

ମତେ ଲାଗିଲା ଆଜି ପର୍ଯ୍ୟନ୍ତ ଭୁଲ ରାସ୍ତାରେ ଯାଉଥିଲି ।

ମୁଁ କଣ କହିବି କିଛି ଭାବିପାରୁ ନଥିଲି ।

ମୀନା ନାନୀ ମତେ ବସାଇଲା । ମୋ ପାଖରେ ବସିଲା । ତା ମୁହଁ ଦିଶୁଥିଲା ଅଲଗା ଅଲଗା । ଲାଜବୋଳା । ମଝିରେ ମଝିରେ ହସୁଥାଏ ମନେ ମନେ । ଆଖିରେ ଆଖି ପଡ଼ିଗଲେ ମୁହଁ ପୋତି ଦେଉଥାଏ । ମତେ ଲାଗିଲା କାହା ପ୍ରେମରେ ପଡ଼ିଛି ମୀନା ନାନୀ । ଖୁସି ହେଲି । ବାହା ହୋଇଯାଉ ବିଚାରୀ! କିନ୍ତୁ ପଚାରିବି କେମିତି! କେମିତି ଆରମ୍ଭ କରିବି କଥା!

- "କ'ଣ କହିବୁ?" ପଚାରିଲା ମୀନା ନାନୀ । ଆଖି ତାର ଚିକ୍ ଚିକ୍ କରୁଥାଏ । ମୁଁ ଜାଣିପାରିଲିନି କ'ଣ କହିବି ।

"କ'ଣ କହୁନୁ ।" ସ୍ୱରରେ ତା'ର ଯଥେଷ୍ଟ ବ୍ୟଗ୍ରତା ।

ମୁଁ ବୁଝିପାରୁ ନଥାଏ କଣ କହିବି ।

- "ତୋ ଭଳି ଦୃଢ଼ ଆଉ ଅଣପାରମ୍ପରିକ ପିଲାକୁ ନେଇ ଯାହା କିଛି ବି ଭାବିହୁଏ...

ଇଭା ଭାଉଜ ପହଞ୍ଚିଗଲେ ଗୋଟେ ପୂର୍ଣ୍ଣଚ୍ଛେଦ ଭଳି ।

ଚଚ

**ଡା: ଶ୍ରୀପ୍ରସାଦ ମହାନ୍ତି** ବର୍ତ୍ତମାନ ବ୍ରହ୍ମପୁର ସହରର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ଭେଷଜ ବିଭାଗରେ ପ୍ରଫେସର ପଦରେ କାର୍ଯ୍ୟରତ । ଝଙ୍କାର, କଥା, ନବଲିପି, ଅର୍ପିତା ଆଦି ଆଗଧାଡ଼ିର ପତ୍ରିକାରେ ତାଙ୍କର ଲେଖା ନିୟମିତ ଭାବେ ବାହାରିଥାଏ । ଏପର୍ଯ୍ୟନ୍ତ ତାଙ୍କର ପ୍ରକାଶିତ ଗଳ୍ପ ସଂକଳନ: - ନିର୍ବାଣର ଆରପଖେ, ହଜିଯାଉଥିବା ଝିଅମାନେ, ଝିଅ ପାଇଁ ଗପ, ଭାଗଶେଷ, ତୁମେ ଅଛ ବୋଲି । ଉପନ୍ୟାସ: 'ଥୁଣ୍ଟା ଗଛର ଛାଇ' ।

ଚଚ

# ପ୍ରକୃତି ସେ - ଅଣାକାର

**ଗ୍ଲାବେଲା ରଥ**

ହେ ମାନବ .......
ଭାବୁଛୁ କି ତୁହି ସବୁଦିନ ପାଇଁ ଏହିପରି ରହିଥିବୁ ?
ବିବର୍ତ୍ତନ ତୋତେ ବାଟ କାଢିନେବ ରୂପାନ୍ତର ନିଶ୍ଚେ ହେବୁ l

ଡାଇନୋସରଟା ଭାବୁଥିଲା ଦିନେ ତ୍ରିପୁର ବିଜୟୀ ପ୍ରାଣୀ
ଆର୍କୀଓପ୍ଟେରିସ୍ ବାଟ କାଢ଼ିନେଲା ହେଲାସେ ଖଚର ପୁଣି !

ଆବର୍ତ୍ତନ ଏଠି ସମୟ ଗଢ଼ିଲା; ବର୍ଷ, ମାସ, ଦିନ, ଦଣ୍ଡ
ବିବର୍ତ୍ତନ ଶିଳ୍ପୀ ଠିଆ କଲା ପ୍ରାଣୀ ଟେକି ତାର ମେରୁଦଣ୍ଡ l

ବାନରରୁ ଥୋକେ ନର ହୋଇଗଲେ ଅନେକ ବରଷ ତଳେ
ରାମାପିଥିକସ ମାନବଟେ ହୋଇ ଶାସୁଛି ଜଗତ ବଳେ l

ମଣିଷ ନୁହଇ ଏ ଧରା ଧାମରେ ଶେଷ ଶ୍ରେଷ୍ଠ ପ୍ରତିକୃତି
ଆଗକୁ ରହିଛି ଆହୁରି ଅନେକ ପ୍ରକୃତିର କଳାକୃତି l

ଜାଣ-ଅଜାଣତେ ଆମ ମଧ୍ୟୁ କେତେ ଅତିମାନସର ପଥେ
ଦିନ ପରେ ଦିନ ଗତି କରୁଅଛୁ ବୌଦ୍ଧିକ ବିକାଶ ସାଥେ l

ଆବର୍ତ୍ତ ବିଶ୍ୱର ବିବର୍ତ୍ତନ ଧାରା ନୂତନତା ଆଣୁଥାଏ
ନୀରବେ ନବସି, ବିଶ୍ୱ-ପ୍ରକୃତି ଭଙ୍ଗା-ଗଢା କରୁଥାଏ l

କିଏ  ଆବର୍ତ୍ତୁଛି, କିଏ  ବିବର୍ତ୍ତୁଛି, କିଏ ସେହି କଳାକାର ?
ଆକାର ଦେଉଛି ପ୍ରକାର ଗଢୁଛି 'ପ୍ରକୃତି ସେ- ଅଣାକାର' l


ଌଌ

**ଡ଼ଃ. ସୁରେଶ ଚନ୍ଦ୍ର ରଥ**, ଏମ.ଏସ.ସି., ପିଏଚ.ଡି, ଡ଼ି.ଏସସି., ଏ.ପି.ଏମ (ଇଜରାଏଲ୍) । ଭାରତୀୟ କୃଷି ଗବେଷଣା ପରିଷଦର ପ୍ରାକ୍ତନ ମୁଖ୍ୟ ବୈଜ୍ଞାନିକ । ପେସାରେ ବୈଜ୍ଞାନିକ, ନିଶାରେ ସାହିତ୍ୟ ସୃଷ୍ଟି ଓ ବକ୍ତା । ଜଳକୃଷି ବିଜ୍ଞାନରେ ଉତ୍କର୍ଷତା ପାଇଁ ଜାତୀୟ ପୁରସ୍କାର ବିଜେତା । ବିଜ୍ଞାନ ଓ ସାହିତ୍ୟରେ ଶତାଧିକ ଜାତୀୟ ତଥା ଆନ୍ତର୍ଜାତୀୟ ପ୍ରକାଶନ । ଜଳକୃଷି ବିଜ୍ଞାନରେ ପାଞ୍ଚଗୋଟି ପୁସ୍ତକର ଲେଖକ ଏବଂ ଏକାଧିକ ପେଟେଣ୍ଟର ଅଧିକାରୀ । ଓଡ଼ିଆ କବିତା ଓ ଗଳ୍ପର ଲେଖକ ହିସାବରେ ଛଦ୍ମନାମ ଗ୍ଲାବେଲା । ଭୁବନେଶ୍ୱରରେ ଅବସ୍ଥାପିତ ।

ଌଌ

## Sweet


Sneha Kar



∞∞

# Cupcake

Sneha Kar



∞∞
Sneha Kar, Wolverhampton Grammar School, United Kingdom
∞∞

# ଅନାମିକା ସମ୍ପର୍କ

**ଜ୍ୟୋସ୍ନା ମିଶ୍ର**

ଅନାବିଳ ଆଦରର
ପ୍ରତିଛବି ବହୁତ ସୁନ୍ଦର,
ଦେହର ଶବ୍ଦରେ କବିତା
ବସନ୍ତର ତାତି,
ରାତିର ସ୍ୱପ୍ନ ଯେବେ ସରେ
ତାରାମଧ୍ୟେ ଥାଏ କ୍ଳାନ୍ତି ।।
ଆଖିର ପାଖୁଡା ମେଲିଯାଏ
ଓଠରେ କ୍ଲାନ୍ତ ଉଷ୍ଣତା
ନାଚାର ସମୟ ଭିତରେ
ଦେହ ମନ ଗହଳଲତା ପରି
ଗୁଡେଇ ହେଇଯାଏ,
ସନ୍ଦେହର ଅନ୍ୟମନସ୍କତା
ଛପିଯାଏ
ବରଂ ମିଳିଥାଏ
କିଛି ନିରବତା ।।
ଫଗୁ ବୋଳା ଆକାଶ ତଳେ
ତୁମେ ସାଉଁଟିବ
କିଛି ଫୁଲ
ଆଞ୍ଜୁଳା ଭରି,
ସମୟ ତେଉ ଖେଳ ସହ
ଜହ୍ନରାତି ଆକାଶ ସାନିଧ ନେଇ
ଦିଗ୍ ବଳୟର ଶେଷ ପ୍ରାନ୍ତରେ
ଆଉ
ସମୁଦ୍ର ନିସ୍ତେଜ ହେବା ପରେ ।।
ଆଶା ହେଉ ଅବା ନିରାଶାରେ
ମୋ ସହ ସାଲିସ୍ କରି
ଖୋଜିନେବି ମୁଁ ଶାମୁକା ମୁଠାଏ;
ପ୍ରୀତି ପୂର୍ଣ୍ଣ ତେଉ ଛୁଇଁ
ଭାବର ଜଳ ଥାଉ କି ନଥାଉ
ଫଗୁଣର ବେଦନାରେ, ଅବା
ବୈଶାଖୀ ରୋଷରେ ।।
ଜହ୍ନରାତି ଫିକା ହବ
ତାରାବିନା ଆକାଶ
ଫାଙ୍କା ଦିଶିବ
ନିସଙ୍ଗତା ଭରିଦେବ
କିଛି ମୁହୂର୍ତ୍ତ ଅପେକ୍ଷା...
ଆଉ ତା ପରେ ଭିଜିଯିବା
ମୁକ୍ତା ଖୋଜୁଥିବା ଶାମୁକା ଭିତରୁ ।।
ଜୀବନ ପରା ଏଠି
ଘାସ ବିନା ମାଟି,
ହସ ବିନା ଓଠ
ସୁଅ ନାହିଁ ନଈ
ଖୁବ୍ ନିଛାଟିଆ
ଖରା ବିନା ଆକାଶ
ବର୍ଷା ବିନା ଆଷାଢ଼ରେ
ନିଃସର୍ତ୍ତ ବନ୍ଧନରେ ।।
ଏମିତି ବି ...
ପ୍ରାଚୀନତା ଜାବୁଡି ଧରି ଆମେ
ଆବେଗର ଉତ୍ତାପ ମାପୁଛେ;
ଭାବ ପ୍ରବଣତାରେ ହଜି

ଅବାଞ୍ଛିତ ସୃଷ୍ଟିଟିଏ
ଦୟା କ୍ଷମା ଆଜି ବି ଖୋଜୁଛି
ସ୍ରଷ୍ଟାର ଏ ମାଟିରେ ।।
ସମୟର ଦାୟିତ୍ୱ;
ଚିଠିସବୁ ଖାତାର ଫର୍ଦ୍ଦରେ,
ହା ହୁତାଶାର ଲେଖା
ଉପମା ମିଳେନି କେବେ,
ଅବସାଦ କ୍ଷୋଭ ସବୁ
ନାହିଁ ଗତି ନାହିଁ ମୁକ୍ତି
ନାହିଁ କିଛି ସ୍ଥିତି ।।
କଳ୍ପନାର ଅସ୍ପଷ୍ଟ ପଦଧ୍ୱନି
ସୀମାହୀନ ଚେତନାରେ ଶାନ୍ତି,
ନିଶ୍ୱାସର ଢେଉ ଖେଳେ
କ୍ଷୟ ହୁଏ ଆୟୁ  ଖାଲି ।।
ଭାଷାସବୁ କ୍ରମଶଃ ...ପାଲଟିଯାଏ,
ସ୍ମୃତି ସବୁ ଫିଟିଯାଏ
ମୋ ନିସ୍ତେଜ ଓଢଣା ଦେଇ
ତାଲୁରୁ ତଳିପା ଯାଏଁ ।
ମନ ଉଦ୍ୟାନର ରଙ୍ଗ ବିନା
ଫୁଲ ସବୁ ଭୟରେ ଝାଉଁଳି ପଡ଼େ,
ଆଖିର ଲୁହରେ,
ଝଡ଼ିଯାଇଥିବା ପାଖୁଡ଼ା ସହ,
"କିନ୍ତୁ" ହୋଇ ଗଛ ବି
ପତ୍ରଝଡ଼ା ଦିଏ ।।
ତୁମେ ଫଗୁଣ ସାଥିରେ ଏବେ
ପାରିବ ଯଦି
ବିବର୍ଣ୍ଣ ଆକାଶକୁ ମାଗ
ସଫେଦ ଜହ୍ନଟିଏ,
ଫୁଲର କଢ଼ରେ ରଙ୍ଗ,
କିଛି ଲତା ଓ ଗଛରେ ବସନ୍ତ ଆସୁ ।
ମନଗଢା ଉଦ୍ୟମରେ ମୁଁ ଦେଖିପାରିବି
ମମତାର ଛାୟା,
କଳ୍ପନାରେ ଶାନ୍ତି ନିଦ୍ରା,
ଘରର କୋଣ ଅନୁକୋଣେ
ମୋହଗ୍ରସ୍ତ ସକାଳରେ,
ମୁଠା ମୁଠା ସ୍ମୃତି
ସାଉଁଟି ନେବି ଏ ସମୟ ସାଥିରେ ।।

ଃଃ

**ଡଃ ଜ୍ୟୋତ୍ସ୍ନା ମିଶ୍ର,** ବାଙ୍କୀ, କଟକ । ବୃତ୍ତିରେ ହୋମିଓପାଥି ଡାକ୍ତର । କବିତାରେ ନିଜର ଭାବକୁ ଉପସ୍ଥାପନା କରନ୍ତି । ସାହିତ୍ୟ ସାଧନା ପାଇଁ ବହୁ ସାରସ୍ୱତ ଅନୁଷ୍ଠାନମାନଙ୍କ ଠାରୁ ସମ୍ମାନିତ ।

ଃଃ

# ନଟ

## ଗୀତା ଷଡ଼ଙ୍ଗୀ

ନଟ !
ତମର ଚିର
ଜାଜ୍ଜ୍ୱଲ୍ୟମାନ
ଯୌବନ ପାଖରେ
ମୋର ଦୋଦୁଲ୍ୟମାନ
ଏ ଦେହ ମନ
କେତେ ନିଷ୍ପ୍ରଭ ସତେ
ସଦାକାଳେ ତମେ ମୋର
ସବୁଜ ସମ୍ମୋହନ
ହେଲେ ଅନ୍ତରଂଗ ଦୂରତା
ତମ ମୋ ଭିତରେ
ଦୂର ପର୍ବତ ପରି
ସଦା ସୁନ୍ଦର ତମେ ।
ଜାଣିଛ ମୋ ଆଖିରେ
ମାଡି ଗଲାଣି ପରଳ
ନଈ ସେପାରିରୁ ଏବେ
ତମେ ଝାପ୍ସା ଝାପ୍ସା
ଦୃଶ୍ୟ ହୁଅ
ତମକୁ ନଦେଖି ପାରି
କେମିତି ବଂଚିବି କୁହ ?
ପାବନ ପରମାୟୁର
ଅଧିକାରୀ ତମେ
ପୋଡା ପରମାୟୁ ମୋର
ଜାଣେନା କେତେଦିନ ଆଉ
ରହିବି ଏ ଧରାଧାମେ ।
ମୋ ମୃତ୍ୟୁ ପରେ
ମୁଁ ଯଦି ଦୂର ଆକାଶର
ଅରୁନ୍ଧତୀ ତାରା ହୋଇଯାଏ
ତମେ କ'ଣ ମତେ
ଉଦାସ ନୟନରେ
ନିରେଖିବ ଥରେହେଲେ
ରାତ୍ରିର ନିସ୍ତବ୍ଧ ପ୍ରହରେ ?

ꝏꝏ

**ଗୀତା ଷଡ଼ଙ୍ଗୀ,** ଭୁବନେଶ୍ୱର

ꝏꝏ

# କୋଣାର୍କ

**ଅଳକା ମହାନ୍ତି**

ଭଗ୍ନ ଅବଶେଷ ଗାଥା ଗାଉଅଛି
ପ୍ରତିଟି ଶିଳାର ମୁଖୁ,
କାହିଁ ଗଲେ ମୋର ଶିଳ୍ପୀକାର ସବୁ
ସହି ଦେହର ଜ୍ୱଳାକୁ।

କାହିଁ ଗଲା ସେହି ବାଳୁତ ପିଲାଟି
ଧର୍ମପଦ ଯାର ନାମ,
ସୂର୍ଯ୍ୟ ମନ୍ଦିର ଯେ ମୁଣ୍ଡି ମାରିଲା,
(ତାକୁ) କିପରି ନେଲା ସେ ଯମ !!

ବାରଶ ବଢ଼େଇମାନଙ୍କ ଲଳନା
କିପରି କଲେ ସେ ତ୍ୟାଗ,
ଛାଡ଼ିଦେଲେ ତାଙ୍କୁ ଗଢ଼ିବା ପାଇଁକି
ଆସିଲା  ମନେ କି ବୈରାଗ୍ୟ ?!!

ବିଶ୍ୱ ବ୍ରହ୍ମାଣ୍ଡରେ ଏପରି ମନ୍ଦିର
ହୋଇ ନଥିଲା କି ହେବ,
ଛୁଞ୍ଚି ମୁନେ ବସି ଖୋଦନ କରିଲେ
ଆବର୍ତ୍ତମାନର ଭେଦ ।

ଦେଖିଲେ ଲାଗିବ ପ୍ରତିଟି ମୂର୍ତ୍ତି
ଶିଳ୍ପୀର ମାନସ କନ୍ୟା,
କିପରି କାଟିଛି ଦିବା ରାତ୍ର ସେଠି,
ଝରାଇ ଲୁହର ବନ୍ୟା।

ଚନ୍ଦ୍ରଭାଗା କୂଳେ ଉନ୍ନତ ମସ୍ତକେ
ଦଣ୍ଡାୟମାନ ସେ କୀର୍ତ୍ତି,
ଗାଉଛି ଶିଳ୍ପୀର ନିଷ୍ଠା ତପସ୍ୟା
ଧରମାର ଜୟ ଗୀତି।

କୋଣାର୍କ ହେଉଛି ଅର୍କ କ୍ଷେତ୍ର ଆମ
ଉତ୍କଳର  ଗଉରବ,
ନରସିଂହ ଦେବ ମାନସ ସୃଷ୍ଟି ସେ
ସ୍ରଷ୍ଟା ବି ତାର ଅପୂର୍ବ ।

ꝏꝏ

**ଅଳକା ମହାନ୍ତି,** ଅବସରପ୍ରାପ୍ତ ଅଧ୍ୟକ୍ଷା । କବିତା, ଗଳ୍ପ ଓ ପ୍ରବନ୍ଧ ଲେଖନ୍ତି । ପ୍ରକାଶିତ ପୁସ୍ତକ:  ଶେଷ ଠିକଣା । ନଭି ମୁମ୍ବାଇରେ ରହନ୍ତି ।

ꝏꝏ

# ଜୀବନ

## ହୀରକ ମିଶ୍ର

ଅନନ୍ତପଥର ଯାତ୍ରାରେ, ଏହି ପୃଥିବୀ
ଗୋଟେ ସ୍ୱଳ୍ପକାଳିନ ଅବଧିର ସାକ୍ଷୀ ।
ଏଠିକୁ ପ୍ରବେଶିବା ହିଁ, ଜୀବର ଜନ୍ମ !
କହିପାର, ପାରତ୍ରର ଅବୋଧ ପ୍ରକାଶ୍ୟ ବୋଲି

ଅଥବା, ନୂତନତ୍ୱକୁ
ନିବିଡେ ଆଲିଙ୍ଗନ କରିନେବାର ଦୁର୍ବାର ପ୍ରଲୋଭନ ହିଁ, ଜୀବନ !
ଯେଉଁଠି ମାୟାବିନୀର ମାୟାଫାଶେ ଥାଏ
ସ୍ୱତଃସ୍ଫୁତ ପଡିଯିବାକୁ, ବିଚକ୍ଷଣ ସମ୍ମୋହନ !

କାଳର ଅନିସନ୍ଦିସ୍ଥ ମନ ତଳେ
ଯୁଗେଯୁଗେ, ସେଇ ଏକା ପ୍ରଶ୍ନ !
କେଉଁଠୁ ଆସେ ଜୀବନ
ଅଥବା ତା'ର ଅନୁଗ୍ରହିତ ଉପାଦାନମାନ ?

ସାରାଶଂରେ, ବଳିଷ୍ଠ ଇଚ୍ଛାଟିଏ
ରତିର ଗର୍ଭଗୃହକୁ ଭେଦି
ନିଜେ ସ୍ଥିର କରୁଥାଏ ନିଜର କାଳ, ଲଗ୍ନ !

ମାହେନ୍ଦ୍ର ମୂହୁର୍ତ୍ତରେ ଜୀବନର ଶିଳାନ୍ୟାସ ପାଇଁ
ଡାକୁଥାଏ ବାରବାର ।
ଯେଉଁଥିରେ ଥାଏ ସ୍ରଷ୍ଟାର ଇଚ୍ଛାଟିଏ ଚିର ମଗ୍ନ !

ଓଓ

**ହୀରକ ମିଶ୍ର,** ପଦାର୍ଥ ବିଜ୍ଞାନୀ, ଅଧ୍ୟାପକ । ଲକ୍ଷ୍ୟ: 'ସାହିତ୍ୟ ସମାଜର କଥା କହୁ ଓ ସୁଧାର ଆଣିବାରେ ପ୍ରମୁଖ ଭୂମିକା ଜାରି ରଖୁ' । ହୀରକ ମିଶ୍ର ଓଡ଼ିଆ ସାହିତ୍ୟ ପ୍ରତି ଅଗାଢ ଆତ୍ମୀୟତା ରଖନ୍ତି । ତାଙ୍କର ଦୁଇଟି କବିତା ସଂଙ୍କଳନ ପ୍ରକାଶିତ ହେବା ଅପେକ୍ଷାରେ । ସେ ଭୁବନେଶ୍ୱରରେ ରହନ୍ତି ।

ଓଓ

# I am me

Pravati Panigrahi

I don't need a thorne of a Goddess.
I am as human as you.

Don't judge me through my shillotue,
It reflects you.
Judge your own judgment.
As
I am me.

The honest me.
The warrior in me.

Don't call me aggressive
I just asked a question to you.


Two days back
I was a soft rosy rosy rose.
I am still
As human as you.

I am a humane me.
I am me.

∞∞

**Dr Pravati Panigrahi,** MD, is the Founder Director of Pink-umbrella international, Australia. As a medical doctor she has special interest in e-health and mental health awareness. She works passionately for social justice, mainly for primary prevention of domestic abuse and on mental health stigma. She merges her passions in clinical and social issues and advocates for these taboo topics through community radio and media. She lives in Australia.

∞∞



**Break the bias** By Pravati Panigrahi, Australia

# ମାଆ

## ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ

ମାଆର ଆଖି କଣରେ
ବୁନ୍ଦେ ଲୁହ ହେଇ ଝୁଲୁଛି
ମୋ ଜୀବନର ସବୁ ଦୁଃଖ,
ଆମ ଘରର ସୁଖ ପାଇଁ
ନିଜକୁ ଉତ୍ସର୍ଗ କରି
ଦାଣ୍ଡଦୁଆରେ ମୁଣ୍ଡେଇ ବସିଛି
ଧୈର୍ଯ୍ୟର ପାହାଡ଼
ଠାକୁରଙ୍କ ପାଦତଳେ ସମର୍ପି ଜୀବନ
ଟାଳିଦେଇଛି ଛୋଟବଡ଼ ବିପଦ ।
ହାତରେ ପୁଣ୍ୟର ବତି ଧରି
ଭୟ ଓ ଆଶଙ୍କାର
ନୀଳ ନଈ ଡେଇଁ ସେ
ଆଗକୁ ଆଗକୁ ଚାଲିଛି ।
ହୃଦୟର ସଞ୍ଜ ଜାଳି
ମାଗୁଛି ମଙ୍ଗଳ ମାଆ
ଧର୍ମଦୁଆରେ ଠିଆହେଇ
ଆମ ଏଇ ସଂସାର ପାଇଁ ।
ହାତରେ ତା' ମୁଠା ମୁଠା ମୋହ
ଆଞ୍ଜୁଳାଏ ସ୍ୱପ୍ନ
ଘର ମନ୍ଦିରରେ ବସି
ଅହରହ ଜାଳୁଛି ସେ
ପ୍ରୀତିର ଅଖଣ୍ଡ ପ୍ରଦୀପ ।
ଭୋକର ପେଟକୁ ମୁଠେଇ
ମୋ ଶୈଶବକୁ କୋଳରେ ଧରି
ମୋତେ ଶୁଣେଇଛି
ଅନେକ ବୀରତ୍ୱ କାହାଣୀ
ଗପ ରାଜାରାଣୀ ଆଉ
ସାତତାଳ ପାଣି ସିନ୍ଦୂର ଫରୁଆ
କଳାଭଉଁର ଓ ବୁଢ଼ୀ ଅସୁରୁଣୀ ।
ମାଟିରେ ଶେଯ ପାରି
ପିଠି ଥାପୁଡ଼େଇ ମାଆ
ମୋ କଅଁଳ ହାତରେ

ଧରେଇ ଦେଇଛି ଶରଦ ଶଶୀ
ପୁଣି ଶୁଣେଇଛି
କେତେ ନାନାବାୟା
ଝୁମୁକା ଓ ପେଁକାଳି ।
କେଉଁଠି ଥିଲି ମୁଁ
ଆଗରୁ ଜାଣି ନଥିଲି
ପୃଥିବୀକୁ ଛୁଇଁବା କ୍ଷଣି
ଦୁଇଟି ଶବ୍ଦକୁ ଚିହ୍ନିଲି
ସିଏ ମାଆ ଆଉ ମାଟି ।

ꣲꣲ

## ବଳୀ

**ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ**

ମୋତେ ସେମାନେ
ନେଇଯାଉଥିଲେ ଯେଉଁଠିକି
ମୁଁ ଜାଣିବା ଥିଲା ବଡ଼ ମୁସ୍କିଲ୍
ଯେତେବେଳେ ସେକଥା ଜାଣିଲି
ମୁଁ ଆଗକୁ ଆହୁରି ଆଗକୁ ଦେଖିଲି
ଠିଆ ହୋଇଛନ୍ତି ସେଠି
ମୋ ପରିକା ସବୁ ଅନେକ ଜାତି ।
ଭାବୁଥିଲି ସେତେବେଳେ ପଚାରିଦେବି
ତମମାନଙ୍କ ଆସିବାବେଳଠୁଁ
ଆଉ କେତେସବୁ
ମୋ ଆସିବା ଆଗରୁ ·ଲିଯାଇଛନ୍ତି
ଦେଖିପାରିବେନି
ଆଲୋକ ସେମାନେ କେବେବି
ଏତେବେଳକୁ ଦେଖିଲି ମୁଁ
ମୋ ପାଖରେ ଠିଆ ହୋଇଛି ଲୋକଟେ
ହାତରେ ଧରିଛି ଧାରୁଆ କଟୁରୀ
ଗୋଟେ ।
ସେ ଲୋକଟାକୁ ସାମ୍ନାକରି
ଆଉ ଜଣେ ଯିଏ ଠିଆ ହୋଇଥିଲେ
ମୁଁ ଜନ୍ମବେଳରୁ ହିଁ
ଜୀବନଟା ତାକୁ ଦେଇଥିଲି ସମର୍ପି
ପ୍ରତିଟି ରକ୍ତବିନ୍ଦୁକୁ
ନୈବେଦ୍ୟ କରିଦେଇଥିଲି

ସେବେଠାରୁ କହିଥିଲେ ସେ
ମୋ ପାଇଁ କରିଦେବେ ସବୁକିଛି
ହେଲେ ଏବେ ପାରୁନାହାନ୍ତି କିଛିକରି
ପାରୁନାହାନ୍ତି କଥା ମୋତେ କହି
ଦେଖିପାରୁନି ଜମା ତାଙ୍କ ଆଖି ବୋଲି
କାହାକୁ କେତେବେଳେ
ଆଜିଯାଏ କିଛି ମାଗୁନାହାନ୍ତି
ସେ ମୋର ଲହୁ ବା ମାଗିବେ କେମିତି?
ଠିଆ ହୋଇଛନ୍ତି ସେମିତି ଖାଲି

ଗୋଟେ ପାଷାଣ
କାଠ ଓ ମାଟିର ମୂର୍ତ୍ତି ନାରୀ ।
ସେତେବେଳେ ଦେଖୁଥିଲି
ସ୍ଥିର ନିଶ୍ଚିତ ଗୋଟେ ପରିସ୍ଥିତି
ହଠାତ୍ ପଡ଼ିଗଲା
ମୋ ବେକରେ ଗୋଟେ ଫୁଲମାଳ
ମୁଁ ହୋଇଯାଇଥିଲି ପୁରାପୁରି ବିସ୍ମିତ ।
କେମିତି ଧୀରେଧୀରେ
ନିସ୍ତେଜ ହୋଇଯାଉଥିଲା
ମୋ ସାରାଦେହ
ଆଖିରୁ ବାହାରି ଆସୁଥିଲେ
ଗୋଟେଯୋଡ଼େ
ଜୁଳୁଜୁଳିଆ ପୋକ

ନିଃଶେଷ ହେବାକୁ
ଆଉ ମାତ୍ର ଥିଲା କେତେକାଳ ।
ମୋତେ କହିଲେ ସେ
ସେଠି ଥିଲେ ଯେଉଁ ନାରୀ
ମା' ପ୍ରତୀୟମାନ
ଏ ଜୀବଜଗତ ଗଛଲତା
ମାଟି, ପାଣି, ପବନ
ପୃଥିବୀ, ଆକାଶ
ମଣିଷ ଓ ସଂସାର
ସାରାସୃଷ୍ଟି ମୋର ସ୍ୱରୂପା ।
ମୁଁ ଦେଖୁଛି
କେବଳ ଠିଆ ହୋଇଛନ୍ତି
ମୋ ଆଗରେ କେତେ ଅଭିଳାଷୀ
ଲୋଭଗ୍ରସ୍ତ ମଣିଷ
ଶତ୍ରୁ ସାଜି ଛାତି ଫାଡ଼ି
ପିଇଯାଉଛନ୍ତି ସବୁ
ମୋ ସନ୍ତାନମାନଙ୍କ ରୁଧିର ।

∞∞

# ଭୃଣହତ୍ୟା

**ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ**

ମୋ ସ୍ତ୍ରୀ କହିଲା
ମୋତେ ଆଉ ଦିଅନି କଷ୍ଟ
ଏଥର ପୁଣି ହେବ କନ୍ୟା ସମ୍ଭାବନା
ଚାଲ ଲୁଚିଲୁଚି କରିଦେବା ଭୃଣହତ୍ୟା ।
ମୋର ଜଣେ ବନ୍ଧୁ ବି କହିଲେ ସେଦିନ
କାହିଁକି ବା ଏତେ କରିବ ପରିଶ୍ରମ
ଭଲ ହୋଇନି ଏଇ କବିତାଟା
ତାକୁ ଚିରିଦିଅ ନା ।
ମୁଁ କହିଲି ସ୍ତ୍ରୀକୁ
ସମର୍ପଣ ସମ୍ଭୋଗରେ
ସୃଷ୍ଟି ଯେଉଁ ମାଂସପିଣ୍ଡୁଳା
ଆଉ ଆବେଗ ନିଆଁରେ
ଜଳିଜଳି ସଜାଡ଼ିଛି
ଯେଉଁ ଅସମ୍ପୂର୍ଣ୍ଣ ଶବ୍ଦର ମମତା
କେମିତି ବା ତାକୁ କରିଦେବି ହତ୍ୟା ?
ବନ୍ଧୁଙ୍କୁ କହିଲି,
ଅନ୍ଧାରକୁ କେବେ
ଫିଙ୍ଗିଦିଅନା ରକ୍ତପିଣ୍ଡୁଳା
ଚିରିଦିଅନା ନିଜ ହାତର
ଅଧାଲେଖା କବିତା
ନିଜହାତେ ତଣ୍ଟି ଚିପନା
ସେ ହେଉ କନ୍ୟା କି କବିତା ।

ସବୁଆଡ଼େ ଲାଗିଛି ତ କଟକଣା
ହେଲେ ଏବେ କେଉଁଠି
ବନ୍ଦ ହୋଇପାରିନି ଭ୍ରୂଣହତ୍ୟା
ଚାଲିଛି ଦେହାତୀତର ମିଳନ
ଲେଖାହେଉଛି କାଗଜର ଅକ୍ଷର ।
ତା'ର ବା ଦୋଷ କ'ଣ
ସିଏ କବିତା ହେଉକି କନ୍ୟା
ସେ ତ ସରଳ ନିଷ୍ପାପ
କବି କଳ୍ପନାର ପରିଶିଷ୍ଟ ଶବ୍ଦ

ମାତୃଗର୍ଭରେ ସଂବୃଦ୍ଧ ଗୋଟେ ଭ୍ରୂଣ
ତା' ଆଶ୍ଳେଷରେ ଦିଶେ ଚତୁଃପାର୍ଶ୍ୱର
ପରିଚର୍ଯ୍ୟାର ଆଲୋକ
ଉଦ୍ଭାସିତ ମନ ଓ ପ୍ରାଣ
କବିତାର ସବୁ ଧ୍ରୁବ ଅକ୍ଷର
ସେ ସକଳ ସତ୍ତାର ସମ୍ମୋହନ ।

ତୁ ହେଇଥା ପଛେ ଭ୍ରୂଣ
କବିତା କି କନ୍ୟାର
ହୋଇପାରିବିନି ତୋ ପାଇଁ ନିଷ୍ଠୁର
ସଜେଇଦେବି ମୋ ହୃଦୟର ଘର
ଆମନ୍ତ୍ରଣ କରିଆଣ
ଲେଖିଦେବି ଷଠିଘରେ ବସି
ତୋ ଜନ୍ମ ଜାତକ ।
ମୁଁ ତୋ'ର ସୃଷ୍ଟିକର୍ତ୍ତା
ପାରିବିନି କରି ତୋତେ ହତ୍ୟା
ଜିଇଁଥିବୁ ତୁ'
ମୋ ଜୀବଦ୍ଦଶା ଯାଏ
ଅଜାଡ଼ିଦେବି ସ୍ନେହ ପ୍ରେମ ଓ ଶ୍ରଦ୍ଧା
ତୁ ମୋ ସନ୍ତାନ
ହେଇଥା କନ୍ୟା ଅବା କବିତା ।

ଠଠ

**ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ,** ତାଙ୍କର ଶତାଧିକ ଲେଖା ଓଡ଼ିଶାର ବିଭିନ୍ନ ସମ୍ଭ୍ରାନ୍ତ ପତ୍ରପତ୍ରିକାରେ ପ୍ରକାଶିତ ହେବା ସହ 'ଆକାଶବାଣୀ' କଟକ କେନ୍ଦ୍ରର 'ଯୁବବାଣୀ ଓ ସାହିତ୍ୟ ବିଭାଗ'ରେ କବିତା ପ୍ରସାରିତ ହୋଇଛି । ପ୍ରକାଶିତ ପୁସ୍ତକ: କବିତା – 'ଫେରିଆ ପକ୍ଷୀ', 'ମାଟିଶେଯ' । ତାଙ୍କ ମତରେ 'କବିତା ଜୀବନ-ଯନ୍ତ୍ରଣା ଓ ମୁକ୍ତିପିପାସାର ଗୋଟେ ଗୋଟେ ମାର୍ମିକ ଅଭିଲିପି' ଏବଂ ଗାଁ'-ମାଟି, ପଲ୍ଲୀ-ପ୍ରକୃତି, ସମୟ-ଦୁଃସମୟ, ମୋହ-ମୁହୂର୍ତ୍ତର ଆବେଗିକ ଅଧିରତା ହିଁ ତାଙ୍କ କବିତା ବୋଲି ସେ ବିବେଚନା କରନ୍ତି' । ଅନେକ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଓ ସମ୍ମାନିତ । ସେ ମୂଷାଙ୍ଗ, ତିହିଡ଼ିରେ ରହନ୍ତି ।

ଠଠ

ସୃଜନ
SRUJAN
The Creativity Journal

# ଆ' ବୁଲି ଆସିବା ନଈକୂଳ ଆଡ଼େ

ନିରୁପମା କର

ଆ' ନଈ ତୁଠକୁ ଯିବା
ନଈପାଣିରେ ଦେଖିବା
ଜହ୍ନର ପୂନେଇଁ ପଖଳା ମୁହଁ
ଧୋବ ଫରଫର ହସରେ ତାର
ଚହଲି ପଡୁଥିବ ନଈପାଣି
ପାଣିରେ ପହଁରିଯାଉଥିବ ଚୁନାଚୁନା ଢେଉ
ପାଣିତଳେ ମତ୍ସ୍ୟକନ୍ୟାର ଅଭିସାର

ଦେଖିବୁ, ଜହ୍ନର ପ୍ରୀତିପ୍ରବଣତା କେମିତି
ଏକାତ୍ମ ହୋଇଯାଉଛି ପାଣିସହ
ତନ୍ମୟ ତଟିନୀ ଅତନ୍ଦ୍ର ଆଖିରେ
ଅନାଇ ରହିଛି ତାର ସାନିଧ୍ୟ ଟିକେ ପାଇଁ

ଆହୁରି ଦେଖିବୁ
ପବନର ବୋହୁଚୋରୀ ଖେଳ
ନଈକୂଳ ବରଗଛରେ
ଅଳସ ଭାଙ୍ଗିବାର ଦୃଶ୍ୟ
ଶୁଣିବୁ ଶୁଷୁରିର ତାଳେ ତାଳେ
ଉତଲା ହେଉଥିବା ପ୍ରୀତିସ୍ନିଗ୍ଧ ସଂଗୀତ
ଅତଡା ଉପରେ ଠିଆହୋଇଥିବ ରାଜାପୁଅ
ହାତରେ ସୁନା ବନିଶି
ଦେହରେ କାମନାର କୋହ
ମନରେ ପ୍ରଣୟର ଅଧିର ଆବେଦନ
ନଈ ସେପାରିରେ ବାରହାତି
କେଶ ପଖାଳୁଥିବା ସାହାଡା ସୁନ୍ଦରୀ ପ୍ରତି

ଦେଖିବୁ, ମଶାଣିର କରୁଣ ଦୃଶ୍ୟ
ଛୁଆକୁ ହରେଇଥିବା ଚିରୁଗୁଣି
ପାଟିରୁ ନିଆଁକାଢ଼ି ସେକୁଥିବ
କଅଁଳା ଛୁଆକୁ ତାର, ଦେଖିବୁ
ଦୁଃଖମାନଙ୍କ ଡହଳ ବିକଳପଣ
କେମିତି ଗୋଟାପଣେ ଲାଉ ହୋଇପଡିଛି
ନଈତୁଠ ବରଗଛର ଘଞ୍ଚ ସବୁଜିମାରେ

ଦେଖିବୁ, ମୃତ୍ୟୁ ଠାରୁ ପ୍ରତିଟି ପଲକରେ
ହାରିଯାଉଥିବା ଜୀବନ
ନାହିଁ ନଥିବା ସଂଘର୍ଷ, ସଂଘାତ ପରେ ବି
ସମ୍ପର୍କର ସାତରଙ୍ଗ କେମିତି ଧୋଇଯାଉଛି
ନଈ ପାଣିର ଉଛୁଳା ସୁଅରେ

ହଁ ସବୁନଈ କେବେ ନା କେବେ
ଯମୁନା ପାଲଟନ୍ତି ଏକଥା ଭୁଲିବୁନି
ଯମୁନା କୂଳରେ କଦମ୍ବ ଗଛ ଥିବାପରି
ଏଠି ବି, କଦମ୍ବର ମୋହିନୀ ମାୟା
ଗୋଟାପଣେ ଆବୋରି ବସିଛି
ସମୟର ସରହଦ ଡେଇଁ
ଦିଗବଳୟ ସେପାରେ ସୁନେଲି ସୂର୍ଯ୍ୟ
ଯାଚି ଦେଉଥିବ ନୁଆ କିଛି ସମ୍ଭାବନା
ସବୁକିଛି ପରେ ବି ଅନେକ ପାଇବା
ଆଉ ହରାଇବାର ନିଖୁଣ ପ୍ରତିଛବିମାନ
ଛାତିରେ ସାଇତି ରଖିଛି ଏଇ ନଈ
କେତେ କେତେ ସଭ୍ୟତାର ଇତିହାସ
ପ୍ରତିଟି ବାଲିରେଣୁରେ ଅହରହ ଅଣନିଃଶ୍ୱାସି
ଦରଲିଭା ପାଦଚିହ୍ନମାନଙ୍କୁ ନିରେଖିଲେ
ବୁଝିପାରିବୁ ନଈର ବେଦନା
ନଈପ୍ରତି ଆମେ କରୁଥିବା ଅବିଚାର

କେମିତି ସିଏ ନିରବରେ ସହିଚାଲିଛି
ତା ଭଙ୍ଗା ଭଙ୍ଗା ଭାଗ୍ୟରେଖାମାନଙ୍କ ଅଦୌତି
ଭୁଲିଯାଇ ନଈ ହିଁ ଚିରକାଳ ନିଜକୁ ଉଝେଇ
ଆମକୁ ଭେଟି ଦେଇଛି ଅର୍ଥପୂର୍ଣ୍ଣ ଜୀବନର
ବହୁବବର୍ଣ୍ଣା ବିଭବ, ଆ' ଆଉଥରେ
ବୁଲିଆସିବା ନଈ କୂଳ ଆଡ଼େ
କିଛି ନହେଲେ ବି ହୁଏତ ସେଠି
ଭେଟ ହୋଇଯିବ ଆମ ସ୍ମୃତି ବିଜଡ଼ିତ
ଅତୀତ ସହ

ထထ

**ନିରୁପମା କର,** ଭୁବନେଶ୍ୱର । ସେ କବିତା, ଗଳ୍ପ, ଶିଶୁ ସାହିତ୍ୟ, ଉପନ୍ୟାସ, ପ୍ରବନ୍ଧ, ଆଦି ଲେଖନ୍ତି । ଓଡ଼ିଆ ସାହିତ୍ୟର ସମ୍ଭ୍ରାନ୍ତ ପତ୍ରପତ୍ରିକାରେ ତାଙ୍କର ଲେଖା ନିୟମିତ ପ୍ରକାଶିତ ହୋଇଥାଏ । ତାଙ୍କର ପ୍ରକାଶିତ କବିତା ପୁସ୍ତକ: କଦମ୍ବରୁ କଳ୍ପବଟ, ଚିହ୍ନା ମାଟିର ବାସ୍ନା, ମୋହମଗ୍ନା । ଗଳ୍ପପୁସ୍ତକ: ବରଗଛର ଛାଇ । ଶିଶୁ ଉପନ୍ୟାସ: ବଣରାଇଜର କଥା । ଶିଶୁ କବିତା: ଚୁନିଚୁନି ତାରାଫୁଲ ।

ထထ

# Longing

Dinabandhu Sahoo



An intense desire for each other permeates their essence. Their eyes gaze into each others' deepest strengths and secrets and they forget the world and its harsh judgements. In this sacred moment, nothing matters but their embrace. The pain of separation that has swollen and ebbed like the endless tides of the open sea is finally easing. Is the wait finally over?

∞∞

**Dr. Dinabandhu Sahoo**, a physician by profession and painter by passion. He has also interest in poetry, theatre and mimicry. He has the credit of participation in various state and national level Fine Art Workshops cum Exhibitions across India. He lives in Bhawanipatna.

∞∞

# ଗୁଞ୍ଜରଣ

**ନୀଳମାଧବ କର**

ନିସ୍ତବ୍ଧତା ବ୍ୟାପି ଯାଇଥିଲା । ଭିତରେ, ବାହାରେ, ଚାରିଆଡ଼େ । ହୃଦୟରେ, ସବୁ ଅଳିନ୍ଦ ନିଳୟରେ । ମନ ଏମିତି ସ୍ତବ୍ଧ ହେଇଯାଇଥିଲା ଯେ କିଛି ଶୁଭୁ ନଥିଲା । ସକାଳର ଘନ କୁହୁଡ଼ିରେ ଆଗ ରାସ୍ତା ଦିଶୁନଥିଲା । ଓଦା ଓଦା ରାସ୍ତା ପରି ମନ ବି ଭିଜିଯାଇଥିଲା ଯେ, ଆଉ କେବେ ସେ ଶୁଖିବ କି ନା ତାର କିଛି ଆଶା ନ ଥିଲା ।

ରାସ୍ତା ଧାରରେ ଛିଡ଼ା ହେଇ ବସ ଛାଡିବା ଯାଏ ଅପେକ୍ଷା କରୁଥିଲା ସମ୍ବିତ । ସ୍କୁଲଟ୍ରିପରେ ଦି'ଦିନ ପାଇଁ ବାହାରକୁ ଯାଉଥିଲା ଟିନା । ବସର ଝରକାରୁ ହାତ ହଲେଇ ଟିନା କହୁଥିଲା ଫେରିଯିବାକୁ । "ବାପା, ଆମେ ଫ୍ରାଇଡେ ଫେରିବୁ, ମନେ ଅଛି ତ ! ପହଂଚିବା ଆଗରୁ ଫୋନ୍ କରିବି ।"

ମୁଣ୍ଡରେ କିଛି ପଶୁ ନଥିଲା ସମ୍ବିତର । ବୁଝିବାକୁ ଚେଷ୍ଟା କରୁଥିଲା । ମନରେ ଛନ୍ଦା ଛନ୍ଦି ହେଇ କଥା ସବୁ ଗୁଡ଼ିଆ ତୁଡ଼ିଆ ଧରୁଥିଲେ ।

ଟିନାର ବସ ଛାଡିଲା । ହାତ ହଲେଇଲା ସମ୍ବିତ । ବସର ଝରକା ଦେଇ ଟିନାର ହସ ବାରି ହେଇ ପଡୁଥିଲା ।

ଗାଡି ଷ୍ଟାର୍ଟ କଲା । ବହୁତ ଅଶ୍ୱସ୍ତି  ଲାଗୁଥିଲା ତାକୁ । ଛାତିଟା ପଥର ଲଦା ହେଲା ପରି ଭାରି ଲାଗୁଥିଲା । ନିଶ୍ୱାସ ନେବାକୁ ବି କଷ୍ଟ ଲାଗୁଥିଲା ଯେମିତି । ଅନ୍ୟମନସ୍କ ଥିଲେ ବି ସେ ଭାବୁଥିଲା କେଉଁଠିକି ଫେରିବ ସେ । ଭାବିଲା ଟିକେ ଭଲ୍ୟୁଣ୍ଟିୟର୍ ପାର୍କରେ ବସିଯିବ ।

ସୂର୍ଯ୍ୟ ଉଇଁ ନଥିଲେ । ହେମାଳିଆ ଲାଗୁଥିଲା ବାହାରେ । କାର୍ ପାର୍କ କରି ତା ଭିତରେ ହିଁ ବସି ରହିଲା ସମ୍ବିତ । ବୁଝିବାକୁ ଚେଷ୍ଟା କରୁଥିଲା କଣ ଘଟିଗଲା ତା ଜୀବନରେ । ବା କଣ ସବୁ ହେଇ ଚାଲିଥିଲା ତା ଚାରିଆଡେ ଓ ସେ ଏବେ ଜାଣିଲା - ହୁଏତ ସବୁକଥା ସେ ଜାଣିନି ଏ ପର୍ଯ୍ୟନ୍ତ - ତେବେ ଆଉ ଅଧିକା ଅଘଟଣା ବା ଆଉ କଣ ହେଇଥିବ ? ଯାହାକୁ ସେ ପିଲାଦିନୁ ଜାଣିଥିଲା ଓ ସର୍ବସ୍ୱ ଦେଇସାରିଥିଲା ସେ କଣ ସବୁ ଲୁଟି ନେଇଥିବ । ଏବେ ନିଜକୁ କାଙ୍ଗାଳ ପରି ଲାଗିଲା । ସବୁ ସ୍ୱପ୍ନ ସେ ଛାୟା ସହ ମିଶି ହିଁ ଦେଖିଥିଲା । ଏମିତି ଗୋଟେ ବି ସ୍ୱପ୍ନ, କଥା, ଇଚ୍ଛା ତାର ନିଜସ୍ୱ, ନିଜ ସ୍ୱାର୍ଥର ବୋଲି ମନେ ପଡୁନଥିଲା । କେତେ ସ୍ୱପ୍ନ ସାକାର ହେଇସାରିଥିଲେ । କି ସୁନ୍ଦର ପରିବାର ତାଂକର, ଦିହେଁ ସାଥିରେ ଗଢିଥିଲେ, ସଜେଇଥିଲେ ବର୍ଷ ବର୍ଷ ଧରି । ଆହୁରି ଅନେକ ସ୍ୱପ୍ନ ବାକି ଥିଲା ।

ଭାବି ହେଉନଥିଲା । ସତ ବୋଲି ଲାଗୁ ନଥିଲା ଯେ ଟିନା ଓ ଶାମ୍ ତା ଝିଅ ପୁଅ ନୁହନ୍ତି – ଆଉ

କାହାର ଅଂଶ ସେମାନେ । ଗୋଟେ ନୁହେଁ, ଦି'ଟା ଯାକ ପିଲା ଆଉ କାହାର ! ଏହାର ଅର୍ଥ ଛାୟାର ଆଉ କାହା ସହ ସମ୍ପର୍କ ଅଛି – ଥରେ ଅଧେ – ଅକସ୍ମାତ – ଭୁଲ ଭଟକାରେ ନୁହେଁ – ବୋଧେ ବର୍ଷ ବର୍ଷ ଧରି – ଏ ସମ୍ପର୍କ ତାର ସମ୍ପୂର୍ଣ୍ଣ ଅଜ୍ଞାତସାରରେ ! କେବେ ବି କିଛି ବି ସନ୍ଦେହ ଆସିନି ତାର । ଟିମ୍ ମେଟ୍ ମାନଂକ ସହ କଥାବାର୍ତ୍ତା ମିଳାମିଶା ସାଧାରଣ କଥା – ସେଥିରେ ସେ କିଛି ବାରିନି ।

ଏତେ ବଡ଼ ବିଶ୍ୱାସଘାତ । ସତରେ କଣ ଛାୟା ଏମିତି କରିଛି । ନା କେଉଁ ଅସୁବିଧାରେ ପଡି ଯାଇଛି ସେ । କାହିଁକି କିଛି ବି ତ ଆଭାସ ଦେଇନି ସେ । ଏତେ ବର୍ଷର ସମ୍ପର୍କରେ କେବେ ବି ସେମାନଂକ ଭିତରେ ଅନ୍ୟ ପାଇଁ କିଛି ଅଛପା ଥିଲା ପରି ଲାଗେନି ସସ୍ମିତକୁ । ଏକଥା କେମିତି ସମ୍ଭବ ?

ଛାୟା ଉପରେ ରାଗ, ରୋଷ, ଦୟା, କ୍ଷମା, ଘୃଣା – ସବୁ ଫେଣ୍ଟା ଫେଣ୍ଟି ଗୋଟେ ଅସହ୍ୟ ଭାବ ସସ୍ମିତ ମନରେ ।

ଭୁଲି ହେଇଯାଇଥିବା ନିଶ୍ୱାସକେଇଟାକୁ ଗୋଟେଇ ମଝିରେ ମଝିରେ ଦୀର୍ଘଶ୍ୱାସ ସବୁ ବାହାରି ଆସୁଥିଲେ । କେବଳ ସେଇ  ଶବ୍ଦସବୁ ଶୁଭୁଥିଲା ରହି ରହି, ଅନିର୍ଦ୍ଦିଷ୍ଟତାରେ ହଜିଯାଇଥିଲେ ସମୟର କଣ୍ଟା ସବୁ ।

ବାହାରେ ପତ୍ରସବୁ ହଲୁ ନଥିଲେ । ହେମନ୍ତ ସକାଳର ହେମାଳିଆ ଶୀତୁଆ ପାଗ ଆରମ୍ଭ ହେଇ ଯାଇଥିଲା । ବାହାରଟା  ଖୁବ ଭାରି ଭାରି ଲାଗୁଥିଲା । ପତ୍ରସବୁ  ରଂଗ ବଦଳେଇଥିଲେ ଏଠି ସେଠି – ସବୁଜ ଓ ଗାଢ଼ ସବୁଜ ଭିତରେ ହଳଦିଆ, ନାଲି, ମାଟିଆ – ଖୁବ୍ ଗୋଟେ ସୁନ୍ଦର ଚିତ୍ର ଆଂକି ହେଇଯାଇଥିଲା ପାର୍କରେ ।

ସୂର୍ଯ୍ୟଙ୍କ କିରଣ ଧୀରେଧୀରେ ଫରଚା ଆକାଶ ଦେଇ ଗଛ ସବୁକୁ ଛୁଇଁଲେ । ଚିତ୍ର ଆହୁରି ତାଜା ହୋଇଗଲା । କିଚିରି ମିଚିରି ଆରମ୍ଭ ହେଲା - ସକାଳୁ ଚାଲିବାକୁ ବାହାରିଥିବା ଜଣେ ଅଧେ ରାସ୍ତାରେ ଦିଶିଲେ ।

ଭିତରର କୋହ ଆସି ଥରେଇ ଦେଇଗଲା ତାକୁ – ଭାବିଲା କାନ୍ଦି ପକେଇବ କି ? ହୁଏତ ହାଲୁକା ଟିକେ ଲାଗିବ । ନା – ଶୁନ୍ୟ ହେଇଯାଇଛି ସେ । ବରଫ ପାଲଟି ଯାଇଛି ଯେମିତି । ଏ ଅବସ୍ଥା କଣ ତରଳିବ ?

ସସ୍ମିତ ବିକଳ ଦିଶୁଥିଲା - ତା ସଂସାର ଭୁଶୁଡି ପଡିଲା ପରେ - କିଛି କେଉଁଠି ବଦଳିନି ତ । ଚାରିଆଡ ଯେମିତି ଥିଲା ସେମିତି ଚାଲିଛି - କିଛି ହେଇ ନ ଥିବା ପରି ।

ରାଗ ମାଡିଲା ତାକୁ । ଚିଲ୍ଲେଇଲା । ଆଃ ... ଆଃ ...

ରୁମାଲକୁ କାଢି ମୁହଁରେ ଚାପି ଧରିଲା । ସେମିତି, ବେଶ କିଛି ସମୟ । କଣ ପାଇଁ ବୁଝି ପାରିଲାନି । ସେଠି ନା ଲୁହ ଥିଲା ନା ମୁହଁ ଲୁଚେଇବାର ପ୍ରୟାସ ।

ଜଣେ ବୃଦ୍ଧ ଆସି କାର୍ ଗ୍ଲାସରେ ଧିରେ ଧିରେ ନକ୍ କଲେ, "ଆର ୟୁ ଓକେ ମାଇ ଡିଅର୍?" (ତମେ ଠିକ୍ ଅଛ ତ ?) ।

ମୁହଁରୁ ରୁମାଲ କାଢି ତାଂକୁ ଅନେଇଲା ସମ୍ବିତ । ଓଠ ମେଲେଇ ହସିବା ମୁଦ୍ରାରେ ମୁଣ୍ଡ ହଲେଇଲା, ଜଣେଇବାକୁ ଠିକ ଅଛି ବୋଲି । ବୃଦ୍ଧ ଜଣକ ପୁଣି ପଚାରିଲେ, 'ମୁଁ କିଛି ସାହାଯ୍ୟ କରିପାରେ କି?" ଟିକେ ସେଲଫ୍ କନସସ୍ ହେଇ ଉଠିଲା ସମ୍ବିତ । ସେ ନିଶ୍ଚୟ ଅଲଗା ଦିଶୁଛି । ନିଜକୁ ଆଉ ଟିକେ ସମ୍ଭାଳି ନେଇ କାର୍ ଗ୍ଲାସ୍ ତଳକୁ କରି କହିଲା, "ନୋ, ଥାଂକସ୍ ।" (ନା, ଧନ୍ୟବାଦ) ।

ସମୟ ଯେମିତି ଅଟକି ଯାଇଥିଲା ସମ୍ବିତ ପାଇଁ । ଫୋନ୍ ଆଲର୍ମ୍ ଶବ୍ଦ ତାକୁ ଚମକେଇ ଦେଲା । କେତେବେଳେ ୟା ଭିତରେ ୭'ଟା ବାଜି ସାରିଥିଲା । ତାର ମୋହ ଭାଙ୍ଗିଗଲା ଯେମିତି । ସଚେତନ ହେଇଗଲା ସେ ।

କଣ କରିବ, କୁଆଡେ ଯିବ – ଘରକୁ ଫେରିବ କି ? ଘର ? କଣ ପଚାରିବ ଛାୟାକୁ । ମନରେ କିଛି ପଶୁ ନଥିଲା ତାର – ଗାଡି ଷ୍ଟାର୍ଟ କଲା । ଗନ୍ତବ୍ୟ କିଛି ନିର୍ଦ୍ଦିଷ୍ଟ ନ ଥିଲା ତାର । କିଛି ସମୟ ପରେ ଭାବିଲା ଡା: ଡାଭିଡଙ୍କ ସହ ଟିକେ କଥା ହେବ । ତା ହୃଦୟରେ କେଉଁ କଣରୁ ଗୋଟେ ଆଶା ଉଙ୍କି ମାରୁଥିଲା - କାଳେ ଏ ସବୁ ମିଛ ହେଇଥିବା କି, ଗୋଟେ ଦୁଃସ୍ୱପ୍ନ ପରି । କିଛି କେଉଁଠି ଭୁଲ ରହି ଯାଇଥିବ କି ? ଡାଭିଡଙ୍କ ଘର ସାମ୍ନାରେ ଗାଡି ଛିଡା କରି ତାଙ୍କୁ ଫୋନ୍ କଲା ।  ଅତ୍ୟନ୍ତ ଅସ୍ୱାଭାବିକ ଭାବେ, ଏ ସମୟରେ, ପୁଣି ଘରେ, ବିନା ଏପଏଣ୍ଟମେଣ୍ଟରେ, ତାର ଭରସା ନ ଥିଲା । ତେବେ ଡାକ୍ତର ଡାଭିଡ୍ ତାକୁ ଘରକୁ ଡାକିଲେ, "ମୁଁ ଖୁବ ଦୁଃଖିତ, ଆପଣଙ୍କ ପାଇଁ ।" ସେ ଚା' କପଟା ବଢ଼େଇ ଦେଇ କହିଲେ, 'ଏହା ଆଶ୍ଚର୍ଯ୍ୟଜନକ ଓ ଦୁର୍ଭାଗ୍ୟ । ମୁଁ ଜାଣି ପାରୁନି ଏ କିପରି ସମ୍ଭବ । ଆପଣଙ୍କର ତ ଶାରୀରିକ ସଂବନ୍ଧ ରଖିବାରେ କିଛି ଅସୁବିଧା ନାହିଁ, ଇରେକ୍ଟଆଇଲ୍ ଡିଷ୍ଟଙ୍କଶନ୍ ନାହିଁ, ହେଲେ ସ୍ପର୍ମ କାଉଣ୍ଟ୍ ଦେଖିପାରନ୍ତି, ଯଦି ସେଥିରେ ଅସୁବିଧା ଥିବ, ତାହେଲେ ପିଲା ଆପଣଙ୍କର ନିଜର କାହିଁକି ହେଲାନି ହୁଏତ ଜଣା ପଡିବ । କିନ୍ତୁ ଯେହେତୁ ଦି'ଟା ଲାବ୍ କନଫର୍ମ କରିଛନ୍ତି - ଏଇଟା ସତ ଯେ ପିଲାମାନେ ଆପଣଙ୍କର ନୁହନ୍ତି । ଛାୟାଙ୍କର ଡେଫିନାଇଟଲି ଆଉ କାହା ସଂଗେ ଫିଜିକାଲ ରିଲେସନ ଅଛି । ବହୁତ ଦିନ ଧରି, ଯାହା ପାଇଁ ଦି ଜଣ ଯାକ ପିଲା ସେ ଜଣେ ବ୍ୟକ୍ତିର । ମୁଁ  ରିଏଲି ଦୁଃଖିତ ।"

ଧୀରେ ଧୀରେ ଏ କଥାଟା ଭୁଲ ହେବାର ଆଶାଟା ମିଳେଇଯାଉଥିଲା । ଗୋଟେ ଅସମ୍ଭବ ଶୁନ୍ୟତାର ଅନୁଭବ ହେଉଥିଲା - ଏ ଶୁନ୍ୟତା ଯେମିତି ତା ସକଳ ଅବସ୍ଥିତିକୁ ଗ୍ରାସି ଯିବ । ପାଦତଳୁ ପୃଥିବୀ ଉଭେଇ ଯାଇଥିଲା ଯେମିତି ।

"ଆପଣ ଯଦି ଚାହିଁବେ - ଜଣେ କାଉନ୍ସେଲର୍ ବା ସାଇକୋଲୋଜିଷ୍ଟଙ୍କ ପାଖକୁ ମୁଁ ପଠେଇଦେଇ ପାରିବି । କିଛି ଦିନ ଛୁଟି ନେଇ ଯାଆନ୍ତୁ । ଆପଣ କଣ କରିବାକୁ ଚାହୁଁଛନ୍ତି ଭାବି ଦେଖନ୍ତୁ । ଜଣେ ଓକିଲଙ୍କ ପରାମର୍ଶ ବି ନିଅନ୍ତୁ । ମୁଁ ଆପଣଙ୍କ ପାଇଁ ଅତ୍ୟନ୍ତ ଦୁଃଖିତ । ମୋତେ କହିବେ, ମୁଁ ଯଦି କିଛି

ସାହାଯ୍ୟ କରି ପାରିବି ।"

ମୁଣ୍ଡରେ କିଛି ପଶୁ ନଥିଲା ତାର - କିଛି ଶୁଭୁ ନଥିଲା । ଯେମିତି ନିଃସ୍ତବ୍ଧ ହେଇଯାଇଥିଲା ତା ପୃଥିବୀ ।

ଘରେ କେମିତି ପହଁଚିଲା ସେ ଜାଣି ପାରିଲାନି । ଡ୍ରଇଂ ରୁମରେ ସୋଫା ଉପରେ ବସି ପଡିଲା - ବୋଝଟିଏ ପରି । ବାଥ୍ ରୁମରୁ ଛାୟା ପଚାରିଲା, "ଆସିଲ କି ? ଏତେ ଡେରି କାହିଁକି ହେଲା ? ଶାମ୍ ତା ସାଙ୍ଗ ଘରକୁ ଯାଇଛି ।" କିଛି ଉତ୍ତର ନ ଦେଇ ସେମିତି ବସି ରହିଲା ସମ୍ବିତ । ଆଗରେ ଥିବା ଟିଭିର କଳା ପରଦା ଭିତରକୁ ଅପଲକ ଅନେଇ ରହିଥିଲା, କିଛି ଖୋଜୁନଥିବା ଆଖିରେ ।

କିଛି ସମୟ ପରେ ଛାୟା ବାଥରୁମରୁ ଗାଉନରେ ବାହାରିଲା । ଆଖିରେ ଦୁଷ୍ଟାମୀର ଉଙ୍କି । ମୁହୂର୍ତ୍ତକ ପାଇଁ ଗାଉନକୁ ଖୋଲିଦେଲା ସମ୍ବିତ ଆଗରେ, ଆଉ ପଚାରିଲା, 'ଡୁ ୟୁ ୱାଣ୍ଟ ସମ୍ ଫନ୍ ? କିଛି ଦରକାର ?" ହେଲେ ତା ଉତ୍ତରକୁ ଅପେକ୍ଷା ନ କରି ରୋଷେଇ ଘରକୁ ଯାଇସାରିଥିଲା ମୁହୂର୍ତ୍ତକ ଭିତରେ । "ମୁଁ ଚା' ବସଉଛି, ତମେ ଫ୍ରେଶ୍ ହେଇ ଆସ ।"

ତା ପରେ କିଛି ମନେ ପଡିଲା ପରି ଫେରିଆସି ପଚାରିଲା "ଆର ୟୁ ଓକେ ?" ଆଖି ଟେକି, ମୁଣ୍ଡ ବୁଲେଇ ଅନେଇଲା ସମ୍ବିତ ଛାୟାକୁ । ଓଠ କଣର ତା ଅସ୍ଥିରତା ଫିକା ହସର ଗୋଟେ ଛିଟା ପରି ଦିଶିଲା ।

କେମିତି କହିବ ଛାୟାକୁ । କଣ କହିବ । କହିବ କି - ନା' ସେ ଭଲ ନାହିଁ ବୋଲି । ପିଲାଏ ନାହାନ୍ତି ଘରେ ଏବେ । ଏଇବେଳେ କଥାଟା ଉଠେଇବ କି ? କେମିତି କହିବ ସେ । କହି ହେବକି ଏସବୁ କଥା ? ... ... ପିଲାଙ୍କୁ କଣ ଜଣେଇବ ଏକଥା । କଣ କହିବ ସେମାନଙ୍କୁ । ଅଜସ୍ର ପ୍ରଶ୍ନରେ ଅସ୍ଥିର ହେଇଗଲା ସେ । ମୁଣ୍ଡ ଭିତରେ ଗୋଟେ ଭୟଙ୍କର କୋଳାହଳ । ଆଖିବୁଜି ସମ୍ବିତ ସୋଫାରେ ଗଡିପଡିଲା ।

କିଛି ସମୟ ପରେ ଚା' ଟ୍ରେ ସଜେଇ ଛାୟା ଆସିଲା । ଟି'ପୟ୍ ଉପରେ ରଖି ଅନେଇଲା ସମ୍ବିତର ମୁହଁକୁ । ତା ଗାଲରେ ଚୁମାଟେ ଥାପି ଦେଇ, ଶାଲଟେ ଘୋଡେଇଦେଲା ତା ଉପରେ । ତକିଆଟେ ମୁଣ୍ଡତଳେ ଗୁଞ୍ଜିଦେଲା । ପାଖରେ ବସି ଚା' ପିଇଲା । ଟିଭି ଅନ୍ କଲା ।

ଆଖିବୁଜି ପଡି ରହିଥିଲା ସମ୍ବିତ । ଖୁବ ନିସ୍ତେଜ ଅନୁଭବ କରୁଥିଲା ସେ । ପରେ ପରେ ତା ଆଖି ଲାଗିଯାଇଥିଲା ବେଶ କିଛି ସମୟ ।  ନିଦ ଟିକେ ଭାଙ୍ଗିବା ପରେ ଉଠି ବେଡରୁମକୁ ଚାଲିଗଲା ଶୋଇବ ବୋଲି । ଛାୟା ସେଠି ଲୁଗାସବୁ ଚଉତି ରଖୁଥିଲା । ପଚାରିଲା, "ତା ବସ ଠିକ ସମୟରେ ଛାଡିଲା ତ ? ଏତେ ଡେରି ହେଲା ?"

କିଛି ଉତ୍ତର ନ ଦେଇ ସମ୍ବିତ ଗଡିପଡିଲା ବେଡରେ । ରେଜେଇକୁ ଟାଣି ନେଲା ନିଜ ଉପରକୁ ।

ଛାୟା ପଚାରିଲା, "ତମେ ଠିକ ଅଛ ତ?" ସମ୍ବିତ କପାଳରେ ହାତ ଦେଇ ଦେଖିଲା । ସମ୍ବିତ

ଅନେଇଲା ଛାୟାକୁ, କେମିତି ଏକ ଶୁନ୍ୟ ଶୁନ୍ୟ ଆଖିରେ । ପୁଣି ମୁହଁ ବୁଲେଇ କଡ଼ ଲେଉଟେଇଲା । ତା ଆଖିରେ ପଡିଲା ବେଡ୍ ପାଖ ଟେବୁଲରେ ଥିବା ସେ ଚିଠି ଉପରେ ।

ଛାୟା ଉଠେଇ ନେଲା ଚିଠିଟି, ଆଉ ତା ସାଙ୍ଗରେ ଗୁନ୍ଥା ହେଇଥିବା ରିପୋର୍ଟଗୁଡିକୁ ।

ସମ୍ବିତ ଅନେଇଥିଲା ତାକୁ ରେଜେଇ ଧାରରୁ । ଆଶାଦୀପର ଶିଖା ଲିଭିଯିବା ପରେ, ସଳିତା ଅଗରୁ ଉଠୁଥିବା ଧୂଆଁ ଭିତରେ ଜୁକୁଜୁକୁ ହେଉଥିବା ନିଆଁ କାଳେ ପୁଣି ଜଳି ଉଠିବ ବୋଲି ଏବେ ବି ତା ମନରେ ମୃତପ୍ରାୟ ଏକ ଇଚ୍ଛାଟେ ଥିଲା । କାଳେ ଛାୟା ହସି ପକେଇବ ଏଇଟା ଗୋଟେ ମଜାକ, କୌତୁକ କହି ବୁଝେଇ ଦେବ ତାକୁ । ସବୁବେଳେ ସେ ହିଁ ତ ବୁଝେଇଛି, ଧୈର୍ଯ୍ୟ ଦେଇଛି ତାକୁ ଅସୁବିଧାରେ, ଅଘଟଣାରେ, ଚିନ୍ତାରେ । କେମିତି ଗୋଟେ ଆଶ୍ୱାସନା ପାଇଁ ଅନେଇଥିଲା ଏକ ଲୟରେ । କାଳେ ଏ ସବୁ ଅଶ୍ୱସ୍ତିକୁ ଭାଙ୍ଗିଦେଇ ଛାୟା ତାକୁ ଦମ୍ଭ ଦେବ !

ପଦ୍ମ ପଦ୍ମ ଛାୟାର ମୁହଁ ଶେଥା ପଡି ଆସିଲା । ତା ହାତ ଥରୁଥିଲା । ସେ ଅନେଇଲା ସମ୍ବିତକୁ ।

ଛାୟାର ଆଖିରେ କଣ ପଡିଲା କେଜାଣି, ମୁହୂର୍ତ୍ତକରେ ସବୁ ବୁଝି ପାରିବା ପରି ସମ୍ବିତ ଆଖି ବୁଜି ମୁହଁ ବୁଲେଇ ନେଲା ।

ଛାୟା ପୁଣି ଥରେ ଅନେଇଲା ସେ ରିପୋର୍ଟକୁ । ଅକ୍ଷରସବୁ ଅସ୍ୱଷ୍ଟ ହେଇ ଯାଇଥିଲେ ତା ଆଗରେ । ଦେହ ଅଚାନକ ଅବଶ, ନିସ୍ତେଜ, ଜଡ଼ ପାଲଟି ଯାଉଥିଲା ଯେମିତି । ଧୀରେ ଧୀରେ ବେଡ୍ ଧାରରେ ବସି ପଡିଲା ତଳେ । ଦି ଆଣ୍ଠୁଭିତରେ ନିଜ ମୁହଁକୁ ଗୁଂଜି ଦେଇ ।

ଚାରିଆଡେ ନିରବ । ନିସ୍ତବ୍ଧ ।

ନୀରବତାର ଗଭୀରତା ବଢି ଚାଲିଥିଲା । ସମୟ ସାଙ୍ଗରେ ତାଳ ଦେଇ । ଗୋଟେ ଭୟଙ୍କର ଶୁନ୍ୟତା ମାଡ଼ିଚାଲିଥିଲା ଚାରିଆଡେ ନୀରବତା ସହ ।

ଏମିତି କେତେ ସମୟ ବିତିଲା କେଜାଣି । ଯୁଗଟେ, ଜୀବନଟେ, କି ଆହୁରି ବ୍ୟାପ୍ତ ସେ ସମୟ । କି ସମୟ ଯେ ସ୍ଥିର ହେଇଯାଇଥିଲା ଜଣା ପଡ଼ିଲାନି ।

ବାହାରେ ସକାଳ ଯାଇ ସଞ୍ଜ ହେଲା ।

କଲିଂ ବେଲର ଶବ୍ଦରେ ସ୍ଥାଣୁତ୍ୱ ଭାଙ୍ଗିଗଲା । ଶାମକୁ ତା ସାଙ୍ଗର ବାପା ଛାଡି ଦେଇଗଲେ । ଘରେ ପଶୁ ପଶୁ ସେ ଡାକିଲା, "ମା' ଖାଇବାକୁ ଦେ ।" ବଡ଼ ପାଟିରେ ବାପାକୁ ଜଣେଇଦେଲା, "ବାପା, ମୁଁ ଇଣ୍ଟରସ୍କୁଲ ଚେସ୍ ଚାମ୍ପିୟାନସିପ୍ ପାଇଁ ସିଲେକ୍ଟ ହେଇଛି । ମୋତେ ଯିବାକୁ ହେବ । ତମେ ତମ ଡ଼ାଇରୀ ଫ୍ରି ରଖିବ ଶନିବାର ଦିନ ।" ତାପରେ ବସିଗଲା ଟିଭି ଆଗରେ ।

ନିଜକୁ ଉଠେଇଲା ଛାୟା । ରୋଷେଇ ଘରକୁ ଗଲା ।

ରୋଷେଇ ଓ ଟିଭିର ମିଶାମିଶି ଶବ୍ଦଭିତରେ ବି ନିରବତାଟା ଖୁବ ବାରି ହେଉଥିଲା । ବରଂ ଧୀରେ ଧୀରେ ଆହୁରି ଗଭୀର ଓ ଗମ୍ଭୀର ହେଉଥିଲା ନିରବତା । ଘରଭିତରେ ଯେମିତି ତୁଷାର ପଡି ଭର୍ତ୍ତି ହେଇଯାଉଥିଲା ସବୁ କୋଣ ଅନୁକୋଣ ଓ ଜମାଟ ବାନ୍ଧୁଥିଲା ବରଫ । ପଥର ପରି ସେ ବରଫ ବାନ୍ଧି ଦେଇଥିଲା ଦେହ, ମନ, ହୃଦୟ । ରୁନ୍ଧି ହେଇ ଅଣନିଶ୍ୱାସୀ ଲାଗୁଥିଲା । ଅସହାୟତାର ଏକ ଅସହ୍ୟ ଶୈତ୍ୟ ସଞ୍ଚରି ଯାଉଥିଲା - ଦେହରେ, ମନରେ ।

ଥଳ ପାଉ ନଥିବା ଅନ୍ଧାର ଭିତରେ ସମ୍ବିତର ଏକାକୀତ୍ୱ ଅସମ୍ଭବ ଭାବେ ବଢିଯାଉଥିଲା ।

∞∞

**ଡା: ନୀଳମାଧବ କର,** ଜଣେ ମନ ଚିକିତ୍ସକ ଓ ଗବେଷକ । ଭେଷଜ ବିଜ୍ଞାନରେ ତାଙ୍କର ଅନେକ ଗବେଷଣାତ୍ମକ ଲେଖା ଓ ପୁସ୍ତକ ପ୍ରକାଶିତ ହୋଇଛି । ସେ ସାହିତ୍ୟରେ ରୁଚି ରଖନ୍ତି, କବିତା, ଗଳ୍ପ ଓ ମଝିରେ ମଝିରେ ପ୍ରବନ୍ଧ ଲେଖନ୍ତି । 'ତମ ପାଇଁ' ତାଙ୍କର ପ୍ରଥମ ପ୍ରକାଶିତ କବିତା ପୁସ୍ତକ; ପରେ ସେ ଅନୁବାଦ କରିଥିବା ରିଭରବରେଶନ, ଟୁମାରୋ'ସ୍ ସନ ଆଦି ପୁସ୍ତକ ପ୍ରକାଶିତ ହୋଇଛି । ସେ ଓଲଭରହାମ୍ପଟନ, ଇଂଲଣ୍ଡରେ ରହନ୍ତି ।

∞∞

# ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ

# Srujan: The Creativity Journal

## Information about the journal

ସୃଜନ : ଦି କ୍ରିଏଟିଭିଟି ଜର୍ଣ୍ଣାଲ [The Srujan: The Creativity Journal (SCJ)] is an endeavour to showcase creative excellence from Odisha and promote it worldwide. This will include Poetry, Short Stories, Paintings, Photography, Dance, Sculpting and any other creative outputs. It is an attempt to put together the choicest creative articles in Odia Literature and creativity in other artistic expressions linked to Odisha for an international readership; with an aim of propagating, promoting Odia literature and creativity worldwide.

### Articles

Articles of creative writing (poems, short stories, paintings, sculpting, dance, photographs, and other art forms etc.) related to Odisha are included in this International Journal.

It is designed to be a multilingual journal. Translations from different languages to Odia and from Odia to other languages (with written permissions from original copy right holder) are also accepted.

Articles from authors connected to Odisha who are writing in other languages are also welcome (preferably in English).

Journal also encourages readers to suggest a good piece of creative writing or art of an author or creator to be included in this journal.

### Periodicity

At the moment it is thrice a year: around **April, August and December**. The frequency may increase. There is provision of special issues occasionally.

## Instruction to authors

### Type of articles

**Poems:** Upto 3 short poems can be submitted. Shorter poems with less than 20 lines are better.

**Short stories:** Only one short story at a time; preferrably in around 2000 words or less.

**Painting:** One or more paintings can be presented, along with a write up about the paintings, title, and theme, method of painting and about the painter. High quality JPEG files are needed.

**Photographs:** Artistic photographs can be submitted, one or more at a time, along with a write up about them. Photographs of creative sculptures can also be submitted. Photographs should be in high resolution JPEG files.

**Photographs of dance / Dancer / with explanations**

**Photographs of sculptures / sculpting**

**Biography of famous creators in history:** Article on a creative person, detailing their creative achievements, and background can be submitted with relevant photographs. These articles are expected to be no more than 500 words.

## Publication Ethics

It is important that the authors need to adhere to the publication ethics. If plagiarism or any other unethical practice is brought the notice of the editorial board, a process will be followed and the article will be retracted and the readers will be informed. Readers are encouraged to report plagiarism or any unethical practice to the editorial board. Authors will remain responsible for any conflicts about their submission. Editorial board or the publishers will not have any liability.

## Submission of articles

**Articles are submitted by email**. srujan.journal@gmail.com or srujan@instituteofinsight.org Communication regarding outcome of the article (acceptance or rejection) will be communicated in a reasonable time frame or within 3-6 months. The scope of additional communication is limited, considering that the project is supported by volunteers.

## Selection process

Some articles are invited. All other submitted articles are subjected to a review process (mostly double-blind / anonymous without the identities of authors or reviewers disclosed). Following review, based on the reviewers' feedback, articles are selected for publication. Editors facilitate the overall process. Articles with objectionable content that may hurt the sentiments are rejected. Articles without adequate info on the 'author instructions' will not be processed further. Please check for spelling mistakes, typographical issues before submission. Editors' decisions are final.

## Copyright

Authors retain the copyright. The articles are published under suitable CreativeCommons License. Authors can submit their articles published in

the past, if they hold the copyright, or have written permission from the previous publisher to republish. In the latter case the authors need to provide the written permission from the original copyright holder.

### Preparation of the manuscript

Articles should be prepared in MS Word, any editable Font (Unicode font, e.g Kalinga). Please check spellings, and avoid objectionable content.
Save the file in **your name and the type of article** (e.g. Ramnath Lenka - Poem)

## Please provide these details

1. Author name* [if you use a pseudonym, please provide actual name, address and phone number]
2. Address: Current place of residence, State/Country*
3. Author biography (around 50-100 words) Example style: Name Surname, Artistry, usual work, … etc. …],* Please make it in one paragraph, to be written in third person.
4. Email*
   *[Please note: Articles sent from your email will be considered as your confirmation that it is your original article, and you will be solely responsible for any dispute or copyright violation.]*
5. Phone/WhatsApp (*not to be published*)
6. The details previous publication (if any) of submitted article: name of the magazine/newspaper where published, Year (date). *If published earlier, please ensure that, if needed, you have authority to republish or have written permission from the original publisher / copyright holder to republish.*
7. Title of the article
8. Content of the article
9. If submitting photographs of paintings, sculptures or artistic photography, etc., these should be given in high resolution JPEG files separately. JPEG file names should have the name of the author/contributor.

## Readers' page

Readers are at the heart of this creative endeavour. Thanks for reading and sharing the contents.

Srujan encourages readers to send their observations and specific suggestions to improve the journal's rearch, readability and quality.

Suggestions on specific published articles are also welcome.

The Srujan team encourages all the readers to spot the creativity associated with Odisha, Odia culture and suggest the creators to submit their articles for sharing them worldwide through this journal.

To receive each issue of this journal regularly, readers can send an email to srujan.journal@gmail.com mentioning their name and 'reader' in the subject line. The electronic copy of the journal is freely circulated.

**The Institute of Insight, UK**
**[A non-profit organisation]**

The Institute of Insight is a non-profit organisation with an objective to advance education, promote health and creativity to improve quality of life by providing opportunities for lifelong learning, training, appropriate services, research, and publications for the benefit of general public and professionals worldwide.

The Institute is working in partnership with **Quality of Life Research and Development Foundation (QoLReF)** and **Geriatric Care and Research organisation (GeriCaRe)** which are academic and charitable organisations supported by resource persons worldwide.

The Institute of Insight is currently supporting various public education initiatives, research related works and publications. It is contributing to the Healthy Ageing Conference a public education event in India, for elderly people and their caregivers. It sponsors publication of Journal of Geriatric Care and Research, Srujan, The Creativity Journal, which are freely available to general public and professionals.